

ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତିଙ୍କୁ ୫ ବର୍ଷ ଜେଲ୍ | ପୃଷ୍ଠା ୪

# ସଂଚାର
THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 295 | ଭାଗ ୩୩ | ସଂଖ୍ୟା ୨୯୫ — Saturday 17 January 2026 | Page 8 Rs. 5.00 — ଭୁବନେଶ୍ୱର ଶନିବାର ୧୭ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ମୁଖ୍ୟମନ୍ତ୍ରୀ ଦେଲେ ବିକାଶର ଚିତ୍ର

## ୧୦ ବର୍ଷରେ ଷ୍ଟାର୍ଟଅପ୍ ଦେଇଛି ୨୧ ଲକ୍ଷ ନିଯୁକ୍ତି



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାର ଷ୍ଟାର୍ଟଅପ୍ ପରିବେଶ ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଛି। ବିଶ୍ୱସ୍ତରରେ ଷ୍ଟାର୍ଟଅପ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଓଡ଼ିଶା ତୃତୀୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ସୋସିଆଲ ମିଡିଆ 'ଏକ୍ସ' ପୋଷ୍ଟରେ ରାଜ୍ୟର ଷ୍ଟାର୍ଟଅପ ବିକାଶର ଚିତ୍ର ଉପସ୍ଥାପନ କରିଛନ୍ତି।

ସରକାରୀ ତଥ୍ୟ ଓ ଇକୋସିଷ୍ଟମ୍ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ଓଡ଼ିଶାରେ ପ୍ରାୟ ୩,୨୧୧ଟି ସକ୍ରିୟ ଷ୍ଟାର୍ଟଅପ ରହିଛି। ସେଥିମଧ୍ୟରୁ ଅଧିକାଂଶ ଗତ ୫ ବର୍ଷ ମଧ୍ୟରେ ଗଠିତ ହୋଇଛନ୍ତି, ଯାହା କୋଭିଡ ପରବର୍ତ୍ତୀ ଉଦ୍ୟମିତାର ବୃଦ୍ଧିକୁ ଦର୍ଶାଉଛି। ଭୁବନେଶ୍ୱର ବ୍ୟତୀତ ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ବହୁ ସଂଖ୍ୟାରେ ଯୁବକଯୁବତୀ ଷ୍ଟାର୍ଟଅପ ମାଧ୍ୟମରେ ନିଜକୁ ଆତ୍ମନିର୍ଭରଶୀଳ କରିପାରିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଦେଶରେ ୨ ଲକ୍ଷରୁ ଅଧିକ ସକ୍ରିୟ ଷ୍ଟାର୍ଟଅପ ଗଢ଼ି ଉଠିଛି। ଏହା ମାଧ୍ୟମରେ ଦେଶର ୨୧ ଲକ୍ଷରୁ ଅଧିକ ଯୁବବର୍ଗଙ୍କୁ ନୂଆ ନିଯୁକ୍ତି ସୁଯୋଗ ପୃଷ୍ଠା-୬

ଏକକାଳୀନ ୨୦ଟି ସ୍ଥାନରେ ଇଡିର ଘଣ୍ଟାଚକଟା

# ବାଟି ବାଟି ସମ୍ପତ୍ତି, ଆଲମୀରାଭର୍ତ୍ତି ଟଙ୍କା

- ଟଙ୍କାର ପାହାଡ଼ ଦେଖି ଅଧିକାରୀ ତାଜୁବ୍
- ବାଲି ଚାଲାଣରୁ ଛାଣିଛନ୍ତି ଅପର୍ଯ୍ୟାପ୍ତ ସମ୍ପତ୍ତି
- ଚଢ଼ାଉରେ ସାମିଲ୍ ଅଛନ୍ତି ୧୦୦ରୁ ଅଧିକ କର୍ମଚାରୀ




**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଆଲମାରୀ ଭର୍ତ୍ତି ବଣ୍ଡଲ ବଣ୍ଡଲ କ୍ୟାସ୍ ଆଉ ଘରେ ବାଟି ବାଟି ସମ୍ପତ୍ତିର କାଗଜପତ୍ର। ତଲାସୀ ସମୟରେ ଏସବୁ ଠାବ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଅଧିକାରୀମାନଙ୍କ ଆଖି ଖୋସି ହୋଇଯାଇଛି। ଆଜି ଇଡି ପକ୍ଷରୁ କଟକ, ଭୁବନେଶ୍ୱର, ଗଞ୍ଜାମର ୨୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିବା ବେଳେ ବ୍ୟାପକ ଟଙ୍କା ଠାବ କରାଯାଇଛି। ଏହି ଚଢ଼ାଉ ବାଲି ମାଫିଆଙ୍କ ବିରୋଧରେ କୋଟି କୋଟି ଟଙ୍କା ଠୁଳ କରିଥିବା ଅଭିଯୋଗ ଆଧାରରେ ହୋଇଥିବା ବେଳେ ଗଞ୍ଜାମରେ ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ଘରୁ ଏକ ଟଙ୍କା ଭର୍ତ୍ତି ଆଲମୀରାକୁ ଠାବ କରାଯାଇଛି, ଯେଉଁଥିରେ କୋଟି କୋଟି ଟଙ୍କାର ୫ ଶହ ଟଙ୍କିଆ ବିଡ଼ା ରହିଛି। ଶ୍ରୀ ପାଢ଼ୀଙ୍କ ସମେତ ୬ ଜଣ ବ୍ୟବସାୟୀଙ୍କ ବାସଭବନ ଓ ସେମାନଙ୍କ ସହ ଜଡ଼ିତ ଅନ୍ୟାନ୍ୟ କେତେକ ସ୍ଥାନରେ ଚଢ଼ାଉ ଜାରି ରହିଛି।

ପାଖାପାଖି ୧୦୦ ଜଣ ଇଡି କର୍ମଚାରୀଙ୍କ ପକ୍ଷରୁ ହୋଇଥିବା ଚଢ଼ାଉରେ ଶ୍ରୀ ପାଢ଼ୀଙ୍କ ଶେରଗଡ଼ସ୍ଥିତ ବାସଭବନ ସହ ପେଟ୍ରୋଲ ପମ୍ପ ଓ ଟିଭିଏସ ଶୋ' ରୁମ୍ ସାମିଲ୍ ରହିଛି। ଏହାଛଡ଼ା ତାଙ୍କ ପୁଅ ସଚିନଙ୍କ ବ୍ରହ୍ମପୁରର ଜୟପ୍ରକାଶ ନଗର ଓ ଅମ୍ବିକାନଗରସ୍ଥିତ ବାସଭବନରେ ବି ଇଡି ଘଣ୍ଟାଚକଟା ଚଳାଇଛି। ସେଠାରୁ ଅଧିକାରୀମାନଙ୍କୁ ବାଟି ବାଟି ସମ୍ପତ୍ତି ଥିବା ନେଇ କାଗଜପତ୍ର ଜବତ କରାଯାଇଛି। ପୃଷ୍ଠା-୬

ନିଲମ୍ବନ ପରେ ଶକ୍ତି ପ୍ରଦର୍ଶନ

## ଅଭିଯୋଗର ପ୍ରମାଣ ମାଗିଲେ ଅରବିନ୍ଦ

### ବିଧାୟକ ଅଛି, ୨୦୨୯ ପର୍ଯ୍ୟନ୍ତ ବିଧାୟକ ରହିବି

### ମୁଁ କୌଣସି ଦଳବିରୋଧୀ କାର୍ଯ୍ୟ କରିନି



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ବିଜେଡିରୁ ନିଲମ୍ବିତ ହେବା ପରେ ବିଧାୟକ ଅରବିନ୍ଦ ମହାପାତ୍ର ପାଟକୁରାରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। କହିଛନ୍ତି ମୁଁ ବିଧାୟକ ଥିଲି, ରହିବି। ବିଜେଡି ସଭାପତିଙ୍କ ନିଷ୍ପତ୍ତି ମତେ ଆଶ୍ଚର୍ଯ୍ୟ କରିଛି। ତେବେ ମୋ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାର ପ୍ରମାଣ ସଭାପତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ଗୁରୁବାର ସମସ୍ତଙ୍କୁ ଚକିତ କଲା ଭଳି ନବୀନ ପଟ୍ଟନାୟକ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କୁ ନିଲମ୍ବିତ କରିଛନ୍ତି। ସେମାନଙ୍କ ବିରୋଧରେ ଦୁର୍ନୀତିଖୋର ବିଶ୍ୱାସଘାତକର ଆଖ୍ୟା ଦେଇଛନ୍ତି। ଏହାର ଜବାବ ଦେଇଛନ୍ତି ଅରବିନ୍ଦ। ପାଟକୁରା ନିର୍ବାଚନମଣ୍ଡଳୀର ତିନୋଟି ବ୍ଲକରେ କୌଣସି ଦୁର୍ନୀତି ଅଭିଯୋଗ ଆସିନି। ବିରୋଧୀ ଦଳରେ ଥାଇ ଦୁର୍ନୀତିର କୌଣସି ସୁଯୋଗ ନାହିଁ। ଏହାକୁ ଯେକେହି ଚାହିଁଲେ ପ୍ରମାଣ କରିପାରିବେ। ସେହିଭଳି ଦଳ ବିରୋଧୀ କାର୍ଯ୍ୟରେ ମୁଁ ଆଦୌ ସମ୍ପୃକ୍ତ ନୁହେଁ ବୋଲି ସେ ଦାବି କରିଛନ୍ତି। ଦେଢ଼ ବର୍ଷ ହେଲା ମୁଁ ବିଧାୟକ ହୋଇଛି ଏବଂ ମୁଁ ଦଳର ସବୁ କାର୍ଯ୍ୟକ୍ରମରେ ସାମିଲ ହୋଇଛି। ମୋ ବିରୋଧରେ ଯେଉଁ ଅଭିଯୋଗ ଅଣାଯାଇଛି, ତାର ପ୍ରମାଣ ଦେବା ଦରକାର। ଯେଉଁମାନେ ନବୀନ ପୃଷ୍ଠା-୬

ମୁହଁ ଖୋଲିଲେ ବିଜୟ

### ନିଲମ୍ବନ ପଛରେ ବଡ଼ ଷଡ଼ଯନ୍ତ୍ର

ବିଶ୍ୱାସଘାତକ କିଏ ଲୋକେ ବିଚାର କରିବେ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ବିଜେଡିରୁ ପୁଅ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପଛରେ ରହିଛି ବଡ଼ ଷଡଯନ୍ତ୍ର। ଆଜି ପୁଅ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଗଣମାଧ୍ୟକୁ ପ୍ରତିକ୍ରିୟା ଦେଇ ସେ ଏଭଳି ସନ୍ଦେହ ପ୍ରକାଶ କରିଛନ୍ତି ବିଜୟ ମହାପାତ୍ର। ଅରବିନ୍ଦଙ୍କୁ ଦଳ ବିରୋଧୀ ବୋଲି କହି ନିଲମ୍ବିତ କରାଯାଇଛି। କିନ୍ତୁ ସେ କି ଦଳ ବିରୋଧୀ କାମ କରିଛନ୍ତି, ସେ ସମ୍ପର୍କରେ ନବୀନ ପଟ୍ଟନାୟକ ସ୍ପଷ୍ଟ ଉତ୍ତର ରଖିବା ଦରକାର। ରାଜ୍ୟବାସୀ ତାଙ୍କ ଉତ୍ତରକୁ ଅପେକ୍ଷା କରିଛନ୍ତି ବୋଲି ବିଜୟ କହିଛନ୍ତି। ଦୀର୍ଘ ୨୬ ବର୍ଷ ତଳେ ନବୀନ ବିଜୟଙ୍କୁ ପୃଷ୍ଠା-୬

ନିପା ଭାଇରସ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ସତର୍କ ରୁହନ୍ତୁ ସୀମାବର୍ତ୍ତୀ ଜିଲ୍ଲା

**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ନିକଟରେ ପଡ଼ୋଶୀ ପଶ୍ଚିମବଙ୍ଗରେ ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀ ନିପା ଭାଇରସ୍ ଦ୍ୱାରା ସଂକ୍ରମିତ ହେବା ପରେ ଏହାକୁ ନେଇ ଓଡ଼ିଶାରେ ସାମାନ୍ୟ ଚିନ୍ତା ପ୍ରକଟ କରାଯାଇଛି। ତେବେ ଗତକାଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ରାଜ୍ୟବାସୀଙ୍କୁ ଏହି ଭାଇରସ୍‌କୁ ନେଇ କୌଣସି ପ୍ରକାର ଚିନ୍ତା କରିବା ଭଳି ସ୍ଥିତି ନ ଥିବା ସ୍ପଷ୍ଟ କରିଥିଲେ। ଏହି କ୍ରମରେ ଆଜି ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଡା. ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ, ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ରହି ଏହି ଭାଇରସ୍ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।



ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ପଶ୍ଚିମବଙ୍ଗରେ ନିପା ଭାଇରସ ମାମଲା ସ୍ପଷ୍ଟ ହେବା ପରେ ଓଡ଼ିଶାରେ ପ୍ରତିରୋଧମୂଳକ ବୈଠକ ଅନୁଷ୍ଠିତ ହୋଇଛି। କିନ୍ତୁ ରାଜ୍ୟରେ ବର୍ତ୍ତମାନ କୌଣସି ନିପା ଭାଇରସର ସନ୍ଦିଗ୍ଧ ମାମଲା ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ମଧ୍ୟ ଏପରି କୌଣସି ସ୍ଥିତି ସକାଶେ ସମ୍ପୂର୍ଣ୍ଣ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ସାଧାରଣ ଜନତାଙ୍କୁ ଆତଙ୍କିତ ନ ହେବାକୁ ପୃଷ୍ଠା-୬

ଖାଦାନରୁ ଖନନ ବେଳେ ଅଘଟଣ

### ଦୁଇ ମୃତ, ଜଣେ ଗୁରୁତର



**ମାଲକାନଗିରି, ୧୬।୧ (ସଂଚାର ବ୍ୟୁରୋ):** ମାଲକାନଗିରିରେ ବେଆଇନ ପଥର ଖାଦାନରେ ଖନନ ସମୟରେ ଘଟିଛି ଅଘଟଣ। ପଥର ପଡ଼ିବା ଫଳରେ ସେଠାରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମାଲକାନଗିରି ସହରର ପ୍ରବେଶ ଦ୍ୱାର ତାରିଣୀ ମନ୍ଦିର କଡ଼ରେ ଥିବା ପଥର କୁଆଁରୀ ପାହାଡ଼ରେ ଘଟିଛି ଏହି ଅଘଟଣ। ମୃତ୍ୟୁବରଣ କରିଥିବା ଦୁଇ ଶ୍ରମିକ ହେଲେ ସତ୍ୟମଗୁଡ଼ାର ଟୁନା ଗାଦବା (୨୧) ଓ ଚମ୍ପାଖାରିର ମିଟୁ ମାଢ଼ି (୩୧)। ତେବେ ଦୁର୍ଘଟଣା ଘଟିବା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ସମେତ ଅନ୍ୟ ଶ୍ରମିକମାନେ ଚମ୍ପଟ୍ ମାରିଥିଲେ। ଖବର ପାଇ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ ଓ ସତ୍ୟମଗୁଡା ଗ୍ରାମବାସୀ ଘଟଣାସ୍ଥଳରେ ପୃଷ୍ଠା-୬

ଅଠାକାଠିରେ ଭଣ୍ଡାରିପୋଖରୀ ବିଧାୟକ

### ବିଧାୟକଙ୍କ ସମ୍ପତ୍ତିର ଉତ୍ସ ଖୋଜିବ ପୁଲିସ୍



ତଦନ୍ତ ପାଇଁ ଏସ୍‌ପିଙ୍କୁ ଇଓଡବ୍ଲ୍ୟୁର ନିର୍ଦ୍ଦେଶ

**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ବିଜେଡିର ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଅଡୁଆ ବଢ଼ିଛି। ତାଙ୍କ ବିରୋଧରେ ଗତ ବର୍ଷ ହୋଇଥିବା ଅଭିଯୋଗକୁ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଭଦ୍ରକ ଏସପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଶ୍ରୀରାମ ସ୍ୱରୂପ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ଏହି ତଦନ୍ତ ଆରମ୍ଭ ହୋଇଛି।

ଆଇନଜୀବୀ ଶ୍ରୀ ମହାପାତ୍ର ଗତ ବର୍ଷ ମେ' ୫ ତାରିଖରେ ପୃଷ୍ଠା-୬

## ଆଉ ଲୋଡ଼ାନାହିଁ ଏନଓସି

### ସ୍ଥାୟୀ ଅନୁମତି ଜାରି କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଏଣିକି ପରୀକ୍ଷା କିମ୍ବା ଚାକିରି ପାଇଁ ଆଉ ଏନ୍‌ଓସିର ଆବଶ୍ୟକତା ପଡ଼ିବ ନାହିଁ। କାରଣ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀଙ୍କ ପାଇଁ ସ୍ଥାୟୀ ଅନୁମତି ଜାରି କରିଛନ୍ତି। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତିକୁ ଐତିହାସିକ ବୋଲି କୁହାଯାଉଛି। ଏବେ ନିଜ କ୍ୟାରିୟରରେ ଉନ୍ନତି କରିପାରିବେ ସରକାରୀ କର୍ମଚାରୀ। ଫଳତଃ ଚାକିରି ଆଶାୟୀ ସରକାରୀ କର୍ମଚାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।




ସାଧାରଣ ପ୍ରଶାସନ ବିଭାଗ ଅଧୀନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଅନ୍ୟତ୍ର ଚାକିରି ଆବେଦନ ପାଇଁ ବାରମ୍ବାର ଏନଓସି ମାଗିବାକୁ ପଡ଼ିବ ନାହିଁ। ଏଣିକି ସମସ୍ତ କର୍ମଚାରୀଙ୍କ ପାଇଁ ଏକ ଷ୍ଟାଣ୍ଡିଂ ପରମିସନ୍ ବା ସ୍ଥାୟୀ ଅନୁମତି ପ୍ରଦାନ କରିଛନ୍ତି। ଏହି ନିର୍ଦ୍ଦେଶନାମା ବଳରେ କର୍ମଚାରୀମାନେ ୟୁପିଏସସି, ଓପିଏସସି, ଏସଏସବି, ଓଏସଏସସି ଭଳି ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ସିଧାସଳଖ ଆବେଦନ କରିପାରିବେ। ପୂର୍ବରୁ ପ୍ରତିଟି ଆବେଦନ ପାଇଁ ପୃଥକ ଭାବେ ଏନଓସି ନେବା ପ୍ରକ୍ରିୟା ବେଶ ସମୟସାପେକ୍ଷ ଥିଲା। ରୁଟିନ କାମରେ ଅନାବଶ୍ୟକ ଫାଇଲ୍ କାମ ବଢୁଥିଲା। ତେବେ ପରୀକ୍ଷା ଦେବାକୁ ଯିବା ପୂର୍ବରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଛୁଟି ଓ ହେଡକ୍ୱାର୍ଟର ଛାଡ଼ିବା ପାଇଁ ଅନୁମତି ନେବା ବାଧ୍ୟତାମୂଳକ। ଏଥିପାଇଁ ସେମାନଙ୍କୁ ଆଡମିଟ୍ କାର୍ଡ ଦେଖାଇବାକୁ ପଡ଼ିବ। ନୂଆ ଚାକିରିରେ ଚୟନ ହେବା ପରେ, ବର୍ତ୍ତମାନର ପଦବୀରୁ ଅବ୍ୟାହତି ପାଇବା ପାଇଁ ବିଧିବଦ୍ଧ ଭାବେ ବିଭାଗର ଅନୁମତି ଲୋଡ଼ା ହେବ।

ଏନ୍‌ଇପି ଆଧାରରେ ପାଠ୍ୟପୁସ୍ତକ ବିକାଶ ପ୍ରକ୍ରିୟାର ସମୀକ୍ଷା

## ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ମନ୍ତ୍ର

- ୨୦୨୬ରୁ ୨୦୩୬ ବର୍ଷର ପ୍ରସ୍ତୁତି ଉପରେ ଗୁରୁତ୍ୱ
- ଛୋଟ ପ୍ରୟାସରୁ ଆସିବ ବଡ଼ ପରିବର୍ତ୍ତନ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ପରିଦର୍ଶନରେ ଆସି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଠ୍ୟକ୍ରମ ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ସମ୍ପର୍କିତ ଏକ ବୈଠକରେ ଯୋଗ ଦେଇଛନ୍ତି। ଏହି ଆଲୋଚନାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଶର୍ମା ଅବସ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇଏଣ୍ଡ୍‌ଏସ୍‌ସିଇଆର୍‌ଟି) ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଏନସିଇଆରଟିର ବରିଷ୍ଠ ପ୍ରାଧ୍ୟାପକ ରଞ୍ଜନ ଅରୋରା ଉପସ୍ଥିତ ଥିଲେ। ଏଥିସହ ୩୦ଟି ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ସମସ୍ତ ଜିଲ୍ଲା ଡାଏଟ୍, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ୍ ମଧ୍ୟ ଆଭାସୀରେ ସାମିଲ୍ ହୋଇଥିଲେ। ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ ଆଧାରରେ ରାଜ୍ୟ ସରକାର ପାଠ୍ୟପୁସ୍ତକର ବିକାଶ କରୁଛନ୍ତି। ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷରୁ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ନିମନ୍ତେ ୫୫ଟି ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏନେଇ ଜିଲ୍ଲାଧିକାରୀମାନଙ୍କ ସହ କେନ୍ଦ୍ର ମନ୍ତ୍ରୀ ଆଲୋଚନା କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ପାଠ୍ୟକ୍ରମର ବିକାଶ ଓ ମାଷ୍ଟର ରିସୋର୍ସ ପର୍ସନଙ୍କ ପୃଷ୍ଠା-୬



କାନ ଡେରିଆ

ବିଜେଡି ଦଳରେ ଚବିଶି ବରଷ
ମୁଖିଆ ଥିଲେ ଯେ ଭଲ
ସରକାର ଗଲା
ବିରୋଧୀ ଦଳରେ
ଦେଖ ତାଙ୍କ ହାଲଚାଲ
ଇଏ ରାଜନୀତି ମୂଲ...
ଫାଇଦା ଯୁଆଡେ
ଯିବା ପାଇଁ ପରା
ସବୁ ଏବେ କଲବଲ ।

■ ଦେବାଶିଷ

# ରାଜନୈତିକ ହତ୍ୟାରେ ନବୀନଙ୍କ ରେକର୍ଡ

- ବାପ ପୁଅ କାହାରିକୁ ବି ଛାଡ଼ିଲେନି
- ଲମ୍ବା ତାଲିକାରେ ଅନେକ ପୁରୁଖା



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଶାସନ କରିବା ହେଉ କିମ୍ବା ବିରୋଧୀ ଦଳରେ ରହିବା ହେଉ, ବିଜେଡି ମୁଖିଆ ନବୀନ ପଟ୍ଟନାୟକ ତାଙ୍କ ରାଜନୈତିକ ଜୀବନରେ ଯେଉଁଭଳି ଜଣଙ୍କ ପରେ ଜଣେ ନେତାଙ୍କ ରାଜନୈତିକ କ୍ୟାରିଅରକୁ ହତ୍ୟା କରିଛନ୍ତି ତାହାର ତାଲିକା ବେଶ୍ ଲମ୍ବା। ଏହି ତାଲିକାରେ ପ୍ରଥମେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ନାମ ଥିବାବେଳେ ବର୍ତ୍ତମାନ ବିଜୟଙ୍କ ପୁତ୍ର ଅରବିନ୍ଦଙ୍କ ନାମ ରହିଛି।

ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ନବୀନ ଓଡିଶା ରାଜନୀତିକୁ ଆସିଥିଲେ। ପ୍ରଥମେ ସାଂସଦ ହୋଇ ଦିଲ୍ଲୀ ଯିବାପରେ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ଏହାପରେ ୨୦୦୦ ମସିହାରେ ଓଡିଶା ରାଜନୀତିର ମଞ୍ଚ ଧରିଥିଲେ। ଏହିଠାରୁ ହିଁ ଆରମ୍ଭ ହୋଇଥିବା ନବୀନଙ୍କ ରାଜନୈତିକ ହତ୍ୟା ଅଭିଯାନ। ଯେଉଁମାନେ ତାଙ୍କ ହାତଧରି ଦିଲ୍ଲୀରୁ ଓଡିଶା ଆଣିଥିଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଖୋଜି ଖୋଜି ନବୀନ ଶିକାର କରିଥିଲେ। ଏହି ଶିକାରର ଯେଉଁମାନେ ନକ୍ସା ପ୍ରସ୍ତୁତ କରିଥିଲେ ପରବର୍ତ୍ତୀ ସମୟରେ ସେମାନେ ବି ଶିକାର ହୋଇଯାଇଥିଲେ।

ନବୀନଙ୍କ ପ୍ରଥମ ଶିକାର ହୋଇଥିଲେ ସେତେବେଳର ବିଜେଡିର ଦୁଇ ନମ୍ବର ନେତା କୁହାଯାଉଥିବା ବିଜୟ ମହାପାତ୍ର। ପାଟକୁରା ଆସନରୁ ଶେଷ ମୂହୂର୍ତ୍ତରେ ବିଜୟଙ୍କ ନାମାଙ୍କନପତ୍ର କାଟି ନବୀନ ତାଙ୍କୁ ଝଟକା ଦେଇଥିଲେ। ବିଜୟ କିଭଳି ଆଉ ବିଧାନସଭାକୁ ନଆସିବେ ତାହାର ବ୍ୟବସ୍ଥା ବି କରିଥିଲେ। ଏହାକୁ ବିଜୟଙ୍କ ରାଜନୈତିକ ହତ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ। ସେବେଠାରୁ ବିଜୟ ଆଉ ବିଧାନସଭାକୁ ଆସିପାରି ନାହାନ୍ତି। ଏହାପରେ ୨୦୦୨ ମସିହାରେ ସାଂସଦ ଜଗନ୍ନାଥ ମଲ୍ଲିକଙ୍କୁ ଅପ୍ରତ୍ୟାଶିତ ଭାବେ ଦଳରୁ ନିଲମ୍ବିତ କରିଥିଲେ। ସେହିବର୍ଷ ସାଂସଦ ପ୍ରଭାତ ସାମନ୍ତରାୟ ଓ କୁମୁଦିନୀ ପଟ୍ଟନାୟଙ୍କ ବିରୁଦ୍ଧରେ ମଧ୍ୟ ସେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଉକ୍ତ ବର୍ଷରେ କେନ୍ଦ୍ରରେ ମନ୍ତ୍ରୀ ଥିବା ଦିଲ୍ଲୀପ ରାୟଙ୍କୁ ପୃଷ୍ଠା-୬

## ଡରାଉଛି ଦିଲ୍ଲୀପଙ୍କ ରାଜ୍ୟସଭା ସଜବାଜ

ଭୁଲିନାହାନ୍ତି ଅତୀତର କଥା



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟସଭାର ଚତୁର୍ଥ ଆସନକୁ ନେଇ ଅଙ୍କକଷା ଚାଲିଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଦିଲ୍ଲୀପ ରାୟଙ୍କ ସଜବାଜ ଏବେ ନବୀନଙ୍କୁ ପୁଣିଥରେ ଡରାଇଲାଣି। ଏଥର ବି ଦିଲ୍ଲୀପ ତାଙ୍କୁ ଚକ୍‌ମା ଦେଇ କ୍ରସ ଭୋଟିଂ କରି ରାଜ୍ୟସଭା ପଳାଇଯିବେ ବୋଲି ନବୀନ ବିଚାରୁଥିବା ନେଇ ଆଲୋଚନା ଚାଲିଛି। ଅତୀତରେ ନବୀନଙ୍କ ଅନିଚ୍ଛା ସତ୍ତ୍ୱେ ଦିଲ୍ଲୀପ ତାଙ୍କୁ ଚକ୍‌ମା ଦେଇ ରାଜ୍ୟସଭା ଯାଇଥିଲେ।

ନବୀନଙ୍କ ନାଲି ଆଖି ସତ୍ତ୍ୱେ ରାଜ୍ୟସଭା ନିର୍ବାଚନରେ ସେତେବେଳେ କ୍ରସ ଭୋଟିଂ ହୋଇଥିଲା। ଏପରିକି ତାଙ୍କ ପଛରେ ଲାଗିଥିବା ନବୀନଙ୍କ ସରକାରୀ ଗୁଇନ୍ଦାମାନଙ୍କୁ ବି ସେ ଚକ୍‌ମା ଦେଇପାରିଥିଲେ। ଭୁବନେଶ୍ୱରରୁ ରାଉରକେଲା ଟ୍ରେନ୍‌ରେ ଚଢ଼ି କିଭଳି ବାଟରେ ଓହ୍ଲାଇ ଦିଲ୍ଲୀପ ଭୁବନେଶ୍ୱର ଫେରିଥିଲେ, ତାହାକୁ ନବୀନ ଏବେ ବି ମନେ ରଖିଥିବେ। ପରବର୍ତ୍ତୀ ସମୟରେ ଯଦିଓ ନବୀନ-ଦିଲ୍ଲୀପ ଅନେକ ଥର ଭେଟଘାଟ ପୃଷ୍ଠା-୬

## ଜିଲ୍ଲା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା ଯୋଗଦେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ



**କେନ୍ଦ୍ରାପଡ଼ା,୧୬।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ,ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ,ବିଦ୍ୟାଳୟ ଓ ଗଣଶିକ୍ଷା,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ତାଙ୍କ ଭାଷଣରେ ଶିକ୍ଷା କ୍ଷେତ୍ରରେ ଆଗୁଆ ଜିଲ୍ଲା କେନ୍ଦ୍ରାପଡ଼ା କହିବା ସହିତ ଓଡିଶାରେ ଶିକ୍ଷା ନୀତି, ଶିକ୍ଷା କ୍ଷେତ୍ରରେ ସଂସ୍କାର, ଶିଶୁ ବାଟିକା, ଶିଶୁ ଶିକ୍ଷକ ନିଯୁକ୍ତି କୁ ଗୁରୁତ୍ୱ,ମଧ୍ୟାହ୍ନ ଭୋଜନ ରେ ପୁଷ୍ଟିକର ଖାଦ୍ୟ, ହଷ୍ଟେଲ ରହି ପାଠପଢୁଥିବା ଛାତ୍ର ଛାତ୍ରୀଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗେଇ ଦିଆଯାଉଛି ବୋଲି କହିଥିଲେ । ଏହାଛଡା ଭିତରକନିକା, କେନ୍ଦ୍ରାପଡା ରସାବଳି କଥା ଉପସ୍ଥାପନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅମୃତ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ସ୍ଥାନୀୟ କଳାକାର ଏବଂ ରାଜ୍ୟର ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସୁନାମି ଧନ୍ୟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ଲୋକଙ୍କୁ ବେଶ ମନୋରଞ୍ଜନ କରିଥିଲେ। ଆଜି ଜିଲ୍ଲା ମହୋତ୍ସବ ଉଦଯାପନି ହୋଇଥିବା ବେଳେ ପଲ୍ଲିଶ୍ରୀ ମେଳା ଆସନ୍ତା କାଲି ପର୍ଯ୍ୟନ୍ତ ଚାଲିବ। ପ୍ରକାଶଥାଉ କି ୧୨ ତାରିଖରୁ ଆରମ୍ଭ ହୋଇଥିବା ମେଳାରେ ଆଜି ପର୍ଯ୍ୟନ୍ତ ୯୮ ଲକ୍ଷରୁ ଅଧିକ ବିକ୍ରି ହୋଇଛି।

## ଜଗତସିଂହପୁର ପୁସ୍ତକମେଳା ଉଦ୍‌ଘାଟିତ



**ପାରାଦୀପ,୧୬।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ୨୭ତମ ଜଗତସିଂହପୁର ପୁସ୍ତକମେଳା -୨୦୨୬ ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ଭାଗିରଥି ଦାସଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଅବସରରେ ଉତ୍ସବରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ୍ ଅଧକ୍ଷତା କରିଥିଲେ। ଏହି ଉଦଘାଟନ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଥିଲେ ପୁସ୍ତକର ମହକ ସବୁବେଳେ ରହିଛି,ଯାହାକି ଆଉ କେଉଁଥିରେ ନଥାଏ। ଜଗତସିଂହପୁର ମାଟିରେ ସାରସ୍ୱତ ସାଧକ ମାନଙ୍କର ଅଭାବ ନାହିଁ । ଆମେ ସମସ୍ତେ ସେହି ମାନଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍ । ଖୁବ୍ ଶୀଘ୍ର ଜଗତସିଂହପୁର ସଦରମହକୁମାରେ ମାଟିର ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ବିଧାୟକ ଏହି ଅବସରରେ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା କହିଥିଲେ ଅବିଭାବକ ମାନେ ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ଉପରେ ଅତ୍ୟଧିକ ଧ୍ୟାନ ନ ଦେଇ ସମୟ ସମୟରେ କିଛି ମହାପୁରୁଷଙ୍କ ଜୀବନୀ ତଥା ସମାଜରେ ସଂସ୍କାର ଆଣିପାରୁଥିବା ଭଳି ପୁସ୍ତକ ପଢିବା ପାଇଁ ଉତ୍ସାହିତ କରିବା ଉଚିତ୍ । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଜଗତସିଂହପୁର ପୌର ପରିଷଦର ଅଧକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଚାହିଦା ପୂର୍ବ ପରି ଏବେ ବି ରହିଛି, ଯେଉଁଥିପାଇଁ ପୁସ୍ତକମେଳା ଗୁଡିକ ସଫଳ ହୋଇପାରୁଛି । ପୁସ୍ତକ ହିଁ ମଣିଷ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଏହି ପୁସ୍ତକ ମେଳା ସାତ ଦିନ ଧରି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଯୁବ ସମାଜସେବୀ ସଂଗ୍ରାମ ସାମଲ ଦିଲ୍ଲୀ ଉତ୍କଳ ଉତ୍ସବରେ ସମ୍ବର୍ଦ୍ଧିତ




**ପଟ୍ଟାମୁଣ୍ଡାଇ,୧୬।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଂଚାୟତ ମଣ୍ଡପଡା ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ସାମଲ ନିଜର ନିସ୍ୱାର୍ଥପର ଜନସେବା ପାଇଁ ଦିଲ୍ଲୀ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହାମାରୀ କରୋନା ସମୟରେ ଦୁସ୍ଥ ତଥା ଅସହାୟ ଲୋକଙ୍କ ପାଖରେ ଦେବଦୂତ ଭଳି ପହଂଚି ସହାୟତା ପ୍ରଦାନ କରିବା ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ସହାୟତା କରିଆସୁଛନ୍ତି । ନିକଟରେ ୱାର୍ଲଡ ଓଡିଶା ସୋସାଇଟି ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଉତ୍କଳ ଉତ୍ସବ ସମାରୋହରେ ଅନନ୍ୟ ସମାଜ ସେବା ପାଇଁ ଯୁବସମାଜ ସେବୀ ସଂଗ୍ରାମଙ୍କୁ 'ରତ୍ନଶ୍ରୀ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ୱାର୍ଲଡ ଓଡିଶା ସୋସାଇଟି ଅଧକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍କଳ ଉତ୍ସବ ସମାରୋହରେ ଓଡିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୁରମା ପାଢ଼ୀ, ଯାଜପୁର ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ପ୍ରମୁଖଙ୍କ ଯୋଗ ଦେଇ ଯୁବସମାଜସେବୀ ସଂଗ୍ରାମ ସାମଲ ଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

**ବ୍ଲକ୍ ନାକତଳେ ଅପହଞ୍ଚ ଯୋଜନା**

# ବିଜୁଳି ଦେଖିନି ସୁଶାନ୍ତିଙ୍କ ପରିବାର

**ଏବେବି ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ**

**ନଜର ଦେଇନାହାନ୍ତି ପଞ୍ଚାୟତ କର୍ତ୍ତୃପକ୍ଷ**



**ମହାକାଳପଡ଼ା,୧୬।୧ (ସଂଚାର ବ୍ୟୁରୋ):** ଆଜିପର୍ଯ୍ୟନ୍ତ ଜଣେ ଅସହାୟ ପରିବାର ନିକଟରେ ବିଦ୍ୟୁତ ସେବା ପହଞ୍ଚି ପାରିନାହିଁ। କେବଳ ବିଦ୍ୟୁତ୍ କାହିଁକି ସରକାରଙ୍କ ଆବାସ ଯୋଜନାରୁ ମଧ ବଞ୍ଚିତ ରହିଛନ୍ତି ଏହି ହିତାଧିକାରୀ। ଉନ୍ନୟନ ମୂଳକ କାର୍ଯ୍ୟର ନକ୍ସା ଆଙ୍କୁଥିବା ବ୍ଲକ୍ କାର୍ଯ୍ୟାଳୟର ନାକତଳେ ଏହି ଅନ୍ଧାରି ଚିତ୍ର ସାମ୍ନାକୁ ଆସିବା ପରେ ସରକାରଙ୍କ ଯୋଜନା ସାଧାରଣ ଲୋକଙ୍କ ପାଇଁ କେତେ ଫଳପ୍ରଦ ହେଉଛି ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହିଭଳି ଏକ ସମ୍ବେଦନଶୀଳ ଖବର ସାମ୍ନାକୁ ଆସିଛି ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ କୁହାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାରେ। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ଅଧିନସ୍ଥ ଚଡାଇଗୁଆଁ ଗ୍ରାମରେ ଅସହାୟ ଜୀବନ କାଟୁଛନ୍ତି ୬୦ ବର୍ଷୀୟା ସୁଶାନ୍ତି ଦାସ। ପରିବାର କହିଲେ କେବଳ ତାଙ୍କର ୧୮ ବର୍ଷୀୟା ଝିଅ ଲକ୍ଷ୍ମୀପ୍ରିୟା ଦାସ। ଦଶଦିନ ତଳେ ସ୍ୱାମୀ ପ୍ରମୋଦ ଦାସ(୭୦)ଙ୍କ ଦେହାନ୍ତ ହୋଇଯାଇଛି। ପ୍ରମୋଦ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ଅସହାୟ ହୋଇପଡିଛନ୍ତି ପତ୍ନୀ ସୁଶାନ୍ତି। ଯେଉଁ ଘରେ ସେ ମୁଣ୍ଡ ଗୁଞ୍ଜୁଛନ୍ତି ତାହାର ଅବସ୍ଥା ଦେଖିଲେ ଆପଣମାନଙ୍କ ମନରେ ଅଜଣା ଭୟ ସୃଷ୍ଟି ହେବା ସ୍ୱାଭାବିକ। କାନ୍ଥ ଭୁଷୁଡି ଯାଇ ମାଟିକୁ ସ୍ପର୍ଶ କରୁଛି। ସମ୍ବଳ ଅଭାବରୁ ତାହାର ମରାମତି କରିପାରୁ ନାହାନ୍ତି। ଦୀର୍ଘ ବର୍ଷ ଧରି ଛପର ନହୋଇ ଯେଉଁ ପାଲ ଖଣ୍ଡିଏ ଘୋଡାଇଥିଲେ ତାହା ମଧ ନଷ୍ଟ ହୋଇ ଯାଇଛି। ସରକାରଙ୍କ ଆବାସ ଯୋଜନା ସୁଶାନ୍ତିଙ୍କ ପାଇଁ ଯେମିତି ଉପହାସ ପାଲଟିଛି। କେବଳ ସେତିକି ନୁହେଁ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ମଧ ସେ ଦେଖି ନାହାନ୍ତି। ଡିବିରି ଆଲୁଅରେ ଅନ୍ଧାରି ଜୀବନ କାଟୁଛନ୍ତି ଅସହାୟ ସୁଶାନ୍ତି। କେବଳ ରାସନ୍ କାର୍ଡ ଖଣ୍ଡିକୁ ଛାଡ଼ିଦେଲେ ତାଙ୍କ ପାଖରେ ଆଉ କୌଣସି ସରକାରୀ ଯୋଜନା ପହଞ୍ଚି ପାରିନି। ଅଞ୍ଚଳର ବିକଶିତ ନକ୍ସା ଆଙ୍କୁଥିବା ମହାକାଳପଡ଼ା ବ୍ଲକର ନାକତଳେ ଜଣେ ଅସହାୟ ପରିବାର ଅନ୍ଧାରୀ ଜୀବନ କାଟୁଛନ୍ତି ଓ ସରକାରୀ ସହାୟତା ତାଙ୍କ ପାଖରେ ନପହଞ୍ଚିବା ଖବର ଲୋକପ୍ରତିନିଧିଙ୍କ ପାରିବା ପଣିଆକୁ ଯେତିକି ପ୍ରଶ୍ନ ସୃଷ୍ଟି କରୁଛି ତାହାଠୁ ଅଧିକ ପ୍ରଶ୍ନ ବ୍ଲକ୍ ପ୍ରଶାସନ ଉପରେ ଆଙ୍ଗୁଳି ଉଠାଉଛି।

## ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ଏସ୍‌ପି ଅଫିସ ଘେରାଉ କଲା ଜିଲ୍ଲା ବିଜେଡି



**କେନ୍ଦ୍ରାପଡା, ୧୬।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ପୁଲିସ ଏବେ ଗେରୁଆ ଗାମୁଛାଧାରୀଙ୍କୁ ସମ୍ମାନ ଦେଉଛି । ଗେରୁଆ ଗାମଛା ପକାଇଥିବା ଲୋକମାନେ ଯାହା ଦୋଷ କଲେ ସେମାନଙ୍କୁ ତିନିଖୁଣ ମାଫ । କିନ୍ତୁ ସାଧାରଣ ଜନତା ଟିକେ ଭୁଲ କଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଜେଲ। ଥାନା ଏବେ ବିଜେପି ଅଫିସରରେ ପରିଣତ ହୋଇଛି। ବିଜେଡି ବିଧାୟକମାନେ ଏହି ଅଭିଯୋଗ କରି ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରି ଗିରଫ ହୋଇଛନ୍ତି। ହଜାର ହଜାର ସଂଖ୍ୟାରେ ବିଜେଡି ବିଜେପି ସରକାର ବିରୋଧରେ ପ୍ରତିବାଦ କରି ଏସ୍‌ପି ଅଫିସ ନିକଟକୁ ଯାଇଥିଲେ। ସେଠାରେ ଏସ୍‌ପିଙ୍କ ଠାରୁ ଜିଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ କରିଥିଲେ।

ଜିଲ୍ଲା ବିଜୁ ଜନତା ଦଳ ସଭାପତି ଶିବ ପ୍ରସାଦ ଭଳଙ୍କ ଅଧକ୍ଷତାରେ ଏସ୍‌ପିଙ୍କ ଅଫିସ ନିକଟରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ା ନେତା ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଗତ ୧୫ ବର୍ଷ ମଧ୍ୟରେ ଜିଲାରେ କୌଣସି ରାଜନୈତିକ ଦଳ ଏସ୍‌ପି ଅଫିସ ଘେରାଉ କରି ନଥିଲେ । ଆଜି କାହିଁକି ଏସ୍‌ପି ଅଫିସ ଘେରାଉ କରାଗଲା ବୋଲି ଆଳି ବିଧାୟକ ପ୍ରତାପ ଦେବ ପ୍ରଶ୍ନ କରିଥିଲେ । ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ନାରା ଦେଉଛନ୍ତି ତାହା କେବଳ ବାହାସ୍ଫୋଟ। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ବେଳେ ଜିଲାରେ ଥିବା ଥାନାଗୁଡିକ ବିଜେପି କାର୍ଯ୍ୟାଳୟ ପାଲଟିଛି । ଏହି ଆନ୍ଦୋଳନ ଆଜିଠୁ ଆରମ୍ଭ ହେଲା ଆଗକୁ ଅଧିକ ଭୟଙ୍କର ରୂପ ନେବ ବୋଲି ଆଳି ବିଧାୟକ ପ୍ରତାପ ଦେବ ଚେତାବନୀ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ଆନ୍ଦୋଳନ ପୂର୍ବରୁ କାର୍ଯ୍ୟାଳୟ ଛାଡି ପଳାଇଥିଲେ ।

## ନିଶ୍ଚିତ ନିଯୁକ୍ତିର ଗ୍ୟାରେଣ୍ଟି ଭିଭି ଜି ରାମଜି



**କେନ୍ଦ୍ରାପଡ଼ା,୧୬।୧(ସଂଚାର ବ୍ୟୁରୋ):** ଦେଶରେ ନଶ୍ଚିତ ନିଯୁକ୍ତିର ଗ୍ୟାରେଣ୍ଟି ଦେବା ପାଇଁ ଭିଭିଜି ରାମଜି ଆଇନ ପ୍ରଣୟନ କରାଯାଇଛି । ଏହା ଶହେ ଦିନ ପରିବର୍ତ୍ତେ ୧୨୫ଦିନ କାମ ଯୋଗାଇବ । ସଠିକ ସମୟରେ କାମ ଯୋଗାଇ ନପାରିଲେ ସରକାର ବେକାରୀ ଭତ୍ତା ପ୍ରଦାନ କରିବେ ବୋଲି ଜିଲ୍ଲା ବିଜେପି ପକ୍ଷରୁ ଗରାପୁରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତାମାନେ ପ୍ରକାଶ କରିଛନ୍ତି । ଭିଭିଜି ରାମଜୀ ଆଇନ ଗ୍ରାମୀଣ ବିକାଶକୁ ଖଣ୍ଡିତ ଯୋଜନାରୁ ଏକ ସମନ୍ୱିତ ଯୋଜନା ଆଡକୁ ଆଣିବ । ଯାହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକ ଏକକାଳୀନ କାର୍ଯ୍ୟକାରୀ ହେବ । ବିକଶିତ ଗ୍ରାମର ରୂପରେଖ ପ୍ରସ୍ତୁତ କରାଯିବ । ଏହାକୁ ଗ୍ରାମପଞ୍ଚାୟତ ଅନୁମୋଦିତ କରିବ । ସମସ୍ତଙ୍କ ପାଇଁ ଶତ ପ୍ରତିଶତ ଲାଭ ମିଳିବ । ଯୋଜନା ଗୁଡିକର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଏକ ରାଷ୍ଟ୍ରୀୟ ଡିଜିଟାଲ ପ୍ଲାଟଫର୍ମ ତଦାରଖ କରିବ ବୋଲି ନେତାମାନେ ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କଶେଖର ସେଠୀ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ଉପସଭାପତି ଉପୀନ ରାଉତ, ଗଗନବିହାରୀ ସାହୁ, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଏତଲା

**ମହାକାଳପଡ଼ା,୧୬।୧(ସଂଚାର ବ୍ୟୁରୋ):** ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗୋଗୁଆ ଗ୍ରାମର କଳ୍ପତରୁ ଓଝାଙ୍କ ପତ୍ନୀ କଳ୍ପନା ଓଝା ଶୁକ୍ରବାର ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ



ଗୁରୁବାର ରାତି ଦଶଟା ସମୟରେ ବଡପଲ୍ଲୀ ଗ୍ରାମରୁ ତାଙ୍କ ସ୍ୱାମୀ କଳ୍ପତରୁ ଘରକୁ ଫେରୁଥିଲେ। ଏହି ସମୟରେ ସେହି ଗ୍ରାମର କାଳିଆ ଯେନା, ଜଗା ଯେନା, କ୍ଷୀରୋଦ ଜେନା ଓ ଚିତ୍ତ ମଲିକ ଆଦି କଳ୍ପତରୁଙ୍କୁ ଅଟକାଇ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ସଙ୍ଘବଦ୍ଧ ଆକ୍ରମଣ କରି ତାଙ୍କ ମୁଣ୍ଡ ବାଡ଼େଇ ଫଟାଇଦେଇଛନ୍ତି। କଳ୍ପତରୁଙ୍କ ପାଖରୁ ନଗଦ ଏକଲକ୍ଷ ଟଙ୍କା, ମୋବାଇଲ୍ ଫୋନ୍ ଛଡାଇ ନେବା ସହ ତାଙ୍କ ବାଇକକୁ ବାଡେଇ ଭାଙ୍ଗିଦେଇଥିବା ଅଭିଯୋଗରେ କଳ୍ପନା ଉଲ୍ଲେଖ କରିଛନ୍ତି। କଳ୍ପତରୁ ଏବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି।

## କଇଁଛ ସୁରକ୍ଷା ପାଇଁ ପଦକ୍ଷେପ



**କେନ୍ଦ୍ରାପଡା, ୧୬।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଗହିରମଥାକୁ କଇଁଛମାନେ ନିଜର ଏକ୍ତୁଡିଶାଳ ଭଳି ବ୍ୟବହାର କରୁଥିବାରୁ କଇଁଛ ମାନଙ୍କର ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଛି। କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ କଇଁଛର ସୁରକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜନଗର ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରଞ୍ଜନ କୁମାର ବେହେରା, ମହାକାଳପଡାର ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶତାବ୍ଦୀ ସୁଭଦ୍ରା ଶୁଭଦର୍ଶିନୀ, ରାଜନଗରର ତହସିଲଦାର ଯିଶୁଖ୍ରୀଷ୍ଟ ଦାସ, କନିକାର ଭାନୁମତି ମାଝି, ମହାକାଳପଡାର ରବିନାରାୟଣ ଆଚାର୍ଯ୍ୟ ଓ କୁଜଙ୍ଗର ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନଭେମ୍ବର ୧ ତାରିଖରୁ ମଇ ୩୧ ପର୍ଯ୍ୟନ୍ତ କଇଁଛ ମାନଙ୍କର ଅଣ୍ଡା ଦେବାର ସମୟ ଥିବାରୁ ମତ୍ସ୍ୟଜିବୀମାନେ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି । ଗହୀରମଥା କୁଳ ଠାରୁ ୨୦ କିଲୋମିଟର ଦୂରରେ ମତ୍ସ୍ୟଜିବୀମାନେ ପ୍ରବେଶ କରିପାରିବେ। ଗହୀରମଥାରେ କଇଁଛ ମାନଙ୍କର ଅଣ୍ଡା ଯେପରି ନଷ୍ଟ ନ ହୁଏ ଏବଂ କଇଁଛମାନେ କୌଣସି ବୋଟ୍ କିମ୍ବା ଡଙ୍ଗା ଯୋଗୁ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଇଛି । ତେଣୁ ଏଠାରେ ପ୍ରବେଶ କରିବାକୁ ବାରଣ କରାଯାଇଛି । କଇଁଛର ସୁରକ୍ଷା ପାଇଁ ଡିଜେଲ୍ ଚାଳିତ ବୋଟ୍ ବ୍ୟବହାର ନ କରି ସୋଲାର ସିଷ୍ଟମ୍‌ରେ ବୋଟ୍ ଚଳାଇବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି ।

## ଜିଲ୍ଲା କୃଷି କାର୍ଯ୍ୟାଳୟରେ କୃଷକ ସେମିନାର୍




**କେନ୍ଦ୍ରାପଡା, ୧୬।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ଏକ ଦୁଇଦିନିଆ କୃଷକ ସେମିନାର୍ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଞ୍ଜନ ସାହୁ, ଇଞ୍ଜିନିୟର ସଞ୍ଜିବ୍ ତ୍ରିପାଠୀ, କୃଷି ଜିଲ୍ଲା ଅଧିକାରୀ ହେମନ୍ତ ଜେନା, ସହକାରୀ କୃଷି ଅଧିକାରୀ ପରୀକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ରହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ଓ ଚାଷୀମାନଙ୍କୁ ରବି ଚାଷ, ଛତୁ ଚାଷ ଶତକଡା ୩୫ ରିହାତିରେ ଉନ୍ନତି କୃଷି ଯନ୍ତ୍ରପାତି ଉପଲବ୍ଧ ବିଷୟରେ ଆଲୋକପାତ କରିଥିଲେ। ବିନା ଚାଷରେ ନଡାକୁ ନ ପୋଡି କିପରି ଭାବରେ ଆଳୁ ଚାଷ ଓ ଛତୁ ଚାଷ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ପ୍ରତି ପଂଚାୟତରେ ସୋଲାର ଥ୍ରେସର ଓ ସୋଲାର ପାଣି ପମ୍ପ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ କୃଷି ବିଭାଗ ଠାରୁ ରିହାତି ଦର୍‌ରେ ଯନ୍ତ୍ରପାତି ନେଇ ଭଡାସୂତ୍ରରେ ବ୍ୟବହାର କରି ଅର୍ଥ ଉପାର୍ଜନ କରିବାକୁ ଅନୁରୋଧ କରାଯାଇଥିଲା ।

• ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ୨ୟ ସେମିରେ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ବିଜୟୀ

**ରାଜନଗର, ୧୬।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ୨ୟ ସେମିଫାଇନାଲ ମ୍ୟାଚରେ ନିମପୁର ସ୍ପୋର୍ଟ୍ସ କ୍ଲବ, କଟକକୁ ୯୯ ରନରେ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୯ ତାରିଖରେ ଫାଇନାଲରେ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ସହିତ ମୁକ୍ତେଶ୍ୱର, ଭୁବନେଶ୍ୱର ମଧ୍ୟରେ ମୁକାବିଲା ହେବ। ଆଜି ୟୁନାଇଟେଡ ଇଲେଭେନ ବ୍ରହ୍ମପୁରର ଇଲୁ ଗୋଛାୟତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରଯାଇଥିଲା। ୨୨୨ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ନିମପୁର, କଟକ ଟିମ ୧୭.୫ ଓଭର ଖେଳୀ ସମସ୍ତ ଉଇକେଟ ହରାଇ ୧୨୨ ରନ କରି ପରାଜିତ ହୋଇଥିଲା ।

## ହାଇଦ୍ରାବାଦରେ ଜଣେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

**ଆଳି, ୧୬।୧ (ସଂଚାର ବ୍ୟୁରୋ):** ହାଇଦ୍ରାବାଦ ଜଣେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା କାରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଠାକୁରପାଟଣା ଗାଁର ସର୍ବେଶ୍ୱର ପରିଡ଼ାଙ୍କ ବଡ ପୁଅ ଅବିନାଶ ପରିଡ଼ା (୩୨)।ସେ ୨ବର୍ଷହେବ ତାଙ୍କସାନ ଭାଇ ସହ ତେଲେଙ୍ଗାନାର ରଙ୍ଗାରେଡି ଜିଲ୍ଲାରେ ରହି ପାଣିପାଇପ ଠିକାଦାର ଭବେ କାମ କରୁଥିଲେ।ଗତ ୧୪ତାରିଖ ମକର ସଂକ୍ରାନ୍ତି ରାତିରେ ନିକଟରେ ଏକ ଅଲେଖମେଳା କାର୍ଯ୍ୟକ୍ରମକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ଅବିନାଶଙ୍କୁ ଅଟକାଇ ତାଙ୍କ ଠାରୁ ମୋବାଇଲ ଓ ଟଙ୍କା ଲୁଟିନେବା ସହ ହତ୍ୟା ଧମକ ଦେଇଥିଲେ।ହେଲେ ଏହାର କିଛି ଘଣ୍ଟାରେ ରକ୍ତଜୁଡୁ ବୁଡୁ ଅବସ୍ଥାରେ ଅବିନାଶଙ୍କ ମୃତଦେହ



ମିଳିଥିଲା।ଏମିତି କି ଅବିନାଶଙ୍କ ମୃତ୍ୟୁ ପୂର୍ବରୁ ଆହତ ଅବସ୍ଥାରେ ଏକ ଚାରିଚକିଆ ଗାଡିକୁ ଅଟକାଇ ସାହାଯ୍ୟ ମାଗୁଥିବା ସିସିଟିଭି ଫୁଟେଜରୁ ଜଣା ପଡୁଛି। ଏସବୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଅବିନାଶଙ୍କୁ ହତ୍ୟା କାରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ଏନେଇ ସଙ୍ଗେ ସଙ୍ଗେ ଏତଲା ଦିଆ ଯାଇଥିବା ବେଳେ ଏତଲା ସ୍ଥାନୀୟ ପୋଲିସ ଷ୍ଟେସନ ରଖି ନଥିଲା । ପରେ ଓଡ଼ିଶା ଆସୋସିଏସନ ଙ୍କ ହସ୍ତକ୍ଷପ ପରେ ତିନି ଦିନ ପରେ ଅବିନାଶଙ୍କ ସାନଭାଇ ସ୍ଥାନୀୟ ନରସିଂହ ପୋଲିସ ଷ୍ଟେସନରେ ଏତଲା ଦେଇଛନ୍ତି। ଅବିନାଶଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ପରିବାରରେ କାନ୍ଦ ବୋବାଳି ଲାଗିରହିଥିବା ବେଳେ ଓଡ଼ିଶା ସରକାର ଯଥା ସମ୍ଭବ ହସ୍ତକ୍ଷପ କରି ଅବିନାଶକୁ ନ୍ୟାୟ ଦେବାକୁ ଦାବି ହୋଇଛି ।

## ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ମାର୍ଶାଘାଇ,୧୬।୧(ସଂଚାର ବ୍ୟୁରୋ)** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ, ମାର୍ଶାଘାଇ ପଞ୍ଚାୟତ ସମିତିସଭ୍ୟ ପ୍ରସନ୍ନ କୁମାର ସାହୁ, ପୁରାତନ ଛାତ୍ର ସଂସଦ ପୂର୍ବତନ ସମ୍ପାଦକ ତଥା ଆଇନଜୀବି ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡାପତାକା ଉତ୍ତୋଳନ କରି କ୍ରୀଡାକୁ ଉଦଘାଟନ କରିଥିଲେ । ସହକାରୀ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡାଶିକ୍ଷକ ଦୁର୍ଯ୍ୟୋଧନ ଜେନା କ୍ରୀଡାପ୍ରତିଯୋଗିତା ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ମନୋରଞ୍ଜନ ସେଠୀ, ହାଡିବନ୍ଧୁ ସେଠୀ, ଦେବାଶିଷ ରଣା,ଶ୍ରୀନୁ ମାରାଣ୍ଡି, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦାସ, ସୁଜାତା ସାହୁ, ଗାୟତ୍ରୀ ବେହେରା, ଅଣଶିକ୍ଷକ କର୍ମଚାରୀ ସ୍ୱାଗତିକା ଦାସ, କଳ୍ପତରୁ ବେହେରା ନବଘନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଉଜ୍ଜ୍ୱଳା ଗ୍ୟାସ୍ ନାଆଁରେ ଏଜେନ୍ସୀର ଜୁଲମ୍

• ଚୁଲା ପାଇଁ ୧୮୦୦ ଟଙ୍କା ଦାବି
• ଅଭିଯୋଗ ଆଣିଲେ ହିତାଧିକାରୀ



**ମହାକାଳପଡ଼ା, ୧୬।୧ (ସଂଚାର ବ୍ୟୁରୋ):** ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ଜଣେ ହିତାଧିକାରୀ ଆବେଦନ କରିଥିଲେ। ହେଲେ ଗ୍ୟାସ୍ ଏଜେନ୍ସୀ ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରିବା ସହିତ ଭଲ ଚୁଲା ପାଇଁ ୧୮୦୦ ଟଙ୍କା ଦାବି କରୁଥିବା ହିତାଧିକାରୀ ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ଅଧିନସ୍ଥ ଚଣ୍ଡିଆପଲ୍ଲୀ ଗ୍ରାମର ତରଙ୍ଗିଣୀ ପରିଡ଼ା ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ନିକଟସ୍ଥ ଏମଏସ ସ୍ୱସ୍ତିଦୀପ ଏଚପି ଗ୍ୟାସ ଏଜେନ୍ସୀରେ ଆବେଦନ କରିଥିଲେ। ସମସ୍ତ ଆବଶ୍ୟକୀୟ କାଗଜପତ୍ର ଦାଖଲ ପରେ ତାଙ୍କ ନାମରେ ଗ୍ୟାସ୍ ଅନୁମୋଦନ ହୋଇସାରିଛି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଗ୍ୟାସ୍ ପ୍ରଦାନ କରୁନି ଏଜେନ୍ସୀ। ଯୋଜନା ଅଧୀନରେ ଯେଉଁ ଗ୍ୟାସ୍ ଚୁଲ୍ଲା ମିଳୁଛି ତାହାକୁ ନଦେଇ ଭଲ ଗ୍ୟାସ୍ ଚୁଲ୍ଲା ଦେବାକୁ କହି ୧୮୦୦ ଟଙ୍କା ଦେବାକୁ ଏଜେନ୍ସୀ କର୍ମଚାରୀ ଦାବି କରୁଥିବା ତରଙ୍ଗିଣୀଙ୍କ ପୁଅ ପବିତ୍ର ପରିଡ଼ା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଗ୍ୟାସ୍ ପାଇଁ ସେ ବାରମ୍ବାର ଅଫିସକୁ ଆସୁଥିଲେ ମଧ ତାଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରାଯାଉଛି। ଆଜି ସମ୍ପୃକ୍ତ ଏଜେନ୍ସୀର କର୍ମଚାରୀ ଉଜ୍ଜ୍ୱଳା ଯୋଜନାରେ ମିଳୁଥିବା ଚୁଲା ତାଙ୍କ ପାଖରେ ନଥିବା କହିବା ସହ ୧୮୦୦ ଟଙ୍କା ଦେଲେ ଭଲ ଚୁଲା ଦିଆଯିବ ବୋଲି ଦାବି କରିବା ପରେ ପବିତ୍ର ଏନେଇ ପ୍ରତିବାଦ କରିଥିଲେ।

ଏଠି ପ୍ରଶ୍ନ ସରକାର ସାଧାରଣ ଲୋକଙ୍କ ସୁବିଧା ପାଇଁ ମାଗଣା ଯୋଜନାରେ ଗ୍ୟାସ୍ ପ୍ରଦାନ କରୁଥିବା ବେଳେ ଏଜେନ୍ସୀ ତରଫରୁ ଅନ୍ୟ ଆକାରରେ ଅଧିକ ଟଙ୍କା ହିତାଧିକାରୀଙ୍କ ପାଖରୁ ଜୁଲମ କରିବା ପଛରେ କାରଣ କଣ? ଏଥିପାଇଁ ସରକାରଙ୍କ ତରଫରୁ କିଛି ନିର୍ଦ୍ଦେଶନାମା ରହିଛି କି? ଯଦି ନା ତେବେ ପବିତ୍ରଙ୍କ ମାଆ ତରଙ୍ଗିଣୀଙ୍କ ଭଳି ଅନ୍ୟ ହିତାଧିକାରୀ ମାନେ ଏଜେନ୍ସୀର ଏହି ଜୁଲମର ଶୀକାର ହେଉନାହାନ୍ତି ତ? ଯଦି ତରଙ୍ଗିଣୀଙ୍କୁ ଦୁଇଦିନ ମଧ୍ୟରେ ଏଜେନ୍ସୀ ଗ୍ୟାସ୍ ପ୍ରଦାନ ନକରେ ତେବେ ସେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବାର୍ଷିକୋତ୍ସବ



**କେନ୍ଦ୍ରାପଡା,୧୬।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ-୨୦୨୬ ଅଧକ୍ଷ ଡକ୍ଟର ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅଧକ୍ଷ ଡ଼ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ତୁଳସୀର ଏକାଗ୍ରତା ଓ ଆଦର୍ଶ ବ୍ୟତିକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରି ଯୁକ୍ତ-୨ ଓ ଯୁକ୍ତ-୩ ଶ୍ରେଣୀର ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ବୀର ହନୁମାନଜୀଉ ମହାବିଦ୍ୟାଳୟ, ନିକିରାଇର ପ୍ରାକ୍ତନ ଅଧକ୍ଷ ଶ୍ରୀ ବଳରାମ କର ଉତ୍ତମ ଚରିତ୍ର ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟ ଶ୍ରୀମତୀ ଉର୍ମିଳା ମହାପାତ୍ର ଛାତ୍ରୀମାନେ ଭଲ ମଣିଷ ହୋଇ ସମାଜ ସୁଧାରିବାର ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା କ୍ରେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମହାବିଦ୍ୟାଳୟର ବାତାବରଣକୁ ପ୍ରଂଶସା କରି ପରିଶ୍ରମ ଓ ପ୍ରସ୍ତୁତିକୁ ଶାଣିତ କରିବା ପାଇଁ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଇଂରାଜୀ ଅଧାପିକା ଶ୍ରୀମତୀ ପ୍ରଜ୍ଞା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପକ ଡ଼ ଶକ୍ତିଶେଖର ଦାଶ ଓ ଅଧାପିକା ଭାରତୀ ଜେନା ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପକ-ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ।



ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ଦଳ ସଭାପତି ଅଖିଲେଶ ଯାଦବ ଶୁକ୍ରବାର ଅପରାହ୍ନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି।

## ୧୫ ସାଙ୍ଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା

**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଜି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ଦଳର ୧୫ଟି ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୧୨୬ ବ୍ଲକ ସଭାପତି ଓ ୪୧ ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏହି ଜିଲ୍ଲାଗୁଡ଼ିକ ହେଲା ବୌଦ୍ଧ, ବରଗଡ଼, କଟକ, ଦେଓଗଡ଼, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାଉରକେଲା, ରାୟଗଡ଼ା, ସୁନ୍ଦରଗଡ ଓ ସୁବର୍ଣ୍ଣପୁର। ପୂର୍ବରୁ ୯ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଆଜିର ଘୋଷଣା ସହ ମୋଟ ୨୪ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ବିଜେଡି ପକ୍ଷରୁ ଘୋଷଣା ସରିଛି। ଏହି ନିଯୁକ୍ତି ପ୍ରକ୍ରିୟା ଦଳର ତୃଣମୂଳ ସ୍ତରର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ସହ ନବନିଯୁକ୍ତ ବ୍ଲକ ଓ ନଗର ସଭାପତିମାନେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବେ।

# ଭୁବନେଶ୍ୱର ହେବ ଜଳାତଙ୍କ ମୁକ୍ତ ସହର

## ବୁଲା କୁକୁରଙ୍କୁ ରାବିସ୍ ଟିକା ପାଇଁ ତ୍ରିପାକ୍ଷିକ ଚୁକ୍ତି




**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଜଳାତଙ୍କ ରୋଗ ମୁକ୍ତ ସହର। ସହରରେ ଥିବା ପ୍ରାୟ ୪୭ ହଜାର ବୁଲା କୁକୁରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାବିସ୍ ଟିକା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୋଇପାରିବ। ଏନେଇ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ମିଶନ ରାବିସ୍-ୱାର୍ଲ୍ଡ ୱାଇଡ୍ ଭେଟେରିନାରୀ ସର୍ଭିସ୍ ଓ କଲେଜ ଅଫ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡ୍ରି ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସହରକୁ ଜଳାତଙ୍କ ରୋଗମୁକ୍ତ କରିବା ପାଇଁ ବିଏମ୍‌ସି ସହ ଚୁକ୍ତି ସ୍ୱାକ୍ଷରିତ କରିଥିବା ଏହି ଦୁଇଟି ସଂସ୍ଥା ରାବିସ୍ ଟିକା ଦେବା, ଯୋଜନା ପ୍ରଣୟନ, କାର୍ଯ୍ୟକାରୀ, ବୈଷୟିକ ପରାମର୍ଶ ସହାୟତା, ବୈଜ୍ଞାନିକ ସହାୟତା, ଦକ୍ଷତା ବିକାଶ ଆଦି କାର୍ଯ୍ୟ ସହ ଦାୟିତ୍ୱସମ୍ପନ୍ନ ଭାବେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଓ ବିଜ୍ଞାନସମ୍ମତ ଭାବେ ବୁଲା କୁକୁରଙ୍କୁ ଜଳାତଙ୍କ ପ୍ରତିଷେଧକ ଟିକାଦାନ, ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରିବେ। ଭୁବନେଶ୍ୱରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ତଥ୍ୟଭିତ୍ତିକ ଓ ଯୋଜନାବଦ୍ଧ ଭାବେ ବୁଲା କୁକୁରଙ୍କର ଗଣ ଟିକାଦାନ ଯୋଜନା ଓ ତଦାରଖ କରାଯିବ। ତାଲିମ, ପରିଚାଳନା ମାନକ ଏବଂ କ୍ଷେତ୍ର ପର୍ଯ୍ୟବେକ୍ଷଣ ଜରିଆରେ ବିଏମ୍‌ସିର ଦକ୍ଷତା ବୃଦ୍ଧି କରିବେ। ଜଳାତଙ୍କ ପ୍ରତିଷେଧକ ସମ୍ପର୍କରେ ଶିକ୍ଷା, ଯୋଗାଯୋଗ ଓ ଜନସଚେତନତା ସୃଷ୍ଟି କରିବେ। ତଥ୍ୟଭିତ୍ତିକ ଉଭୟ ପ୍ରାଣୀ ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଏହି ଚୁକ୍ତିରେ କୁହାଯାଇଛି। ମିଶନ ରାବିସ୍ (ଇଣ୍ଡିଆ), ସର୍ଭେଲାନ୍ସ, ତାଲିମ, ମୋବାଇଲ୍ ଆପ୍ ଡେଭଲପମେଣ୍ଟ, ଲଜିଷ୍ଟିକ୍ ଆଦି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇଦେବ। ସେହିପରି ଓୟୁଏଟି ଭେଟେରିନାରି ଛାତ୍ରଛାତ୍ରୀ ଇନ୍‌ଟର୍ଣ୍ଣ ଭାବେ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚୁକ୍ତିନାମା କୌଣସି ବ୍ୟାବସାୟିକ ଲକ୍ଷ୍ୟ ହାସଲ କରିବାକୁ ନୁହେଁ କିମ୍ବା କୌଣସି ଅର୍ଥ ଦେଣନେଣ ହେବ ନାହିଁ। ଏହାର ମୂଳ ଲକ୍ଷ୍ୟ ହେଉଛି ବିଏମ୍‌ସି ଅଞ୍ଚଳକୁ ଜଳାତଙ୍କ ରୋଗମୁକ୍ତ କରିବା।

ବିଏମ୍‌ସି କମିଶନର ଚଞ୍ଚଳ ରାଣା, ମିଶନ ରାବିସ୍‌ର ଡକ୍ଟର ମିହିର ମଜଗାଓଁକର ଓ କଲେଜ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମାଲ ହଜବ୍ୟାଣ୍ଡରୀ ଓୟୁଏଟିର ଡିନ ଡକ୍ଟର ସୁଶେନ ପଣ୍ଡା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

● କ୍ୟାପିଟାଲ ହସ୍ପିଟାଲରେ ଆକ୍ରମଣ

## ଡାକ୍ତରଙ୍କ ହାତ ଭାଙ୍ଗିଲା, ଡ୍ରେସର୍ ଆହତ



**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** କ୍ୟାପିଟାଲ ହସ୍ପିଟାଲରେ ଆଜି ଅପରାହ୍ନରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ଆକ୍ରମଣ ହୋଇଛି। ଜଣେ ରୋଗୀଙ୍କ ସମ୍ପର୍କୀୟ ଏପରି ଆକ୍ରମଣ କରିଥିବା ବେଳେ ଏଥିରେ ଉକ୍ତ ଡାକ୍ତରଙ୍କ ହାତ ଭାଙ୍ଗିଯାଇଛି। ଏହାକୁ ନେଇ ହସ୍ପିଟାଲରେ ଉତ୍ତେଜନା ସୃଷ୍ଟି ହୋଇଛି। ଖବର ପାଇ ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଅପରାହ୍ନରେ ନିମାପଡ଼ା ଅଞ୍ଚଳର ଜଣେକ ବ୍ୟକ୍ତିଙ୍କୁ କିଛି ଲୋକ କ୍ୟାପିଟାଲ ହସ୍ପିଟାଲର ଅର୍ଥୋପେଡିକ୍ ବିଭାଗକୁ ଆଣିଥିଲେ। ତେବେ ସେତେବେଳେ ସେଠାରେ କାର୍ଯ୍ୟରତ ଥିବା ଡାକ୍ତରଙ୍କ ଡ୍ୟୁଟି ସମୟ ସରିଯାଇଥିବାରୁ ସେ ରୋଗୀଙ୍କୁ କାଜୁଆଲିଟିକୁ ନେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ରୋଗୀଙ୍କ ସମ୍ପର୍କୀୟମାନେ ଏହାକୁ ଗ୍ରହଣ ନ କରି ଚିକିତ୍ସା କରିବା ଉପରେ ଜୋର୍ ଦେଇଥିଲେ। ଏହାକୁ ନେଇ ସେମାନଙ୍କ ଓ ଡାକ୍ତରଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପର୍କୀୟମାନେ ଉକ୍ତ ଡାକ୍ତରଙ୍କୁ ଆକ୍ରମଣ କରିଥିଲେ, ଯେଉଁଥିରେ ତାଙ୍କ ହାତ ଭାଙ୍ଗିବା ସହ ଓଠ ବି ଫାଟିଯାଇଛି। ଏପରିକି ଡାକ୍ତରଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବା ସମୟରେ ଜଣେ ଡ୍ରେସର୍ ମଧ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

● ପ୍ରମୋଦ ପତିଙ୍କ ୯୪ତମ ଜୟନ୍ତୀ ପାଳିତ

## ପ୍ରଣବ ଦାସ ସମ୍ମାନିତ

**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ତମ ଜୟନ୍ତୀ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ବିଜେତା ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର ବରପୁତ୍ର ପ୍ରମୋଦ ପତିଙ୍କ ଭାରତୀୟ



ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ଓ ଦୃଷ୍ଟିକୋଣ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ବିଜୁ ପଟ୍ଟନାୟକ ଚଳଚ୍ଚିତ୍ର ଓ ଟିଭି ପ୍ରତିଷ୍ଠାନର ଅଧକ୍ଷ ହିମାଂଶୁ ଖଟୁଆ ପ୍ରମୋଦ ପତିଙ୍କ ଅଭିନବ ଚଳଚ୍ଚିତ୍ର ସମ୍ପର୍କରେ ଚର୍ଚ୍ଚା କରିବା ସହ ତାଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ କହିଥିଲେ। ଏହାଛଡ଼ା ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ଇଣ୍ଟାକ, ଓଡ଼ିଶାର ସଂଯୋଜକ ଅନିଲ କୁମାର ଧୀର, ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ମଧ ଅଭିଭାଷଣ ଦେଇଥିଲେ। ଚଳଚ୍ଚିତ୍ର ସେନ୍ସର ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର ସମାରୋହରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସଙ୍କୁ ଚଳିତ ବର୍ଷ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଣବ ଶେଷ ପ୍ରତୀକ୍ଷା, ହାକିମ ବାବୁ ଓ ଅଗ୍ନି ସଂକେତ ପରି ଚଳଚ୍ଚିତ୍ର ପାଇଁ ରାଜ୍ୟ ପୁରସ୍କାର ପାଇବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କମିଟିର ବିଚାରକ ରହିସାରିଛନ୍ତି। ଟ୍ରଷ୍ଟ ଅଧକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଉପାଧକ୍ଷ ସୁବାସ ରଥ ଅତିଥିଙ୍କ ପରିଚୟ ଦେଇଥିଲେ। ଏହାଛଡ଼ା ବରିଷ୍ଠ ସଦସ୍ୟ ଡ. ପଞ୍ଚାନନ ସାମଲ ଧନ୍ୟବାଦ ଦେଇଥିଲେ। ଅଭିଷେକ ମହାପାତ୍ର, ଯୁଗ୍ମ ସମ୍ପାଦକ ଲଳିତ କୁମାର ସାହୁ, ସୁନୀଲ କୁମାର ଡାକୁଆ ଓ ଅନ୍ୟତମ ଉପାଧକ୍ଷ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।

## ନିର୍ମମ ବ୍ୟବହାରରେ ଧର୍ମ ପ୍ରଚାର ଅସମ୍ଭବ




**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗତକାଲି ବାଲେଶ୍ୱରରେ ଜନୈକ ମୁସଲମାନ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯିବା ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିବା ସହ ନିର୍ମମ ବ୍ୟବହାରରେ କୌଣସି ଧର୍ମର ପ୍ରଚାର ସମ୍ଭବପର ନୁହେଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ହିନ୍ଦୁ ଧର୍ମର ମହାନ ଗୁଣକୁ ଧର୍ମାନ୍ଧମାନେ ତିଳ ତିଳ କରି ହତ୍ୟା କରୁଛନ୍ତି। ବିଶେଷକରି ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଚାଲିଛି। କେନ୍ଦ୍ର ଓ ରାଜ୍ୟ ସରକାର କାହାକୁ ବି ସୁରକ୍ଷା ଦେଇପାରିନାହାନ୍ତି। ମନରେଗା ଯୋଜନାକୁ ଲୋପ କରି ଶ୍ରମିକଙ୍କ ଅଧିକାର, ନାରୀଙ୍କୁ ନ୍ୟାୟ, ବିଦ୍ୟାର୍ଥୀଙ୍କୁ ଶିକ୍ଷା, ବେରୋଜଗାରଙ୍କୁ ଚାକିରି ଦେବାରେ ବି ସରକାର ଅସଫଳ ହୋଇଛି। ଏଥିସହ ସଂଖ୍ୟାଲଘୁଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଛି। ତେବେ ଯେଉଁମାନେ ବି ବଙ୍ଗଳା କହୁଛନ୍ତି, ସେମାନଙ୍କୁ ବାଂଲାଦେଶ ବୋଲି ଅଭିହିତ କରି ଧର୍ମାନ୍ଧମାନେ ହତ୍ୟା କରିବାକୁ ପଛାଉନାହାନ୍ତି। ଏଥିସହ ରାଜ୍ୟରେ ଗୋ-ମାଂସ ରପ୍ତାନି ବୃଦ୍ଧି ପାଇଛି। ଏହା ଉପରେ ସରକାର ସରକାର ଯାଞ୍ଚ କରିବା ଦରକାର। ଗାଡିରେ ଗୋ-ଚାଲାଣ ହେଉଛି ବୋଲି ନିରୀହ ଡ୍ରାଇଭର ଓ ହେଲପରଙ୍କ ଉପରେ ଆକ୍ରମଣ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏଥିସହ ଗତକାଲି ହେଲ୍‌ପର ଶେଖ ମକନ୍ଦର ମହମ୍ମଦଙ୍କୁ ଆକ୍ରମଣ କରି ହତ୍ୟା କରାଯିବା ଘଟଣାର ୨୪ ଘଣ୍ଟା ପରେ ବି ପୁଲିସ୍ ଆକ୍ରମଣକାରୀମାନଙ୍କୁ ଠାବ ନ କରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ଧର୍ମାନ୍ଧମାନେ ବଙ୍ଗଳା କହୁଥିବା ନିରୀହ ପଶ୍ଚିମବଙ୍ଗ ନିବାସୀଙ୍କ ପ୍ରତି କରୁଥିବା ଅତ୍ୟାଚାର ହିନ୍ଦୁ ଧର୍ମକୁ ବିଶ୍ୱରେ ନିନ୍ଦିତ କରୁଛି ବୋଲି ପିସିସି ସଭାପତି କହିଛନ୍ତି।

‘ରାଜାରାଣୀ ସଙ୍ଗୀତ ଉତ୍ସବ’ ଉଦ୍‌ଘାଟିତ

## ସମୃଦ୍ଧ ସଂସ୍କୃତି ଓ ଇତିହାସର ସୁନ୍ଦର ସେତୁ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ରାଜାରାଣୀ ସଙ୍ଗୀତ ମହୋତ୍ସବ କେବଳ ଏକ ସଙ୍ଗୀତ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ସମୃଦ୍ଧ ସଂସ୍କୃତି, କଳା ଓ ଇତିହାସ ମଧ୍ୟରେ ଏକ ସୁନ୍ଦର ସେତୁ ସଦୃଶ ବୋଲି ଆଜି ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଐତିହାସିକ ‘ରାଜାରାଣୀ ମନ୍ଦିର’ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ରାଜାରାଣୀ ମନ୍ଦିରର ନିର୍ମାଣ ଶୈଳୀକୁ ଲୋକଲୋଚନକୁ ଆଣିବା ସହ ଏହାର ଐତିହ୍ୟକୁ ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ଉତ୍ସବର ଆୟୋଜନ ବେଶ୍ ପ୍ରଶଂସନୀୟ ପଦକ୍ଷେପ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଭାରତୀୟ କଳା ଓ ଭାଷାକୁ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶୀ ସଙ୍ଗୀତର ସ୍ୱତନ୍ତ୍ର ପରିଚୟକୁ ଏହା ଆହୁରି ସମୃଦ୍ଧ କରିବ। ଓଡ଼ିଶୀ ସଙ୍ଗୀତର ମଧ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ମଞ୍ଚରେ ଓଡ଼ିଶା ସମେତ ଦେଶର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ପରିବେଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ଏକ ଭାରତ ଶ୍ରେଷ୍ଠ ଭାରତ’ ସଂକଳ୍ପକୁ ମଧ ଦୃଢ଼ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରତିଭାବାନ କଣ୍ଠଶିଳ୍ପୀ ଓ କଳାକାରଙ୍କୁ ସମ୍ମାନିତ କରିବା ସହ ପ୍ରତିଭାବାନ କଳାକାରମାନଙ୍କୁ ଉଚ୍ଚକୋଟୀର ପରିବେଷଣ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଏଭଳି ଆୟୋଜନ ପର୍ଯ୍ୟଟକମାନଙ୍କୁ ଓଡ଼ିଶା ଭ୍ରମଣ ପାଇଁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି।

ଐତିହ୍ୟ ଓ ଧାର୍ମିକସ୍ଥଳୀର ବିକାଶ ଓ ସୁରକ୍ଷା ନେଇ ବୈଠକ

## ସ୍ୱଚ୍ଛତା ଓ ଡ୍ରେନେଜ୍ ରକ୍ଷଣାବେକ୍ଷଣକୁ ଉପମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧକ୍ଷତାରେ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେଦାରଗୌରୀ, ଖଣ୍ଡଗିରି, କପିଳେଶ୍ୱର ଓ ମୁକ୍ତେଶ୍ୱର ପରି ପ୍ରମୁଖ ଐତିହ୍ୟ ଓ ଧାର୍ମିକ ସ୍ଥଳୀଗୁଡ଼ିକର ସାମଗ୍ରିକ ବିକାଶ, ସୁରକ୍ଷା ଓ ପର୍ଯ୍ୟଟନ ପରିଚାଳନା ଉପରେ ଆଲୋଚନା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ସ୍ଥଳୀଗୁଡିକରେ ବ୍ୟାପକ ସ୍ୱଚ୍ଛତା ଓ ସଚେତନତା ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଐତିହ୍ୟ ସୁରକ୍ଷା, ପର୍ଯ୍ୟଟନ ପ୍ରୋତ୍ସାହନ ଓ ପରିବେଶ ସୁରକ୍ଷାକୁ ଏକା ସାଥିରେ ଆଗେଇନେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ମନ୍ଦିର ପରିସରରେ ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟବସ୍ତୁ ପରିଚାଳନା, କୁଣ୍ଡ ଓ ଜଳାଶୟଗୁଡ଼ିକର ଡିସିଲ୍ଟିଂ ଓ ପୁନରୁଦ୍ଧାର, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଏବଂ ଜଳସ୍ରୋତର ରକ୍ଷଣାବେକ୍ଷଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ମନ୍ଦିର ଟ୍ରଷ୍ଟ ଓ ସମ୍ପୃକ୍ତ ସ୍ଥାନୀୟ ସଂସ୍ଥାଙ୍କ ଅଧୀନରେ ଡ୍ରେନେଜ୍, ପମ୍ପିଂ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସ୍ଥାନ ପରିଦର୍ଶନ କରି ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ସହ ଆବଶ୍ୟକ ବୈଷୟିକ ଦଳ ନିଯୁକ୍ତି ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟନ ବିଭାଗ, ବିଏମ୍‌ସି, ଏଏସଆଇ, ଏଣ୍ଡୋଓ୍ୱମେଣ୍ଟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖି ସ୍ୱଚ୍ଛତା, ଜଳର ଗୁଣବତ୍ତା ଓ ସ୍ମାରକଗୁଡ଼ିକର ନିୟମିତ ରକ୍ଷାବେକ୍ଷଣ ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପର୍ଯ୍ୟଟକମାନଙ୍କର ସୁଖଦ ଅନୁଭୂତି ପାଇଁ ପ୍ରଶିକ୍ଷିତ ଗାଇଡ୍ ନିଯୁକ୍ତି ମାଧ୍ୟମରେ ଐତିହ୍ୟ ଓ ସଂସ୍କୃତି ସମ୍ପର୍କିତ ସୂଚନା ପ୍ରଦାନ କରିବା ସହ ଇଣ୍ଟରପ୍ରିଟେସନ୍ ସେଣ୍ଟରଗୁଡ଼ିକର ପରିଚାଳନା ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୃଷ୍ଟି କରିବାକୁ ମଧ ବୈଠକରେ ନିଷ୍ପତ୍ତି ହୋଇଛି।

ଏଥିସହ ପର୍ଯ୍ୟଟନ ସ୍ଥଳରେ ଐତିହାସିକ ଓ ସାଂସ୍କୃତିକ ସୂଚନା ପ୍ରସାରଣ ପାଇଁ ତାଲିମପ୍ରାପ୍ତ ଗାଇଡମାନଙ୍କୁ ନିୟୋଜିତ କରିବା ସକାଶେ ପରାମର୍ଶ ଦିଆଯାଇଥିଲା। ଭବିଷ୍ୟତରେ ବ୍ୟାଖ୍ୟାନ କେନ୍ଦ୍ରଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଓ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ରାମ୍ପ ଓ ସାର୍ବଜନୀନ ସୁଗମତା ସୁବିଧା ସୃଷ୍ଟି ପାଇଁ ନିଷ୍ପତ୍ତି ହୋଇଛି।

ଯୁକ୍ତ ଦୁଇ ସାର୍ଟିଫିକେଟ ଓ ମାର୍କ ସିଟ ଯାଞ୍ଚ ଫି’ ବୃଦ୍ଧିକୁ ବିରୋଧ

## ସଚିବଙ୍କୁ ଏଆଇଡିଏସଓର ସ୍ମାରକପତ୍ର ପ୍ରଦାନ




**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ (+୨) ସାର୍ଟିଫିକେଟ ଓ ମାର୍କ ସିଟ ଯାଞ୍ଚ ଫିସ୍ ଦୁଇଗୁଣ ବୃଦ୍ଧି ବିରୋଧରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଏହି ଫିସ ବୃଦ୍ଧିକୁ ଅବିଳମ୍ବେ ପ୍ରତ୍ୟାହାର କରିବା ଦାବିରେ ଏଆଇଡିଏସଓ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଚିବଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହା ସହିତ ରାଜ୍ୟବ୍ୟାପୀ ବିଭିନ୍ନ ଜିଲ୍ଲାରେ ମଧ ପ୍ରତିବାଦ ଆନ୍ଦୋଳନ କାର୍ଯ୍ୟକ୍ରମ ସଂଗଠିତ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣଙ୍କ କଷ୍ଟାର୍ଜିତ ଟିକସ ବିନିମୟରେ ଗଢ଼ି ଉଠିଥିବା ରାଜକୋଷରୁ ଶିକ୍ଷାର ସମସ୍ତ ବ୍ୟୟ ଭାର ବହନ କରିବା ସରକାରଙ୍କ ନୈତିକ କର୍ତ୍ତବ୍ୟ ଅଥଚ ସରକାର ନିଜ କର୍ତ୍ତବ୍ୟ ପାଳନରୁ ଓହରିଯାଇ ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ଫିସ ବୃଦ୍ଧିର ବୋଝ ଲଦି ଚାଲିଛନ୍ତି। ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ଏବଂ ସରକାର ଅବିଳମ୍ବେ ଏହି ଫିସ ବୃଦ୍ଧି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି।



## ‘ସ୍ୱ-ତନ୍ତ’ ର୍‍ୟାମ୍ପରେ ହସ୍ତତନ୍ତର ଝଲକ

**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଆଧୁନିକ ଫ୍ୟାଶନ୍ ମାଧ୍ୟମରେ ଉପସ୍ଥାପିତ କରିବା ଉଦ୍ଦେଶ୍ୟ ନେଇ ଓରମାସ ଓ ସୁଭଦ୍ରା ଶକ୍ତି ପକ୍ଷରୁ ‘ଶିଶିର ସରସ-୨୦୨୬’ ପରିସରରେ ଆଜି ସନ୍ଧ୍ୟାରେ ବିଶେଷ ହସ୍ତତନ୍ତ ଫ୍ୟାଶନ ଶୋ’ ‘ସ୍ୱ-ତନ୍ତ’ ଆୟୋଜିତ ହୋଇଛି। ‘ସ୍ୱ-ତନ୍ତ’-‘ସ୍ୱ’ (ଆମର) ଓ ‘ତନ୍ତ’ ଶବ୍ଦର ସଂଯୋଗରେ ଓଡ଼ିଶାର ସଂସ୍କୃତିକ ପରିଚୟ ଦେବା ପାଇଁ ଏହି ଫ୍ୟାଶନ ଶୋ’ରେ ସୋନପୁରୀ ହସ୍ତତନ୍ତ, କୋଟପାଡ଼ ବସ୍ତ୍ର, ଢୋକ୍ରା ହସ୍ତଶିଳ୍ପ ଓ ଡୋଙ୍ଗରିଆ ଏମ୍ବ୍ରଡୋରୀ ପରି ପୁରାତନ କଳାକୃତିକୁ ଉପସ୍ଥାପନ କରାଯାଇଥିଲା। ପାରମ୍ପରିକ କଳାକୃତିକୁ ସ୍ଥାୟିତ୍ୱ ଓ ଆଧୁନିକ ଜୀବନଶୈଳୀ ସହ ଯୋଡ଼ିବା ଏହି ଶୋ’ର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଶୋ’ରେ ଓଲିଉଡ଼୍‌ର ଲୋକପ୍ରିୟ କଳାକାର ପ୍ରକୃତି ମିଶ୍ର, ସ୍ୱପ୍ନା ପ୍ରିୟଦର୍ଶିନୀ, ବିଏମ୍ ବୈଶାଳୀ ଓ ସୂର୍ଯ୍ୟମୟୀ ମହାପାତ୍ର ର୍‍ୟାମ୍ପ୍‌ରେ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସେମାନଙ୍କ ସହ ପ୍ରାୟ ୩୦ ମଡେଲ୍ ମଧ ର୍‍ୟାମ୍ପୱାକ୍ କରି ରାଜ୍ୟ ହସ୍ତତନ୍ତକୁ ଏକ ଆଧୁନିକ ଫ୍ୟାଶନ୍ ଭାବେ ଉପସ୍ଥାପିତ କରିଥିଲେ।

ଯାଜପୁରରେ ବିଜେପିର ବଡ଼ ଧରଣର ମିଶ୍ରଣ ପର୍ବ

## ପୂର୍ବତନ ସାଂସଦ ରୀତାଙ୍କ ସହ ୧୬ ଜିଲ୍ଲା ପରିଷଦ ସଦସ୍ୟ ସାମିଲ୍



**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇଥିବା ବେଳେ ଏବେ ୨୧ ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର କ୍ଷମତାରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ବର୍ଷ ହେବ ନିଷ୍ଠାର ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସାରା ବିଶ୍ୱ ଆଜି ପ୍ରଧାନମନ୍ତ୍ରୀ ତାଙ୍କ ନେତୃତ୍ୱକୁ ଗ୍ରହଣ କରିଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ବିଜେପି ସରକାର ୧୭ ମାସ ପୂରଣ କରିସାରିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାରର ବିକାଶ ମଡେଲକୁ ଆଧାର କରି ସମସ୍ତେ ବିଜେପିମୁହାଁ ହେଉଛନ୍ତି। ଏହି କ୍ରମରେ ଆଜି ଯାଜପୁରର ଅନେକ ପ୍ରମୁଖ ବିଜେଡି ନେତା ଓ ନେତ୍ରୀ ବିଜେପିରେ ସାମିଲ୍ ହୋଇଥିବା ବେଳେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ରାଜ୍ୟ ଓ ଦଳକୁ ଆଗେଇନେବାକୁ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ଆଜି ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ବଡ଼ଚଣା ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ସାଂସଦ ରୀତା ତରାଇ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ସହ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ସମିତି ସଭ୍ୟା ଖିରାବଧି ତନୟା ମଲିକ, ପୂର୍ବତନ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଧର୍ମଶାଳା ବିଜେଡି ଯୁବ ସଂଗଠକ ସନ୍ତୋଷ ତରାଇ, ଆଦିତ୍ୟ ପ୍ରସାଦ ପୃଷ୍ଟି ଓ ଧର୍ମଶାଳା ସାମାଜିକ ଗଣମାଧ୍ୟମ ସଂଯୋଜିକା ଚିନ୍ମୟୀ ବେହୁରା ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ଜିଲ୍ଲାର ୧୬ ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କ ସମେତ ୧୪୦ରୁ ଉର୍ଦ୍ଧ୍ୱ ବିଜେପିରେ ମିଶିଛନ୍ତି। ଏହାଛଡ଼ା ଭଦ୍ରକର ଚାନ୍ଦବାଲି ନିର୍ବାଚନମଣ୍ଡଳୀର ୪୦ରୁ ଉର୍ଦ୍ଧ୍ୱ ନେତାନେତ୍ରୀ ମଧ ବିଜେପିରେ ସାମିଲ୍ ହୋଇଛନ୍ତି। ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି।

ରାଜ୍ୟସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତା

## ସାମିଲ ହେଲେ ୧୪ ବିଶ୍ୱବିଦ୍ୟାଳୟର ୭୨ ଛାତ୍ରଛାତ୍ରୀ




**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଓଡ଼ିଶାର ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ପକ୍ଷରୁ ମିଳିତ ଭାବେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ନବସୃଜନ ଓ ନୂଆ ଉଦ୍ୟମ ପ୍ରତିଯୋଗିତା ଆଜି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏହି ଦୁଇଦିନିଆ ପ୍ରତିଯୋଗିତାରେ ୧୪ଟି ବିଶ୍ୱବିଦ୍ୟାଳୟର ୭୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଷ୍ଟାର୍ଟଅପ୍ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଛନ୍ତି। ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ କେବଳ ପୁସ୍ତକ ଜ୍ଞାନ ମଧ୍ୟରେ ସୀମିତ ନ ରହି ଉଚ୍ଚକୋଟୀର ଗବେଷଣାରେ ମନୋନିବେଶ କରିବା ସହ ନୂତନ ଉଦ୍ୟୋଗ ସୃଷ୍ଟି କରି ଲୋକଙ୍କ ବିକାଶ ଦିଗରେ ସେମାନଙ୍କ ଯୋଗଦାନ ଦେଇପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ଉଚ୍ଚଶିକ୍ଷାରେ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ଓ ଗବେଷଣା ଉପରେ ପ୍ରାଧାନ୍ୟ ଦିଆଯାଉଛି। ରାଜ୍ୟସ୍ତରୀୟ ନବସୃଜନ ଓ ନୂଆ ଉଦ୍ୟମ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭର ହେବା ପାଇଁ ସୁଯୋଗ ଦେବା ସହ କେନ୍ଦ୍ର ସରକାରଙ୍କ ‘ଷ୍ଟାର୍ଟଅପ୍ ଇଣ୍ଡିଆ’ର ଲକ୍ଷ୍ୟ ପୂରଣରେ ସହାୟକ ହୋଇପାରିଥିବା ଡ. ମହାଲିଙ୍ଗ କହିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରକଳ୍ପଗୁଡ଼ିକୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସର୍ବମୋଟ ୧୦ଟି ଷ୍ଟାର୍ଟଅପ୍ ପ୍ରକଳ୍ପକୁ ଚୟନ କରାଯିବ ଓ ପ୍ରତି ପ୍ରକଳ୍ପକୁ ୫ ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ଏଥିସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ମେଣ୍ଟରସିପ୍ ପ୍ରଦାନ କରାଯିବା ସହ ଉଚ୍ଚସ୍ତରୀୟ ଗବେଷଣା ପାଇଁ ସମସ୍ତ ସୁବିଧାସୁଯୋଗ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯିବ।

# ଷ୍ଟାର୍ଟଅପ୍ ଇଣ୍ଡିଆ: ଦଶବର୍ଷର ଉପଲବ୍ଧି




ଆଜି ଜାନୁଆରୀ ୧୬, ୨୦୨୬ ରେ ଷ୍ଟାର୍ଟଅପ ଇଣ୍ଡିଆ ଯୋଜନାର ଦଶମ ବାର୍ଷିକୀ ପାଳନ କରାଯାଉଛି। ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନା ଭାରତକୁ ଉଦ୍ୟୋଗୀମାନଙ୍କର ଦେଶ ଭାବରେ ପରିଣତ କରିବାର ଲକ୍ଷ୍ୟ ରଖିଥିଲା। ଦଶବର୍ଷରେ ଏହା ଭାରତର ଅର୍ଥନୀତି ଓ ନବପ୍ରବର୍ତ୍ତନର ମୂଳଦୁଆ ହୋଇ ଉଠିଛି। ଡିପିଆଇଟି ଦ୍ୱାରା ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକର ସଂଖ୍ୟା ଡିସେମ୍ବର ୨୦୨୫ ସୁଦ୍ଧା ୨ ଲକ୍ଷରୁ ଅଧିକ ହୋଇଛି। ଏହା ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ ଇକୋସିଷ୍ଟମ୍ ହୋଇଛି।

ଏହି ଯୋଜନାର ସଫଳତା ବହୁବିଧ। ପ୍ରଥମେ, ଏହା ନବପ୍ରବର୍ତ୍ତନକୁ ପ୍ରୋତ୍ସାହିତ କରିଛି। ୨୦୧୪ରେ ମାତ୍ର ୪ଟି ଇଉନିକର୍ଣ୍ଣ (୧ ବିଲିୟନ୍ ଡଲାର ମୂଲ୍ୟର କମ୍ପାନୀ) ଥିବା ବେଳେ ଆଜି ଏହା ୧୨୦ରୁ ଅଧିକ ହୋଇଛି, ଯାହାର ମୋଟ ମୂଲ୍ୟ ୩୫୦ ବିଲିୟନ୍ ଡଲାରରୁ ଅଧିକ। ଦ୍ୱିତୀୟତଃ, ରୋଜଗାର ସୃଷ୍ଟିରେ ଏହାର ଭୂମିକା ଉଲ୍ଲେଖନୀୟ। ଷ୍ଟାର୍ଟଅପ୍‌ଗୁଡ଼ିକ ୧୫.୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି କରିଛନ୍ତି। ତୃତୀୟତଃ, ଏହା ଅନ୍ତର୍ଭୁକ୍ତିମୂଳକ ବିକାଶକୁ ପ୍ରୋତ୍ସାହିତ କରିଛି। ପ୍ରାୟ ୫୦ ପ୍ରତିଶତ ଷ୍ଟାର୍ଟଅପ ଟିୟର-୨ ଓ ଟିୟର-୩ ସହରରୁ ଆସୁଛନ୍ତି, ଯାହା ଗ୍ରାମୀଣ ଓ ବିକାଶ ହୋଇପାରିନଥିବା ଅଞ୍ଚଳରେ ଉଦ୍ୟୋଗୀତାକୁ ବଢ଼ାଇଛି। ହେଲଥକେୟାର୍, କୃଷି, ଶିକ୍ଷା ଓ ପରିବେଶରେ ନବପ୍ରବର୍ତ୍ତନ ଭଳି କ୍ଷେତ୍ର ଦେଶର ମୌଳିକ ସମସ୍ୟାଗୁଡ଼ିକୁ ସମାଧାନ କରୁଛି। ଉଦାହରଣ ସ୍ୱରୂପ, ଭାରତ ବିଶ୍ୱର ପ୍ରତି ୯ଟି କୃଷି ବିଜ୍ଞାନୀ ଷ୍ଟାର୍ଟଅପରୁ ଗୋଟିଏର ଘର ହୋଇଛି।

ସରକାରର ସହାୟତା ଏହି ସଫଳତାର ମୂଳ। ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ ଫଣ୍ଡସ ମାଧ୍ୟମରେ ୧୦,୦୦୦ କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରାଯାଇ ୧,୩୭୦ରୁ ଅଧିକ ଷ୍ଟାର୍ଟଅପରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରାଯାଇଛି। କର ରାହତି, ସରଳ ଅନୁପାଳନ ଓ କ୍ରେଡିଟ୍ ସୁବିଧା ଉଦ୍ୟୋଗୀମାନଙ୍କୁ ସହାୟକ ହୋଇଛି। ଏହା ଭାରତର ଅର୍ଥନୀତିରେ ପ୍ରଭାବ ପକାଇଛି – ଷ୍ଟାର୍ଟଅପ୍‌ଗୁଡ଼ିକ ଜିଡିପିର ୧୦-୧୫ ପ୍ରତିଶତ ବୃଦ୍ଧିରେ ଯୋଗଦାନ କରୁଛନ୍ତି, ଯାହା ୨୦୨୩ରେ ୧୪୦ ବିଲିୟନ ଡଲାରର ଅଂଶ ହୋଇଛି ଓ ୨୦୩୦ ସୁଦ୍ଧା ୧ ଟ୍ରିଲିୟନ୍ ଡଲାରରେ ପହଞ୍ଚିବାର ଆଶା ରହିଛି।

ତଥାପି, ଚ୍ୟାଲେଞ୍ଜ୍ ରହିଛି। ବ୍ୟୁରୋକ୍ରାଟିକ ହସ୍ତକ୍ଷେପ, ପୁଞ୍ଜି ଅଭାବ ଓ କୌଶଳ ଅନ୍ତରାଳ ଷ୍ଟାର୍ଟଅପଗୁଡ଼ିକର ବୃଦ୍ଧିକୁ ବାଧା ଦେଉଛି। ସର୍ଭାଇଭାଲ ରେଟ କମ – ମାତ୍ର ୧୦ ପ୍ରତିଶତ ଷ୍ଟାର୍ଟଅପ ୫ ବର୍ଷ ପର୍ଯ୍ୟନ୍ତ ବଜାରରେ ରହିପାରୁଛନ୍ତି। ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ହାର ୮.୧ ପ୍ରତିଶତରୁ ୫.୫ ପ୍ରତିଶତକୁ ହ୍ରାସ ପାଇଛି। ଏହି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଆବଶ୍ୟକ ହେଉଛି ଅଧିକ ସରଳ ନିୟମାବଳୀ, ବିଶ୍ୱସ୍ତରୀୟ ପୁଞ୍ଜି ପ୍ରବାହ ଓ କୌଶଳ ବିକାଶ କାର୍ଯ୍ୟକ୍ରମ। ସରକାର ବିଶ୍ୱବ୍ୟାପୀ ସହଯୋଗକୁ ବଢ଼ାଇବା ଦରକାର।

ଶେଷରେ, ଷ୍ଟାର୍ଟଅପ ଇଣ୍ଡିଆ ଭାରତର ଯୁବକମାନଙ୍କର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଛି। ଏହା କେବଳ ଏକ ଯୋଜନା ନୁହେଁ, ଏକ ଆନ୍ଦୋଳନ। ଆଗାମୀ ଦଶକରେ ଏହା ଭାରତକୁ ବିଶ୍ୱର ନବପ୍ରବର୍ତ୍ତନ କେନ୍ଦ୍ର କରିବା ଆସନ୍ତୁ ଏହି ଯାତ୍ରାକୁ ଜାରି ରଖିବା।

# ଦେଶର ପ୍ରଗତିରେ ଜନଜାତିଙ୍କ ଭୂମିକା



**ରାଜସ୍ମିତା ବାରିକ**

ଧରିତ୍ରୀ ମାତାର ସୁପୁତ୍ର ଓ ସୁକନ୍ୟା ରୂପେ ଜନଜାତି ବର୍ଗ ପରିଚିତ। ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ହେଉ ଅବା ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଭୂମିକା ଅବିସ୍ମରଣୀୟ । ପ୍ରକୃତି ମାତା ର ସୁରକ୍ଷା ପାଇଁ ସର୍ବଦା ତତ୍ପର। ଜନଜାତି କହିଲେ ଏକ ପ୍ରାଚୀନ ସାମାଜିକ ଗୋଷ୍ଠୀ କୁ ବୁଝାଇଥାଏ। ଜନଜାତି ସମ୍ପ୍ରଦାୟ କୁ ଆଦିମ ଅଧିବାସୀ ବା ଆଦିବାସୀ ବୋଲି କୁହାଯାଏ। ଏହା ଇଂରାଜୀ ଶବ୍ଦ ଟ୍ରାଇବ ବୋଲି କୁହାଯାଏ। ସେମାନଙ୍କର ସଂସ୍କୃତି, ପ୍ରଥା ଏବଂ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଜୀବନ କୁ ପ୍ରକୃତି ର କୋଳ ରେ ଉପଭୋଗ କରନ୍ତି। ସେମାନଙ୍କର କର୍ମ ତାଙ୍କୁ ଆଜି ବିଶ୍ୱମାନସ ରେ ପରିଚିତ କରାଇଛି। ଭଗବାନ ବିର୍ସାମୁଣ୍ଡାଙ୍କଠାରୁ ଶହିଦ ଲକ୍ଷ୍ମଣ ନାୟକଙ୍କ ଯାଏଁ ଅନେକ ବିପ୍ଳବୀ ନେତୃତ୍ୱଙ୍କ ଜୀବନୀ ଆମ ପାଇଁ ଆଦର୍ଶ।ସେହିପରି ଚିପକୋ ଆନ୍ଦୋଳନ ହେଉ ଅବା ଅପିକୋ ଆନ୍ଦୋଳନ ସମୟରେ ଜନଜାତି ବର୍ଗର ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା।

ସାମ୍ପ୍ରତିକ ସମୟରେ ଆମ ମୟୂରଭଞ୍ଜ ମାଟିର ତିନି ଜଣ ବ୍ୟକ୍ତିତ୍ୱ ଏହାର ଜ୍ୱଳନ୍ତ ଉଦାହରଣ। ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ପୂର୍ବତନ ଜାମ୍ମୁ କାଶ୍ମୀରର ପ୍ରଥମ ଉପ ରାଜ୍ୟପାଳ, ପୂର୍ବତନ ସିଏଜି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁର୍ମୁ ଏବଂ ଡେପୁଟି ଗଭର୍ଣ୍ଣର ଭାବେ ଆରବିଆଇରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ଶିରିସ ଚନ୍ଦ୍ର ମୁର୍ମୁ। ଦ୍ରୌପଦୀ ମୁର୍ମୁ ମହିଳା ସଂଘର୍ଷ ଓ ସଶକ୍ତିକରଣର ପ୍ରତୀକ ହୋଇଥିଲା ବେଳେ ଗିରିଶ ଚନ୍ଦ୍ର ମୁର୍ମୁ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ବ୍ୟାପକ ନେତୃତ୍ୱ ନେବା ସହ ବର୍ତ୍ତମାନ ଶ୍ରୀମନ୍ଦିର ଶୃଙ୍ଖଳା କମିଟିର ଅଧକ୍ଷ ଭାବେ ଉଭୟ ଭକ୍ତ ଓ ସେବାୟତଙ୍କ ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉଛନ୍ତି। ତତ୍ ସଙ୍ଗେ ଶିରିସ ଚନ୍ଦ୍ର ମୁର୍ମୁ ଦେଶର ବିତ୍ତୀୟ ଅଭିବୃଦ୍ଧି ଏବଂ ପ୍ରଗତି କ୍ଷେତ୍ରରେ ନିଜର ପ୍ରତିଭାକୁ ବିନିଯୋଗ କରୁଛନ୍ତି।

ଓଡ଼ିଶାର ଅଗ୍ରଣୀ ଜନଜାତି ନେତା ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଦେଶର ଜନଜାତି ବର୍ଗଙ୍କ ସଶକ୍ତିକରଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅହରହ ପରିଶ୍ରମ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଲକ୍ଷ୍ୟ କରିଲେ ଓଡ଼ିଆ ହକି ତାରକା ଦିଲ୍ଲୀପ ତିର୍କୀ,ବୀରେନ୍ଦ୍ର ଲାକ୍ରା, ଫୁଟବଲ ଖେଳାଳି ବାଇଚୁଙ୍ଗ ଭୁଟିଆ, କ୍ରୀଡ଼ା ପ୍ରତିଭା ଆମ ଦେଶର ନାମକୁ ଉଜ୍ଜ୍ୱଳ କରିଛନ୍ତି। ସଦ୍ୟ ସମାପ୍ତ ପ୍ରଥମ ମହିଳା ଦୃଷ୍ଟି ବାଧିତ ବିଶ୍ୱକପରେ ବିଜେତା ଭାରତୀୟ ଦଳରେ ସାମିଲ ଓଡିଆ ଖେଳାଳି ଫୁଲ ସୋରେନ,ବାସନ୍ତୀ ହାଁସଦା, ପାର୍ବତୀ ମାର୍ଣ୍ଡି ଏବଂ ଯମୁନାରାଣୀ ଟୁଡୁଙ୍କ ଖ୍ୟାତି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି।

କନ୍ଧମାଳ ଜିଲ୍ଲାର ସିମବାଲି ଗ୍ରାମର ଯୁବ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ଆଜି ଇସ୍ରୋର ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଛନ୍ତି। ଜୈବିକ କୃଷି ଦ୍ୱାରା ସମାଜରେ ବିପ୍ଳବ ଆଣିଥିବା କୋରାପୁଟ ଜିଲ୍ଲାର ମହିଳା ଚାଷୀ ଓ ବିଜ୍ଞାନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଯୁବ କୃଷି ବିଜ୍ଞାନୀଙ୍କ ପାଇଁ ପ୍ରେରଣା। ସେହିପରି ବଲାସିଂଘାରୁ ବର୍ଲିନ ଯାଏଁ ନିଜର ସଂଘର୍ଷମୟ ଜୟଯାତ୍ରା ଦ୍ୱାରା ଓଡିଶାର ଘରେ ଘରେ ପରିଚିତ ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନୀ କାହାକୁ ଅଛପା ନାହିଁ।

ସାହିତ୍ୟ କ୍ଷେତ୍ରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅଲଚିକି ଲିପିଙ୍କ ଠାରୁ ଆରମ୍ଭ କରି ପଦ୍ମଶ୍ରୀ ହଳଧର ନାଗ,ପଦ୍ମଶୀ ଦମୟନ୍ତୀ ବେଶ୍ରାଙ୍କ ପର୍ଯ୍ୟନ୍ତ ଅଗଣିତ ସାରସ୍ୱତ ସାଧକଙ୍କ ଅବଦାନ ଅବିସ୍ମରଣୀୟ । ପର୍ବପର୍ବାଣୀ,ସଙ୍ଗୀତ, ନୃତ୍ୟ,ବାଦ୍ୟ ଏବଂ କଳା ଜଗତ ରେ ସେମା ନଙ୍କ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛଉ,ଢେମସା ,ଦଣ୍ଡାହୁଲିଆ, ଢାପ ନୃତ୍ୟ, ଦାସାୟାଁ ନୃତ୍ୟ,ଦଙ୍ଗ ନୃତ୍ୟ ଠୁ ନେଇ ସମରକଳା ନୃତ୍ୟ କ୍ଷେତ୍ରରେ ଜନଜାତିଙ୍କ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ।

**ନୀଳଗିରି, ବାଲେଶ୍ୱର**



# ଟଙ୍କାର ଅବମୂଲ୍ୟାୟନର କାରଣ କଣ ?

**ସୁବାସ ଷଡ଼ଙ୍ଗୀ**



ଟଙ୍କାର ଦାମ ପ୍ରତିଦିନ କମିବାରେ ଲାଗିଛି। ମଝିରେ ମଝିରେ ରିଜର୍ଭ ବ୍ୟାଙ୍କ ବଜାରକୁ କିଛି ଆମେରିକାନ ଡଲାର ଛାଡି ହ୍ରାସର ପରିମାଣ କମାଇବାକୁ ଚେଷ୍ଟା କଲେ ମଧ ଟଙ୍କା ବିନିମୟ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଗତ ମେ ମାସରେ ଏକ ଆମେରିକୀୟ ଡଲାର କିଣିବାକୁ ଆମକୁ ଦେବାକୁ ପଡୁଥିଲା ୮୫ ଟଙ୍କା। ଏବେ କିନ୍ତୁ ଡିସେମ୍ବର ମାସରେ ଏକ ଡଲାର କିଣିବାକୁ ଦେବାକୁ ହେଉଛି, ନବେ ଟଙ୍କା। ଡଲାରର ଦାମ ବଢ଼ିବା ଫଳରେ ଆମଦାନୀ କରାଯାଉଥିବା ବିଭିନ୍ନ କଞ୍ଚାମାଲର ଦାମ ବଢୁଛି। କାରଣ ବିଭିନ୍ନ ଜିନିଷ ତିଆରି ପାଇଁ ଯେଉଁ କଞ୍ଚାମାଲ ଦରକାର, ତାହା ଆମକୁ ବିଦେଶରୁ ଆମଦାନୀ କରିବାକୁ ପଡ଼ିଥାଏ। ଏଣୁ ଜିନିଷ ପତ୍ରର ଦାମ ବଢୁଛି। ଜିନିଷପତ୍ରର ଦାମ ବଢ଼ିଲେ ଲୋକଙ୍କ ଆୟ ଉପରେ ଚାପ ସୃଷ୍ଟି ହୁଏ।

ସାଧାରଣ ଲୋକଙ୍କର ଧାରଣା, ଟଙ୍କା ର ଧାରାବାହିକ ପତନର ମୂଳ କାରଣ ହେଉଛି, ଟ୍ରମ୍ପଙ୍କ ଆନ୍ତର୍ଜାତିକ ବାଣିଜ୍ୟ ନୀତି। ରାଷ୍ଟ୍ରପତି ଟ୍ରମ୍ପ ଦୁଇଟି ଦଫାରେ ଭାରତୀୟ ପଣ୍ୟ ଉପରେ ପଚାଶ ଭାଗ ଶୁଳ୍କ ଲାଗୁ କରିଛନ୍ତି। ଯାହାର ପ୍ରଭାବରେ ଭାରତରୁ ଆମେରିକା ପଠାଯାଉଥିବା ପଣ୍ୟର ପରିମାଣ କମ ହୋଇଚି। ଭାରତ ଯେତେ ପଣ୍ୟ ବାହାରକୁ ରପ୍ତାନୀ କରେ, ତାହାର ଶତକଡା କୋଡିଏ ଶତାଂଶ ଆମେରିକାକୁ ପଠାଏ। ଶୁଳ୍କ ଲାଗୁ ହେବା ପରେ ରପ୍ତାନୀ କମିଛି। ଡଲାରର ମୂଲ୍ୟ ବଢ଼ିଛି। ଚାହିଦା ମଧ। ଯୋଗାଣ ଠାରୁ ଚାହିଦା ବେଶୀ ହେଲେ, ଡଲାରର ମୂଲ୍ୟ ଅଧିକ। ହେବା ସ୍ୱାଭାବିକ।

ଏହା ଉପରେ ଶେୟାର ବଜାର ଟଙ୍କାର ପତନ ତ୍ୱରାନ୍ୱିତ କରିଛି। ଟଙ୍କା ଦାମ ଧାରାବାହିକ ଭାବରେ କମୁଛି ବୋଲି ଶେୟାର ବଜାରକୁ ବିଦେଶୀ ବିନିଯୋଗକାରୀ ଏବେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ସେମାନଙ୍କର ଆଶଙ୍କା ଭବିଷ୍ୟତରେ ଟଙ୍କାର ପତନ ଆହୁରି ଅଧିକ ହେବ। ଯଦି ତାହାହୁଏ, ଭାରତୀୟ ଶେୟାର ବଜାରରେ ବିନିଯୋଗ କରି ବିଦେଶୀ ମାନେ ଅଧିକ ଲାଭ ପାଇପାରିବେ ନାହିଁ। ବରଂ କ୍ଷତିର ସମ୍ମୁଖୀନ ହେବେ। ଯେତେବେଳେ ଡଲାରର ଦାମ ୮୫ ଟଙ୍କା ଥିଲା, ସେତେବେଳେ କୌଣସି ବିଦେଶୀ ଇନଭେଷ୍ଟର ଏକ ଡଲାର ଦେଇ ୮୫ ଟଙ୍କାରେ ଗୋଟାଏ ଶେୟାର ମିଣୁଥିଲେ। କିଛିଦିନ ପରେ, ଶେୟାରର ଦାମ ନବେ ଟଙ୍କା ହେଲେ, ତାହାକୁ ବିକ୍ରି କରି ଲାଭ ପାଉଥିଲେ। କିନ୍ତୁ ନବେ ଟଙ୍କା ହୋଇଯିବାରୁ ଆଉ ଅଧିକ ଶେୟାର କିଣିବା ସମ୍ଭବ ନ ଥିଲା। ଯେତିକି ମୂଳଧନ ସେଇ ଅନୁସାରେ ରିଟର୍ନ ପାଇବା ସମ୍ଭବ ନୁହେଁ। ବିଦେଶୀ ବିନିଯୋଗକାରୀମାନେ ଡଲାରକୁ ନେଇ ଲାଭ କ୍ଷତି ହିସାବ କରନ୍ତି। ଭବିଷ୍ୟତରେ ଟଙ୍କା ଦାମ ଆହୁରି କମିବାକୁ ଥିବାରୁ, ସେମାନେ ଅଧିକ ବିନିଯୋଗ କରିବାକୁ ଚାହାଁନ୍ତି ନାହିଁ। ବରଂ ପୂର୍ବରୁ ବିନିଯୋଗ ହୋଇଥିବା ଅର୍ଥକୁ ଉଠାଇ ନେଉଛନ୍ତି। ଯେଉଁ ଦେଶରେ ଅଧିକ ଲାଭ ମିଳିବ, ସେଇ ଦେଶରେ ବିନି ଯୋଗ କରୁଛନ୍ତି।

ଏବେ ଆମ କ୍ଷେତ୍ରରେ ତାହାହିଁ ଘଟୁଛି। ବିଦେଶୀମାନେ ସେମାନଙ୍କର ଶେୟାର ବିକ୍ରିକରି ଟଙ୍କା ବିନିମୟରେ ଡଲାର କିଣୁଛନ୍ତି। ଯାହାଫଳରେ ଡଲାରର ଚାହିଦା ଏବଂ ଦାମ ଆହୁରି ବଢୁଛି। ଅର୍ଥାତ ଟଙ୍କା ଦାମ ଅଧିକ କମୁଛି। ଶେୟାର ବଜାରରୁ ବିଦେଶୀ ବିନିଯୋଗକାରୀ ବାହାରିଯିବାଟା, ଟଙ୍କା ମୂଲ୍ୟ ହ୍ରାସର ଆନୁସଙ୍ଗିକ କାରଣ। ମୂଳ କାରଣ ରପ୍ତାନୀ କମିଯିବା।

ଭାରତ ସରକାରଙ୍କ ବାରିଜ୍ୟ ଦପ୍ତର ଦେଇଥିବା ପରିସଂଖ୍ୟାନରୁ ଆମେ ଏହା ଜାଣିଲୁ, ଅକ୍ଟୋବର ୨୦୨୪ ତୁଳନାରେ ୨୦୨୫ରେ ଭାରତର ପଣ୍ୟ ରପ୍ତାନୀ ମୋଟାମୋଟି ଭାବରେ ୧.୮୨ ଭାଗ କମିଛି। ଭାରତ ଆଠଟି ଦେଶକୁ ଜିନିଷ ରପ୍ତାନୀ କରେ। କିନ୍ତୁ ଏଥି ମଧରୁ ସାତଟି ଦେଶକୁ ଏଇ ଅଠିବଧି ମଧରେ



ରପ୍ତାନୀ କମିଛି। ଏକମାତ୍ର ବ୍ୟତିକ୍ରମ ଚୀନ। ଏଇ ସମୟ ମଧରେ ଚୀନକୁ ରପ୍ତାନୀ ବଢିଛି ୪୨.୩୫ ଭାଗ। ତେବେ ଯେଉଁ ସାତଟି ଦେଶକୁ ରପ୍ତାନୀ କମିଛି, ସେଥିମଧରୁ ଆମେରିକାକୁ ସବୁଠାରୁ କମ କମିଛି। ସିଙ୍ଗାପୁରକୁ କମିଛି, ୫୪.୮୫ ଭାଗ। ବ୍ରିଟେନକୁ କମିଛି ୨୭. ୧୬ ଭାଗ। ବଙ୍ଗଳାଦେଶକୁ କମିଛି, ୧୦.୧୭ ଭାଗ। ଏଣୁ ରପ୍ତାନୀ କମିଯିବାରୁ ଏପରି ଅବସ୍ଥା ଦେଖାଦେଇଛି।

ତେବେ ଏଠାରେ ପ୍ରଶ୍ନ ଉଠିପାରେ, ଭାରତର ରପ୍ତାନୀ ପରିମାଣ କଣ ପାଇଁ କମୁଛି? ଆମେରିକା ସିନା ରପ୍ତାନୀ ଉପରେ ଶୁଳ୍କ ବସାଇଲା, ତେଣୁ ଜିନିଷ ପତ୍ର ଦାମ ବଢ଼ିଯିବା ଆଶଙ୍କାରେ ରପ୍ତାନୀ କମିଲା, କିନ୍ତୁ ଅନ୍ୟ ଦେଶକୁ କଣ ପାଇଁ କମିଲା? ଏହାର ଉତର ଜାଣିବାକୁ ହେଲେ, ଆମକୁ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ଦେଖିବାକୁ ହେବ। ଗତ ବର୍ଷ ବଜେଟରେ ବ୍ୟକ୍ତିଗତ ଆୟକର ସୀମା ବାର ଲକ୍ଷ ଟଙ୍କାକୁ ବଢ଼ିଲା। ଯାହାଫଳରେ ଲୋକଙ୍କ ହାତକୁ କିଛି ଟଙ୍କା ଆସିଲା। ଜିଏସଟି ଦର ହ୍ରାସ ହେବା ଫଳରେ ଜିନିଷପତ୍ରର ଦାମ ମଧ କମିଲା। ଯାହାର ପ୍ରଭାବରେ ଆମ ଦେଶ ଭିତରେ ଲୋକଙ୍କ ଭିତରେ ଜିନିଷ କିଣିବାର ଆଗହ୍ର ଦେଖାଦେଇଛି। ରିଜର୍ଭ ବ୍ୟାଙ୍କ କହିଛି ମୂଲ୍ୟ ବୃଦ୍ଧିହାର ବେଶୀ ତଳକୁ ଯାଇ ନାହିଁ। ତାହାହେଲା ଚାହିଦା ଓ ଯୋଗାଣ ଭିତରେ ଏତେ ଫରକ ଦେଖାଦେଲା କିପରି? ଅନୁମାନ କରାଯାଉଛି, ଦେଶର ଆଭ୍ୟନ୍ତରୀଣ ପଣ୍ୟ ବଜାରରେ ଚାହିଦା ମେଣ୍ଟାଇବାକୁ ରପ୍ତାନୀ କମିଛି।

ଅତୀତରେ ଦେଖାଯାଇଛି, ଭାରତର ରପ୍ତାନୀ ବେଶିହେଉଥିଲା ଆଭ୍ୟନ୍ତରୀଣ ଚାହିଦା ବାଦ ଦେବା ପରେ। ଆମେରିକା ବଜାରରେ ଦାମ ଅଧି ହେବାର ଆଶଙ୍କା କରି କିଛି କମ୍ପାନୀ ସେମାନଙ୍କର ଉତ୍ପାଦନ କମାଇଦେଲେ। ଯାହାଫଳରେ ଆଭ୍ରନ୍ତରୀଣ ଚାହାଦା ଉପରେ ଚାପ ପଡ଼ିଲା। ସାଧାରଣତଃ ଆମ ଆଭ୍ୟନ୍ତରୀଣ ଚାହିଦା ମେଣ୍ଟିବା ପରେ ଆମେ ପଣ୍ୟ ରପ୍ତାନୀ କରୁ। ଆଭ୍ୟନ୍ତରୀଣ ଚାହିଦା କମିଲେ ରପ୍ତାନୀ ବଢ଼ିବ।

ଚୀନ ଆମ ପଡୋଶୀ ଦେଶ। ସେଠାକୁ ରପ୍ତାନୀ ଖର୍ଚ୍ଚ ମଧ କମ। ଏଣୁ ଚୀନକୁ ଯେତେ ଅଧିକ ରପ୍ତାନୀ ହେବ, ଅନ୍ୟ ଦେଶକୁ କମିବ। ଯଦି ଅଧିକ ଉତ୍ପାଦନ ହୁଏ ତେବେ ଅନ୍ୟ ଦେଶକୁ ରପ୍ତାନୀ କଥା ଚିନ୍ତା କରାଯିବ।

ଆମେ ଆମେରିକାକୁ ଜିନିଷ ପତ୍ର ପଠାଇଲେ, ଅଧିକ ଟଙ୍କା ପାଉ। ଭଲ ରୋଜଗାର ହୁଏ। ଆମେରିକୀୟ ବଜାରରେ ଭାରତ ତିଆରି ଜିନିଷର ଚାହିଦା ବେଶୀ। ଆମେରିକା ବଜାରରେ ଶୁଳ୍କ ବଢ଼ିଲେ ମଧ ଚାହିଦା କମିନାହିଁ। କୁହାଯାଉଛି, ଆମେରିକା ବଜାର ଉପରେ ପଚାଶ ଭାଗ ଶୁଳ୍କର ପ୍ରଭାବ ଏଯାବତ ପୁରା ପଡ଼ି ନାହିଁ। ତେଣୁ ଆମେରିକା ବଜାର ଠିକ ଅଛି। ଯେତେବେଳେ ପୁରା ଦମରେ ପଚାଶ ଭାଗ ଶୁଳ୍କ ଲାଗୁ ହେବ, ସେତେବେଳେ ପ୍ରଭାବ ପଡ଼ିବ। ଡଲାର ତୁଳନାରେ ଭାରତୀୟ ଟଙ୍କାର ଦାମ ଆହୁରି କମିବ। ସେଇ ଆଶଙ୍କାରେ ବିଦେଶୀମାନେ ସେମାନଙ୍କର ଶେୟାର ଉଠାଇ ନେଉଛନ୍ତି। ଅନେକଙ୍କର ଆଶଙ୍କା ଟଙ୍କାର ଦାମ ଶହେ ଟଙ୍କା ହୋଇଯିବ। ସେଥିପାଇଁ ବିଦେଶୀମାନେ ଶେୟାର ବଜାର ଉପରେ ମାଡ କରିବାରୁ ଭାରତୀୟ ଟଙ୍କା ଅଧିକ ଦୁର୍ବଳହେଉଛି।

**ଡୁମଡୁମା ହାଉସିଙ୍ଗ ବୋର୍ଡ କଲୋନୀ, ଭୁବନେଶ୍ୱର**
**ମୋବାଇଲ୍: ୯୪୩୯୬୫୨୩୨୨**

# ଆମେରିକା ବଳପୂର୍ବକ ଗ୍ରୀନଲ୍ୟାଣ୍ଡକୁ ଦଖଲ କରିବାକୁ ଚାହୁଁଛି !



**ଅସିତ ମହାନ୍ତି**

ରବିବାର, ଜାନୁଆରୀ ୪ ତାରିଖ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟର ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡର ନେତାମାନେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି, ଯେଉଁଠାରେ ସେ କହିଥିଲେ ଯେ ଆମେରିକାକୁ 'ପ୍ରତିରକ୍ଷା ପାଇଁ ଗ୍ରୀନଲ୍ୟାଣ୍ଡ ଆବଶ୍ୟକ।'ଆମେରିକାକୁ ଗ୍ରୀନଲ୍ୟାଣ୍ଡ ଦଖଲ କରିବାକୁ କହିବାର କୌଣସି ଅର୍ଥ ନାହିଁ। ଡେନମାର୍କ ରାଜ୍ୟର ତିନୋଟି ଦେଶ ମଧ୍ୟରୁ କୌଣସି ଦେଶକୁ ଆମେରିକା ସହିତ ମିଶାଇବାର କୌଣସି ଅଧିକାର ନାହିଁ, ' ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ ରବିବାର ଏକ ବିବୃତ୍ତିରେ କହିଛନ୍ତି।ଏହି ଖଣ୍ଡନ ସ୍ୱାୟତ୍ତ ଡେନମାର୍କ ପ୍ରଦେଶକୁ ମିଶାଇବା ପାଇଁ ଆମେରିକାର ଏକ ବର୍ଷ ଧରି ଚାଲିଥିବା ଅଭିଯାନର ସଦ୍ୟତମ ପ୍ରତିକ୍ରିୟା। ଟ୍ରମ୍ପ ବାରମ୍ବାର ଡେନମାର୍କରୁ ଆର୍କଟିକ ଦ୍ୱୀପକୁ 'କ୍ରୟ' ଏବଂ ନିୟନ୍ତ୍ରଣ କରିବାରେ ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ଶକ୍ତି ପ୍ରୟୋଗ କରିବାକୁ ଇଚ୍ଛୁକତା ଦେଖାଇଛନ୍ତି। ପ୍ରତିରକ୍ଷା ପାଇଁ ଆମେରିକାକୁ ଗ୍ରୀନଲ୍ୟାଣ୍ଡ 'ସମ୍ପୂର୍ଣ୍ଣ ଭାବରେ ଆବଶ୍ୟକ' ବୋଲି ଆମେରିକାର ରାଷ୍ଟ୍ରପତିଙ୍କ ଦାବିକୁ ଦ୍ୱିଗୁଣିତ କରିବା ପରେ କୂଟନୈତିକ ସଙ୍କଟ ପ୍ରଜ୍ୱଳିତ ହୋଇଥିଲା, ଯେତେବେଳେ ତାଙ୍କ ସହଯୋଗୀମାନେ ଆମେରିକୀୟ ପତାକାରେ ଘୋଡ଼ାଇ ହୋଇଥିବା ଦ୍ୱୀପର 'ଶୀଘ୍ର' ଉତ୍ତେଜକ ମାନଚିତ୍ର ପୋଷ୍ଟ କରିଥିଲେ।ଗତ ବର୍ଷକ ମଧ୍ୟରେ, ଡେନମାର୍କ ଆମେରିକା ଉପରେ ଗ୍ରୀନଲ୍ୟାଣ୍ଡରେ ଏକ ବିଚ୍ଛିନ୍ନତାବାଦୀ ଆନ୍ଦୋଳନକୁ ମଜବୁତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛି। ଏଠାରେ ଚାରୋଟି ପଏଣ୍ଟରେ ଜାଣିବାକୁ ହେବ।

୧. ଆମେରିକା କାହିଁକି ଗ୍ରୀନଲ୍ୟାଣ୍ଡ ଚାହୁଁଛି? ଗ୍ରୀନଲ୍ୟାଣ୍ଡ ପ୍ରତି ଆମେରିକୀୟ ଆଗ୍ରହ ଭୂ-ରଣନୀତିରେ ମୂଳ - ସାମରିକ ଦୃଷ୍ଟିକୋଣରୁ, ଗ୍ରୀନଲ୍ୟାଣ୍ଡର ସ୍ଥାନ ଗୁରୁତ୍ୱପୂର୍ଣ୍ଣ, ଶୀତଳ ଯୁଦ୍ଧ (୧୯୪୫-୯୧) ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅପରେସନ୍ ଆଧାର ଭାବରେ କାର୍ଯ୍ୟ କରେ। ଆମେରିକା ପ୍ରଦେଶରେ ବିସ୍ତୃତ ପିଟୁଫିକ୍ ସ୍ପେସ୍ ବେସ୍ (ପୂର୍ବରୁ ଥୁଲେ ଏୟାର ବେସ୍) ପରିଚାଳନା କରେ। ଗ୍ରୀନଲ୍ୟାଣ୍ଡରୁ, ଆମେରିକା ରୁଷ, ଚୀନ୍ କିମ୍ବା ଉତ୍ତର କୋରିଆରୁ ଆସୁଥିବା ଯେକୌଣସି କ୍ଷେପଣାସ୍ତ୍ର ଉପରେ ନଜର ରଖିପାରିବ ଏବଂ ତାହାକୁ ରୋକିପାରିବ। ସେହିପରି, ଏହା ଗ୍ରୀନଲ୍ୟାଣ୍ଡରୁ ସହଜରେ ଏସିଆ କିମ୍ବା ୟୁରୋପ ଆଡ଼କୁ କ୍ଷେପଣାସ୍ତ୍ର ଏବଂ ଜାହାଜ ନିକ୍ଷେପ କରିପାରିବ। ଆର୍କଟିକ୍ ଇନଷ୍ଟିଚ୍ୟୁଟ୍ ଗବେଷଣା ପତ୍ର ଅନୁଯାୟୀ, ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଚୀନ୍ ଏବଂ ରୁଷ ଆର୍କଟିକ୍ ରେ ସେମାନଙ୍କର ସାମରିକ କ୍ଷମତା ବୃଦ୍ଧି କରିଥିବା ଜଣାପଡ଼ିଛି।ଗ୍ରୀନଲ୍ୟାଣ୍ଡରେ ବିରଳ ପୃଥିବୀ ଖଣିଜ ପଦାର୍ଥର ଏକ ବିଶାଳ ଭଣ୍ଡାର ମଧ ଅଛି, ଯାହା ମୋବାଇଲ୍ ଫୋନ୍, ବୈଦ୍ୟୁତିକ ଯାନ ଏବଂ ଅନ୍ୟାନ୍ୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଏବଂ ବୋମା ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରରେ ବ୍ୟାପକ ଭାବରେ ବ୍ୟବହୃତ ହୁଏ। ୟୁରାନିୟମ୍ ଏବଂ ଅନ୍ୟାନ୍ୟ ଧାତୁ: ୟୁରାନିୟମ୍ ସହିତ, ଏଥିରେ ସୁନା, ରୂପା, ଲୁହା ଏବଂ ଦସ୍ତା ଭଳି ଧାତୁର ଗଚ୍ଛିତ ମଧ ଅଛି। ତୈଳ ଏବଂ ପ୍ରାକୃତିକ ଗ୍ୟାସ: ଆର୍କଟିକ୍ ମହାସାଗର କୂଳରେ ଅବସ୍ଥିତ ଗ୍ରୀନଲ୍ୟାଣ୍ଡରେ ବିପୁଳ ସମ୍ଭାବ୍ୟ ତେଲ ଏବଂ ଗ୍ୟାସ ସଂରକ୍ଷଣ ଅଛି। ଯୁକ୍ତରାଷ୍ଟ୍ର ଶକ୍ତି ସୁରକ୍ଷା ପାଇଁ ଏଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରେ।ଚୀନ୍ ବର୍ତ୍ତମାନ ଏହି ଖଣିଜ ପଦାର୍ଥଗୁଡ଼ିକର ପ୍ରମୁଖ ଯୋଗାଣକାରୀ। ୨୦୨୧ ମସିହାରେ, ଗ୍ରୀନଲ୍ୟାଣ୍ଡ ୟୁରାନିୟମ୍ ଖଣି ନିଷେଧ କରିବା ପାଇଁ ଏକ ଆଇନ ପ୍ରଣୟନ କରିଥିଲା। ୨. ଆମେରିକା କ'ଣ ଗ୍ରୀନଲ୍ୟାଣ୍ଡକୁ 'ଅଧିଗ୍ରହଣ' କରିବାକୁ ଚେଷ୍ଟା କରିଥିଲା? ଆମେରିକା ଦୀର୍ଘ ସମୟ ଧରି ଏହି ଅଞ୍ଚଳକୁ ଅଧିକାର ଏବଂ ନିୟନ୍ତ୍ରଣ କରିବାରେ ବିଭିନ୍ନ ପରିମାଣର ଆଗ୍ରହ ପ୍ରକାଶ କରିଆସୁଛି। ୧୮୬୭ ମସିହାରେ, ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟ ଲକ୍ଷ୍ୟ କରିଥିଲା ଯେ ଗ୍ରୀନଲ୍ୟାଣ୍ଡର ରଣନୈତିକ ସ୍ଥାନ ଏବଂ ପ୍ରଚୁର ପ୍ରାକୃତିକ ସମ୍ପଦ ଏହାକୁ ଅଧିଗ୍ରହଣ ପାଇଁ ଉପଯୁକ୍ତ କରିଥାଏ, କିନ୍ତୁ ପରାମର୍ଶ ଉପରେ ଆଗକୁ ବଢ଼ିବା ପାଇଁ କୌଣସି ଆନୁଷ୍ଠାନିକ ପ୍ରୟାସ କରିନଥିଲା।

**ଓଡ଼ିଆତ୍ୱ ଓ ଅସ୍ମିତାର ପ୍ରତୀକ**

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ, ନାଜି ଜର୍ମାନୀ ଡେନମାର୍କକୁ ଅଧିକାର କରିବା ପରି ଆମେରିକା ଏହାକୁ ଆକ୍ରମଣ କରିଥିଲା। ଯୁଦ୍ଧ ଶେଷ ହେବା ପରେ, ୧୯୪୬ ମସିହାରେ ଆମେରିକାର ରାଷ୍ଟ୍ରପତି ହ୍ୟାରି ଏସ୍ ଟ୍ରୁମାନ୍ ଗ୍ରୀନଲ୍ୟାଣ୍ଡ ପାଇଁ ଡେନମାର୍କକୁ ୧୦୦ ନିୟୁତ ଡଲାର ପ୍ରଦାନ କରିଥିଲେ, ପୂର୍ବରୁ ଗ୍ରୀନଲ୍ୟାଣ୍ଡର କିଛି ଅଂଶ ପାଇଁ ଆଲାସ୍କାର କିଛି ଅଂଶ ବିନିମୟ କରିବା ବିଷୟରେ ବିଚାର କରିବା ପରେ। ୧୯୫୧ ମସିହାରେ, ଆମେରିକା ଡେନମାର୍କ ସହିତ ଏକ ପ୍ରତିରକ୍ଷା ଚୁକ୍ତି କରିଥିଲା, ଯାହା ଏହାକୁ ଗ୍ରୀନଲ୍ୟାଣ୍ଡରେ ସାମରିକ ଘାଟି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରିବାର ଅଧିକାର ଦେଇଥିଲା। ଏହିପରି, ଆମେରିକୀୟ ସୈନ୍ୟବାହିନୀ ଏହି ଅଞ୍ଚଳରେ ରହିଲା, ସମଗ୍ର ଅଞ୍ଚଳରେ ସାମରିକ ପ୍ରସାରଣ କେନ୍ଦ୍ର ନିର୍ମାଣ କଲା। ତାଙ୍କର ପ୍ରଥମ କାର୍ଯ୍ୟକାଳ (୨୦୧୭ - ୨୧) ରେ, ଟ୍ରମ୍ପ ଗ୍ରୀନଲ୍ୟାଣ୍ଡକୁ କିଣିବା ପାଇଁ ପ୍ରସ୍ତାବ ଦେଇଥିଲେ ଯାହାକୁ ସେ 'ବଡ଼ ରିଅଲ୍ ଇଷ୍ଟେଟ୍ ଚୁକ୍ତି' ବୋଲି କହିଥିଲେ। ଯେତେବେଳେ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ୍ ଏହି ଧାରଣାକୁ ଅବାନ୍ତର ବୋଲି କହିଥିଲେ, ଟ୍ରମ୍ପ ଡେନମାର୍କର ଏକ ନିର୍ଦ୍ଧାରିତ ଗସ୍ତ ବାତିଲ କରିଥିଲେ।୩. ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡ ଟ୍ରମ୍ପଙ୍କ ପ୍ରତି କାହିଁକି ସତର୍କ ଅଛନ୍ତି? ଭେନେଜୁଏଲା ଆକ୍ରମଣ କରିବା ଏବଂ ଏହାର ନେତା ନିକୋଲାସ୍ ମାଦୁରୋଙ୍କୁ ପଦଚ୍ୟୁତ କରିବା ପରେ ଟ୍ରମ୍ପଙ୍କ ସଦ୍ୟତମ ମନ୍ତବ୍ୟ ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡର ସାର୍ବଭୌମତ୍ୱ ପ୍ରତି ଚିନ୍ତାକୁ ଆହୁରି ପ୍ରୋତ୍ସାହିତ କରିଛି। ଅଗଷ୍ଟ ମାସରେ, ଡେନିସ୍ ବ୍ରଡକାଷ୍ଟିଂ କର୍ପୋରେସନ (ଡଜ) ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ ଟ୍ରମ୍ପଙ୍କ ସହ ସମ୍ପର୍କ ଥିବା ତିନି ଜଣ ବ୍ୟକ୍ତି, ଯେଉଁଥିରେ ଜଣେ ସମ୍ପ୍ରତି ଆମେରିକାର ଏକ ଶୀର୍ଷ ସୁରକ୍ଷା ପଦବୀରେ ଉନ୍ନୀତ ହୋଇଥିଲେ, ଗ୍ରୀନଲ୍ୟାଣ୍ଡରେ ଗୁପ୍ତ ପ୍ରଭାବ ଅଭିଯାନ ଆରମ୍ଭ କରିଥିଲେ। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଗ୍ରୀନଲ୍ୟାଣ୍ଡ ଦଖଲ କରିବା ପାଇଁ ଏକ ତିନି-ପର୍ଯ୍ୟାୟ ରଣନୀତି ଆରମ୍ଭ କରିଥିଲା - ଡୋନାଲ୍ଡ ଟ୍ରମ୍ପ ଜୁନିଅରଙ୍କୁ ପ୍ରଦେଶକୁ ପଠାଇବା, ଡେନମାର୍କ ଉପରେ ସିଧାସଳଖ ଚାପ ପକାଇବା, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଗ୍ରୀନଲ୍ୟାଣ୍ଡ ଯାତ୍ରା କରି ଡେନମାର୍କକୁ ସମାଲୋଚନା କରିବା ସହିତ ଏକ ଆକର୍ଷଣୀୟ ଆକ୍ରମଣ।

ରିପୋର୍ଟରେ କୁହାଯାଇଛି ଯେ ଶୀର୍ଷ ସୁରକ୍ଷା ଅଧିକାରୀ ଗ୍ରୀନଲ୍ୟାଣ୍ଡ ନାଗରିକଙ୍କ ତାଲିକା ପ୍ରସ୍ତୁତ କରିଥିଲେ ଯେଉଁମାନେ ଟ୍ରମ୍ପଙ୍କ ଅଞ୍ଚଳ ଦଖଲ କରିବାକୁ ପ୍ରୟାସକୁ ସମର୍ଥନ କରିଥିଲେ ଏବଂ ଶେଷରେ ଆମେରିକା ଦ୍ୱାରା ଏକ ବିଚ୍ଛିନ୍ନତା ଆନ୍ଦୋଳନ ପାଇଁ ନିଯୁକ୍ତି ପାଇପାରିବେ। ରିପୋର୍ଟ ଅନୁଯାୟୀ, ଏହି ଅନୁପ୍ରବେଶ ପ୍ରୟାସ ଏହି ରଣନୀତିର ତୃତୀୟ ପର୍ଯ୍ୟାୟ। ରିପୋର୍ଟରେ ଅନ୍ୟ ଦୁଇ ଜଣଙ୍କୁ ଏପରି ବ୍ୟକ୍ତି ଭାବରେ ଚିହ୍ନଟ କରାଯାଇଛି ଯେଉଁମାନେ ପୂର୍ବରୁ ଟ୍ରମ୍ପଙ୍କ ପାଇଁ କାମ କରିଥିଲେ ଏବଂ ଗ୍ରୀନଲ୍ୟାଣ୍ଡ ଏବଂ ଆମେରିକା ମଧ୍ୟରେ ନିୟମିତ ଭାବରେ ଯାତ୍ରା କରିଥିଲେ। ଦୁଇଜଣ ସ୍ଥାନୀୟ ରାଜନେତା, ବ୍ୟବସାୟୀ ଏବଂ ନାଗରିକଙ୍କ ସହିତ ନେଟୱାର୍କ କରିବାକୁ ଚେଷ୍ଟା କରିଥିଲେ, ଡିଆର ରିପୋର୍ଟ କରିଛି, ଏହା ସହିତ ସୂତ୍ରଗୁଡ଼ିକ ଟ୍ରମ୍ପଙ୍କ ଦ୍ୱାରା ଏକ ଦଖଲ ପ୍ରୟାସକୁ ସମର୍ଥନ କରିବା ପାଇଁ ଏହି ଯୋଗାଯୋଗ ବ୍ୟବହାର କରାଯିବା ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ପରିସ୍ଥିତିର ମୂଲ୍ୟାଙ୍କନ କରିଥିବା ଡେନିସ୍ ପୋଲିସ ଇଣ୍ଟେଲିଜେନ୍ସ ସର୍ଭିସ୍ (ପିଇଟି) ଡିଆରକୁ କହିଛି ଯେ 'ଗ୍ରୀନଲ୍ୟାଣ୍ଡ, ବିଶେଷକରି ବର୍ତ୍ତମାନର ପରିସ୍ଥିତିରେ, ବିଭିନ୍ନ ପ୍ରକାରର ପ୍ରଭାବ ଅଭିଯାନ ପାଇଁ ଏକ ଲକ୍ଷ୍ୟସ୍ଥଳ।'୪. ଆମେରିକା ଅତୀତରେ ଅଞ୍ଚଳ କିଣିଛି କି? ହାଁ ୧୮୬୭ ମସିହାରେ, ଆମେରିକା ରୁଷ ସାମ୍ରାଜ୍ୟରୁ ଆଲାସ୍କାକୁ ୭.୨ ନିୟୁତ ଡଲାରରେ କିଣିଥିଲା, ଯାହା ଆମେରିକାକୁ ପ୍ରାୟ ୧୫ ନିୟୁତ ବର୍ଗ କିଲୋମିଟର ଜମି ଦେଇ ବିସ୍ତାର କରିଥିଲା। ୧୯୫୯ ମସିହାରେ, ଆଧୁନିକ ଆଲାସ୍କା ରାଜ୍ୟ ସୃଷ୍ଟି ହୋଇଥିଲା। ୧୮୦୩ ମସିହାରେ, ଆମେରିକା ଫ୍ରାନ୍ସଠାରୁ ୨୦ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଜମି କିଣିଥିଲା ଯାହାକୁ ଲୁଇସିଆନା କ୍ରୟ ଭାବରେ ଜଣାଶୁଣା। ଥମାସ୍ ଜେଫରସନ୍ ରାଷ୍ଟ୍ରପତି ଥିବା ସମୟରେ ଲୁଇସିଆନାର ଅଧିଗ୍ରହଣ ହୋଇଥିଲା ଏବଂ ଆମେରିକା ଏହି ଚୁକ୍ତି ପାଇଁ ୧୫ ନିୟୁତ ଡଲାର ଦେଇଥିଲା। ୧୯୧୭ ମସିହାରେ, ଆମେରିକା କାରିବିଆନରେ ଥିବା ଡେନିସ୍ ୱେଷ୍ଟଇଣ୍ଡିଜ୍, ଦ୍ୱୀପପୁଞ୍ଜକୁ କିଣିଥିଲା ଏବଂ ସେଗୁଡ଼ିକୁ ୟୁଏସ୍ ଭର୍ଜିନ୍ ଦ୍ୱୀପପୁଞ୍ଜ ବୋଲି ନାମ ଦେଇଥିଲା।

ଏବେ ପ୍ରଶ୍ନ ହେଉଛି, ଯଦି ଆମେରିକା ବଳପୂର୍ବକ ଗ୍ରୀନଲ୍ୟାଣ୍ଡକୁ ଦଖଲ କରିବାକୁ ଚାହୁଁଛି, ତେବେ ଏହା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ ଯାହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ। ପରିବେଶଗତ ବିପଦ: ଖଣି ଏବଂ ଖନନ ଗ୍ରୀନଲ୍ୟାଣ୍ଡର ଦୁର୍ବଳ ଇକୋସିଷ୍ଟମକୁ ପ୍ରଭାବିତ କରିପାରେ। ରାଜନୈତିକ ସମ୍ବେଦନଶୀଳତା: ଗ୍ରୀନଲ୍ୟାଣ୍ଡ ଡେନମାର୍କର ଏକ ଅଂଶ, ତେଣୁ ଆମେରିକାର 'କ୍ରୟ' ଚିନ୍ତାଧାରା ୟୁରୋପ ଏବଂ ନାଟୋ ମଧ୍ୟରେ ଉତ୍ତେଜନା ସୃଷ୍ଟି କରେ। ବିଶ୍ୱସ୍ତରୀୟ ପ୍ରତିଯୋଗିତା: ଚୀନ୍ ଏବଂ ୟୁରୋପ ମଧ ଗ୍ରୀନଲ୍ୟାଣ୍ଡର ସମ୍ପଦ ପ୍ରତି ଆଗ୍ରହୀ, ଭୂ-ରାଜନୈତିକ ଜଟିଳତା ବୃଦ୍ଧି କରୁଛି। ଅର୍ଥାତ୍, ଏହା ସମଗ୍ର ବିଶ୍ୱରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବ। କିନ୍ତୁ ଗୋଟିଏ କଥା ନିଶ୍ଚିତ: ଆମେରିକା ଅନୁଭବ କରିଛି ଯେ ସମଗ୍ର ବିଶ୍ୱ ଏହାର ବିରୁଦ୍ଧରେ, ଏବଂ ସେଥିପାଇଁ ସେ ଏହାର ସୁରକ୍ଷା ପ୍ରତି ଚିନ୍ତିତ। କିନ୍ତୁ ଆମେରିକା ଏହି ସତ୍ୟକୁ ଅସ୍ୱୀକାର କରିପାରିବ ନାହିଁ ଯେ ଯେତେବେଳେ ସମଗ୍ର ବିଶ୍ୱ ଏହାର ବିରୁଦ୍ଧରେ, ସେ କିପରି ଶାନ୍ତିରେ ଶୋଇପାରିବ? ଯଦି ଆଜି ନୁହେଁ, ତେବେ କାଲି ସେ ଭେନେଜୁଏଲାଙ୍କ ପରି ସମାନ ଭାଗ୍ୟର ସମ୍ମୁଖୀନ ହେବ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

### ଗଣତନ୍ତ୍ର ଦିବସ ପୂର୍ବରୁ ଗୁଇନ୍ଦା ସୂଚନା

# କଶ୍ମୀରରେ ହୋଇପାରେ ଆତଙ୍କୀ ହମଲା



ନୂଆଦିଲ୍ଲୀ,୧୬ା୧ଃ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଜମ୍ମୁ-କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଏକ ବିପଜ୍ଜନକ ଷଡଯନ୍ତ୍ର କରିଛି। ଗଣତନ୍ତ୍ର ଦିବସ ପୂର୍ବରୁ ଗୁଇନ୍ଦା ଏଜେନ୍ସି ପକ୍ଷରୁ ଏହି ସୂଚନା ମିଳିଛି। ଆଇଏସ୍ଆଇ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (ଏଲଇଟି)କୁ ଏହାର ଆତ୍ମଘାତୀ ସ୍କ୍ୱାଡକୁ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ (ଆଇଏସକେପି) ନାମରେ ଯୋଡି ଉପତ୍ୟକାରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ହାଇବ୍ରିଡ୍ ମଡ୍ୟୁଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ସ୍ତରରେ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବା।

ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଶୀର୍ଷ ସେନା ଓ ଗୁଇନ୍ଦା ଅଧିକାରୀଙ୍କ ଦ୍ୱାରା ସମଗ୍ର ଅପରେସନ ଉପରେ ନଜର ରଖାଯାଇଛି। ପାକିସ୍ତାନ ସେନାର ଏକ୍ସ କର୍ପସର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଅହମଦ ଅହସାନ ନୱାଜ ମଧ ଏଥିରେ ସାମିଲ ଅଛନ୍ତି। ବ୍ରିଗେଡିୟର ଫୈଜ୍ ଆୟୁବ ହେଉଛନ୍ତି ପାକ୍-ଅଧିକୃତ କାଶ୍ମୀର ସେକ୍ଟର କମାଣ୍ଡର।

ରିପୋର୍ଟ ଅନୁଯାୟୀ, ଏହି ଅଧିକାରୀମାନେ ଲସ୍କର ଓ ଜୈଶ-ଏ-ମହମ୍ମଦକୁ ସେମାନଙ୍କର ରଣନୀତି ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ କୌଣସି ଆକ୍ରମଣରେ ପାକିସ୍ତାନର ସିଧାସଳଖ ସମ୍ପୃକ୍ତିର କୌଣସି ପ୍ରମାଣ ନଥିବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୧୨ ଜଣିଆ ଆତ୍ମଘାତୀ ଦଳକୁ କାଶ୍ମୀରର ତିନୋଟି ପ୍ରମୁଖ ଜିଲ୍ଲାରେ ସକ୍ରିୟ କରାଯାଇଛି। ସେଗୁଡ଼ିକ ମଧ୍ୟରେ ବଡଗାମ, କିସ୍ତୱାର ଓ ଶ୍ରୀନଗର ରହିଛି, ଯାହା ଭୌଗୋଳିକ ଓ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଲସ୍କର-ଏ-ତୋଇବାର ବରିଷ୍ଠ କମାଣ୍ଡର ଅବୁ ହୁରାଇରା ଆତ୍ମଘାତୀ ଦଳର ନେତୃତ୍ୱ ନେଉଛନ୍ତି। ନିକଟରେ ଅନୁପ୍ରବେଶ କରିଥିବା ଅବୁ ଦୁଜାନାଙ୍କ ନାମ ମଧ ଅଛି। ଆତ୍ମଘାତୀ ଆକ୍ରମଣ ପାଇଁ ତାଙ୍କୁ ତାଲିମ ଦିଆଯାଇଛି। ସୁରକ୍ଷା ଏଜେନ୍ସି ବିଶ୍ୱାସ କରେ ଯେ, ପାକିସ୍ତାନ ଜାଣିଶୁଣି ନିଜ ସମର୍ଥିତ ଆତଙ୍କବାଦକୁ 'ଇସଲାମିକ୍ ଷ୍ଟେଟ୍' ନାମରେ ପ୍ରୋତ୍ସାହିତ କରୁଛି। ଏହି ସୂଚନା ପରେ କେନ୍ଦ୍ରୀୟ ଓ ଦକ୍ଷିଣ କାଶ୍ମୀରରେ ନିରୀକ୍ଷଣ ବୃଦ୍ଧି କରାଯାଇଛି। ଛୋଟ ଦଳରେ ବିଭକ୍ତ ଏହି ଆତଙ୍କବାଦୀମାନଙ୍କୁ ଟ୍ରାକ୍ କରିବା ପାଇଁ ସୁରକ୍ଷା ବାହିନୀ ବର୍ତ୍ତମାନ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ୍ କରୁଛି।

### ଫେଲ ମାରିଲେ ଠାକରେ ବ୍ରଦର୍ସ, କାମ ଦେଲାନି 'ମରାଠା' ପ୍ରଚାର

# ମୁମ୍ବାଇରେ ବାଜି ମାରିଲା ବିଜେପି



ମୁମ୍ବାଇ,୧୬ା୧ଃ ମହାରାଷ୍ଟ୍ରରେ ଅନୁଷ୍ଠିତ ନଗର ନିଗମ ନିର୍ବାଚନରେ ମାଟି କାମୁଡିଛନ୍ତି ଠାକରେ ବ୍ରଦର୍ସ। ବୃହନ ମୁମ୍ବାଇ ବା ବିଏମସିରେ ବିଜେପି ତଥା ମହାଯୁତି ମେଣ୍ଟକୁ ବିଶେଷ ସଫଳତା ମିଳିଛି। ବହୁମତ ମଧ ଅତିକ୍ରମ କରିଛି ବିଜେପି-ଶିବସେନା ମେଣ୍ଟ। ତେବେ ସବୁଠୁ ଅଧିକ ବିପର୍ଯ୍ୟୟର ସାମ୍ନା କରିଛନ୍ତି ଉଦ୍ଧବ ଠାକରେଙ୍କ ଶିବସେନା। ସେ ରାଜ ଠାକରେଙ୍କ ସହ ମିଶି ନିର୍ବାଚନ ଲଢୁଥିଲେ। କିନ୍ତୁ ଏହା ଶିବସେନା ୟୁବିଟି(ଉଦ୍ଧବ ଗୋଷ୍ଠୀ)ଙ୍କୁ କୌଣସି ଫାଇଦା ଦେଲାନାହିଁ।

ଗୁରୁବାର ରାଜ୍ୟର ୨୯ଟି ନଗର ନିଗମ ପାଇଁ ମତଦାନ ହୋଇଥିଲା। ଶୁକ୍ରବାର ଫଳାଫଳ ସାମ୍ନାକୁ ଆସୁଛି। ବିଜେପିର ସହଯୋଗୀ ଏକନାଥ ସିନ୍ଦେଙ୍କ ଶିବସେନା ମଧ ନିର୍ବାଚନରେ ଭଲ ପ୍ରଦର୍ଶନ କରିଛି। ମୋଟ୍ ୨୮୬୯ ୱାର୍ଡରୁ ବିଜେପି-ଶିବସେନା ଦୁଇ ତୃତୀୟାଂଶ ଆସନ ଦଖଲ କରିବା ସ୍ପଷ୍ଟ ହୋଇଛି। ଏହାସହ ମରାଠାଙ୍କ ସ୍ୱାର୍ଥ ପାଇଁ ପ୍ରଚାର କରୁଥିବା ଠାକରେ ବ୍ରଦର୍ସଙ୍କ ସବୁ ଚାଲ୍ ବିଫଳ ହୋଇଯାଇଛି। ତେବେ ଉଦ୍ଧବଙ୍କ ପରାଜୟର ଅନେକ କାରଣ ସାମ୍ନାକୁ ଆସୁଛି। ଠାକରେ ବ୍ରଦର୍ସ ମରାଠା ମାନୁସ୍ ନାଁରେ ପ୍ରଚାର କରୁଥିଲେ। ମୁମ୍ବାଇରେ ମରାଠି ଭୋଟର୍ସ ୩୮ ପ୍ରତିଶତ ରହିଛନ୍ତି। ଅନ୍ୟ ରାଜ୍ୟର ପ୍ରାୟ ୩୦ରୁ ୩୫ ପ୍ରତିଶତ ଭୋଟର୍ସ ରହିଛନ୍ତି। ଯେଉଁମାନେ ବିଜେପିକୁ ଭୋଟ୍ ଦେଉଛନ୍ତି। ମହାଯୁତି ଅନ୍ୟ ରାଜ୍ୟର ଲୋକଙ୍କୁ ଏକାଠି କରିପାରି ନିଜ ଆଡକୁ ଆଣିପାରିଛି। ଯାହା ରେଜଲ୍ଟରେ ପ୍ରମାଣିତ ହୋଇଛି। ଠାକରେ ବ୍ରଦର୍ସଙ୍କ ଫୋକସ କେବଳ ମରାଠିରେ ରହିଯାଇଥିଲା। ଯାହା ଦଳକୁ ଜିତାଇବାକୁ ପର୍ଯ୍ୟାପ୍ତ ନଥିଲା।

ରାଜନୈତିକ ବିଶେଷଜ୍ଞଙ୍କ କହିବାନୁସାରେ. ରାଜ ଠାକରେଙ୍କ ଏମଏନଏସ ସହ ମେଣ୍ଟ କରିବା ଉଦ୍ଧବଙ୍କ ସବୁଠୁ ବଡ ଭୁଲ ଥିଲା। ଉଦ୍ଧବ କଂଗ୍ରେସହ ହାତ ଛାଡି ବଡ ଭୁଲ କରିଦେଲେ। ରାଜ ଠାକରେ ସଦାବେଳେ ଉତ୍ତର ଭାରତୀୟ ବିରୋଧୀ ଚେହେରା ଭାବେ ଜଣାଶୁଣା। ସେପଟେ ପୂର୍ବରୁ କଂଗ୍ରେସ ସହ ମେଣ୍ଟ କରିଥିଲେ ଉଦ୍ଧବ। ପରେ ରାଜ ଠାକରେଙ୍କ ସହ ନିର୍ବାଚନକୁ ଓହ୍ଲାଇଲେ। ତେଣୁ ହିନ୍ଦୁ କିମ୍ବା ମୁସଲିମ ତାଙ୍କୁ ଗ୍ରହଣ କଲେ ନାହିଁ। ଏମଏନଏସର କଂଗ୍ରେସ ତୁଳନାରେ ମୁମ୍ବାଇରେ ଦୁର୍ବଳ ସଙ୍ଗଠନ ରହିଛି। ବିଜେପି-ସିନ୍ଦେ ଶିବସେନା ମେଣ୍ଟ ତଳ ସ୍ତରରେ ଭଲ କାମ କରିଛି। ବୁଥ୍ ସ୍ତରରୁ କର୍ମୀଙ୍କୁ ମଜବୁତ କରିଛନ୍ତି ଉଭୟ ଦଳ। ମହାଯୁତି ୪୨ରୁ ୪୫ପ୍ରତିଶତ ଭୋଟ୍ ପାଇଥିବା କୁହାଯାଉଛି। ଠାକରେ ସଙ୍ଗଠନକୁ ୩୨ରୁ ୩୭ ପ୍ରତିଶତ ଭୋଟ୍ ମିଳିଛି। ଅଣ ମରାଠି ସହ ମରାଠି ଭୋଟ୍ ମଧ ବିଜେପିକୁ ମିଳିଛି। ଅନ୍ୟ ଦିଗରେ ରାଜ ଠାକରେଙ୍କ ଉପରେ ଆଉ ମହାରାଷ୍ଟ୍ରବାସୀଙ୍କ ଭରସା ନାହିଁ ଯାହାର ପ୍ରଭାବ ଭୋଟରେ ପଡିଛି। ନିର୍ବାଚନ ପୂର୍ବରୁ ବିଜେପି ଶିବସେନା ୟୁବିଟି ଏବଂ ଏମଏନଏସ ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲା। ଯାହା ପ୍ରଚାରରେ ଦେଖିବାକୁ ମିଳିଥିଲା। ରାଜ୍ୟକୁ ଭାଗ ଭାଗ କରିବା ପରିବର୍ତ୍ତେ ବିକାଶ ଏବଂ ହିନ୍ଦୁତ୍ୱକୁ ଦଳ ଫୋକସ କରିଥିଲା।

# ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେଲେ ମାଚାଡୋ

ୱାଶିଂଟନ,୧୬ା୧ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ନୋବେଲ ଶାନ୍ତି ପୁରସ୍କାର ମେଡାଲ ହାସଲ କରିଛନ୍ତି। ୨୦୨୫ରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ କୋରିନା ମାଚାଡୋ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ତାଙ୍କ ମେଡାଲ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ତେବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ସାମାଜିକ ଗଣମାଧ୍ୟମରେ ତର୍କବିତର୍କ ଚାଲିଥିବା ବେଳେ ମାଚାଡୋଙ୍କୁ ଏଥିପାଇଁ ଖୁବ୍ ସମାଲୋଚନା କରାଯାଉଛି। ମାଚାଡୋ କହିଛନ୍ତି, ଭେନେଜୁଏଲାର ସ୍ୱାଧୀନତା ପ୍ରତି ଟ୍ରମ୍ପଙ୍କର ଅନନ୍ୟ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ ସେ ଏପରି କରିଛନ୍ତି। ମାଚାଡୋ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ଭେଟି ନିଜ ମେଡାଲ ତାଙ୍କୁ ପ୍ରଦାନ କରିଥିଲେ। ଏପରିକି ସେ ନିଜ ମେଡାଲ ସେହିଠାରେ ହିଁ ଛାଡ଼ି ଆସିଥିଲେ। ଦୁଇ ନେତା ନୋବେଲ ପୁରସ୍କାର ସହିତ ଫଟୋ ଉଠାଇଥିବା ବେଳେ ଟ୍ରମ୍ପଙ୍କ ଖୁସି ଏଥିରୁ ସ୍ପଷ୍ଟ ଜଣାପଡୁଛି। ମାଚାଡୋଙ୍କଠାରୁ ନୋବେଲ ପୁରସ୍କାର ଗ୍ରହଣ କରିବା ପରେ ଟ୍ରମ୍ପ ତାଙ୍କର ଖୁବ୍ ପ୍ରଶଂସା କରିଥିଲେ।





ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ କହିଛନ୍ତି, ଭେନେଜୁଏଲା ନେତ୍ରୀ ତାଙ୍କ ଦେଶରେ ମୋ କାମ ପାଇଁ ମୋତେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ମାଚାଡୋଙ୍କୁ ଟ୍ରମ୍ପ ଜଣେ ଚମତ୍କାର ମହିଳା କହିବା ସହିତ ସେ ବହୁ କଷ୍ଟ ସହିଛନ୍ତି ବୋଲି କହିଛନ୍ତି। ଏହା ମାଚାଡୋଙ୍କ ପକ୍ଷରୁ ଚମତ୍କାର ଅଚାରଣ ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପ ମେଡାଲ ରଖିବାକୁ ଆଗ୍ରହୀ ଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ନୋବେଲ ପୁରସ୍କାର ଇତିହାସରେ ପ୍ରଥମ ଥର ପାଇଁ ଜଣେ ନୋବେଲ ଶାନ୍ତି ପୁରସ୍କାର ବିଜେତା ସ୍ୱେଚ୍ଛାକୃତ ଭାବରେ ତାଙ୍କର ମେଡାଲ ଅନ୍ୟକୁ ପ୍ରଦାନ କରିଛନ୍ତି।

### ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ଅଧିସୂଚନା ଜାରି

# ୨୦ରେ ମିଳିବ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ





ନୂଆଦିଲ୍ଲୀ,୧୬ା୧ଃ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ନୋଟିଫିକେସନ ଜାରି ହୋଇଛି। ଆସନ୍ତା ୨୦ ତାରିଖରେ ବିଜେପିକୁ ମିଳିବ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ। ଜାନୁଆରୀ ୨୦ ତାରିଖରେ ନୂଆ ରାଷ୍ଟ୍ରୀୟ ସଭାପତିଙ୍କ ନାମ ଘୋଷଣା କରିବ ବିଜେପି। ଜାନୁଆରୀ ୧୯ ତାରିଖରେ ଏହି ପଦବୀ ପାଇଁ ନାମାଙ୍କନ ଦାଖଲ କରାଯିବ। ନୋଟିଫିକେସନ ଅନୁଯାୟୀ, ଜାନୁଆରୀ ୧୬ରେ ନିର୍ବାଚକ ମଣ୍ଡଳୀ ମତଦାତାଙ୍କ ତାଲିକା ପ୍ରକାଶ କରିବ। ଜାନୁଆରୀ ୧୯ ତାରିଖ ଅପରାହ୍ନ ୨ଟାରୁ ୪ଟା ଯାଏଁ ନାମାଙ୍କନ ଦାଖଲ ହେବ। ଅପରାହ୍ନ ୪ଟାରୁ ୫ଟା ନାମାଙ୍କନ ଯାଞ୍ଚ ହେବ। ୫ଟାରୁ ୬ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର ହେବ। ଆବଶ୍ୟକ ପଡିଲେ ଭୋଟିଂ ହେବ। ୨୦ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାଁ ଘୋଷଣା ହେବ। ଏବେ ନୀତିନ ନବୀନ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ଅନୁମାନ କରାଯାଉଛି ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ନୀତିନ ନବୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ। ଗତବର୍ଷ ଡିସେମ୍ବର ୧୪ ତାରିଖରେ ଦଳର ଜାତୀୟ କାର୍ଯ୍ୟକାରୀ ସଭାପତି ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ସେହି ଦିନଠାରୁ ଅନୁମାନ କରାଯାଉଥିଲା ନୀତିନ ନବୀନ ହିଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇପାରନ୍ତି। ନୀତିନ ନବୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ କରିବେ। ସେ ହିଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ।

### ମହାରାଷ୍ଟ୍ର ନଗରନିଗମ ନିର୍ବାଚନ

# ଓୱେସୀଙ୍କ ଦଳକୁ ୭୫ରୁ ଅଧିକ ସିଟ୍



ମୁମ୍ବାଇ ୧୬ା୧ଃ ମହାରାଷ୍ଟ୍ର ନଗରନିଗମ ନିର୍ବାଚନ ଫଳାଫଳ ଆସି ଯାଇଛି। ବୃହନ ମୁମ୍ବାଇ ମହାନଗର ପାଳିକା (ବିଏମସି) ସମେତ ରାଜ୍ୟର ୨୯ ନଗର ନିଗମ ମଧ୍ୟରୁ ଅଧିକାଂଶ ବିଜେପି ହାତେଇ ନେଇଛି। ଅନ୍ୟପଟେ ଏଥରର ନଗରନିଗମ ନିର୍ବାଚନରେ ଅସଦୁଦ୍ଦୀନ ଓୱେସୀଙ୍କ ଏଆଇଏମଆଇଏମ ନିଜର ପ୍ରଦର୍ଶନ ଯୋଗୁ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି।

ରାଜ୍ୟରେ ଏଆଇଏମଆଇଏମ ମାଲେଗାଓଁ, ମୁମ୍ବାଇ, ଛତ୍ରପତି ଶମ୍ଭାଜୀନଗର, ଧୂଳେ ଓ ନାନ୍ଦେଡ ଭଳି କିଛି ଅନ୍ୟ ନଗରନିଗମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ସଫଳ ମଧ୍ୟ ହୋଇଛି। ସାରା ରାଜ୍ୟରେ ମୋଟ ୭୫ ଜଣ ଏଆଇଏମଆଇଏମ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି ଓ ୪ଟି ନଗର ନିଗମରେ ଆଗରେ ଚାଲିଛନ୍ତି। ଏଥିରେ ଶମ୍ଭାଜୀନଗରରେ ୨୪ ଜଣ ଏଆଇଏମଆଇଏମ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ସେହିପରି ଅମରାବତୀରେ ୬ ଜଣ ଏଆଇଏମଆଇଏମ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ମାଲେଗାଓଁରେ ଏଆଇଏମଆଇଏମ ୨୦ଟି ସିଟ୍ ଜିତିଛି। ଏଣୁ ମାଲେଗାଓଁରେ ଏଆଇଏମଆଇଏମ ମେୟର ହୋଇ ପାରନ୍ତି।

ନାନ୍ଦେଡରେ ଏଆଇଏମଆଇଏମ ଦ୍ୱିତୀୟ ସର୍ବ ବୃହତ୍ତ ଦଳ ହୋଇପାରେ। ଏଠାରୁ ଏଆଇଏମଆଇଏମର ୧୪ ଜଣ କାଉନସିଲର ନିର୍ବାଚିତ ହୋଇଛନ୍ତି। ଧୂଳେ ନଗରନିଗମରେ ଏଆଇଆମଆଇଏମକୁ ୮ଟି ସିଟ୍ ମିଳିଥିବା ବେଳେ ଜାଲନାରେ ଦଳ ୨ଟି ଆସନ ଜିତିଛି। ଏହା ଛଡା ସମାଜବାଦୀ ପାର୍ଟି ମଧ୍ୟ କିଛି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛି। ଏଆଇଏମଆଇଏମ ରାଜ୍ୟର ମୁସଲମାନ ବହୁଳ ଅଞ୍ଚଳରେ ନିଜର ପ୍ରାର୍ଥୀ ଛିଡା କରିଥିଲା ଓ ଦଳକୁ ଆଶାନୁରୂପ ସଫଳତା ମିଳିଛି। ମୁମ୍ବାଇରୁ ଆରମ୍ଭ କରି ମାଲେଗାଓଁ ଏବଂ ନାନ୍ଦେଡ ପର୍ଯ୍ୟନ୍ତ ଏହି ପାର୍ଟିର ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି।

ପାର୍ଟିର ସମଗ୍ର ଫଳା ଫଳ ଦେଖିଲେ କୁହାଯାଇ ପାରେ ଯେ, ଏହାର ପ୍ରାର୍ଥୀଙ୍କ ପ୍ରଦର୍ଶନ ଭଲ ରହିଛି। ଏବେ ଦେଖିବାକୁ ରହିଲା ଆଗାମୀ ଜିଲ୍ଲା ପରିଷଦ ନିର୍ବାଚନରେ ଏହି ପାର୍ଟିର ରଣନୀତି କ'ଣ ରହିବ। ମହାରାଷ୍ଟ୍ର ପୌର ନିର୍ବାଚନକୁ ନେଇ କୁହାଯାଉଛି ଯେ ଏଆଇଏମଆଇଏମ ଅଲଗା ଲଢିବା ଯୋଗୁ ମହାବିକାଶ ଅଘାଡ଼ିରେ ସାମିଲ ଦଳଙ୍କୁ କ୍ଷତି ସହିବାକୁ ପଡିଛି। ପିଛିଲା ନିର୍ବାଚନମାନଙ୍କରେ ଏଆଇଏମଆଇଏମ ମାତ୍ର କିଛି ସିଟ୍ ରେ ଅଟକି ଯାଉଥିଲା। ହେଲେ ପାର୍ଟି ଏଥର ନିଜର ଉଲ୍ଲେଖନୀୟ ପ୍ରଦର୍ଶନ କରିଛି।

# ୨୨ଟି ସହରରେ ଖାତା ଖୋଲିପାରିଲାନି ଏମ୍ଏନ୍ଏସ୍

ମୁମ୍ବାଇ,୧୬ା୧ଃ ମହାରାଷ୍ଟ୍ରର ପୌର ନିର୍ବାଚନରେ ବିଜେପି ମେଣ୍ଟ ଏକ ବଡ଼ ସଫଳତା ପାଇଛି। ଏହି ନିର୍ବାଚନରେ ଉଦ୍ଧବ ଠାକରେ ଏବଂ ରାଜ ଠାକରେଙ୍କ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରୁଛି। ରାଜ ଠାକରେଙ୍କ ଦଳ ଏମଏନଏସ୍ ଦୁଇ ଅଙ୍କରେ ପହଞ୍ଚି ପାରିନି। ଏହା ବ୍ୟତୀତ, ଦଳ ୨୨ଟି ସହରରେ ନିଜର ଖାତା ଖୋଲିପାରି ନାହିଁ। ମରାଠୀ ଲୋକଙ୍କ ପାଇଁ କଥା କହୁଥିବା ରାଜ ଠାକରେ ନିର୍ବାଚନରେ ବଡ଼ ପରାଜୟ ଭୋଗିଛନ୍ତି। ମହାରାଷ୍ଟ୍ରରେ ବିଏମସି ସମେତ ୨୯ଟି ନଗର ନିଗମର ମୋଟ ୨,୮୬୯ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ର ପୌର ନିର୍ବାଚନରେ କଂଗ୍ରେସ ୨୨୨ଟି ଆସନରେ ଆଗରେ ଥିବା ବେଳେ ରାଜ ଠାକରେଙ୍କ ଦଳ ୧୨ଟି ଆସନରେ ଆଗରେ ଅଛି। ମୁମ୍ବାଇର ୨୨୭ ଆସନ ମଧ୍ୟରୁ, ଏମଏନଏସ ମାତ୍ର ୫ଟିରେ ଆଗୁଆ ଅଛି। କଲ୍ୟାଣ-ଡୋମ୍ବିଭାଲିର ୧୨୨ ଆସନ ମଧ୍ୟରୁ, ରାଜ ଠାକରେ ମାତ୍ର ୪ଟିରେ ଆଗୁଆ ଅଛନ୍ତି। ଥାଣେର ୧୩୧ ଆସନ ମଧ୍ୟରୁ ରାଜ ଠାକରେଙ୍କ ଦଳ କେବଳ ଗୋଟିଏରେ ଆଗୁଆ ଅଛି। ନାସିକରେ ମୋଟ ୧୨୨ ଆସନ ଅଛି। ରାଜ ଠାକରେଙ୍କ ଦଳର ପ୍ରାର୍ଥୀମାନେ ନଭି ମୁମ୍ବାଇର ଗୋଟିଏ ଆସନ, ଅହଲ୍ୟାନଗରରେ ତିନୋଟି ଆସନ ଏବଂ ଉଲ୍ଲାସନଗରରେ ଗୋଟିଏ ଆସନରେ ଆଗୁଆ ଅଛନ୍ତି। ଏମଏନଏସ ୨୯ଟି ସହରର କେବଳ କିଛି ଗୁରୁତ୍ୱପୂର୍ଣ୍ଣ ଆସନରେ ପ୍ରାର୍ଥୀ ଦେଇଥିଲା।

# ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତିଙ୍କୁ ୫ ବର୍ଷ ଜେଲ୍

ସିଓଲ,୧୬ା୧ଃ ଦକ୍ଷିଣ କୋରିଆ ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ୍‌ଙ୍କୁ ତାଙ୍କ ବିଫଳ ସାମରିକ ଆଇନ ପାଇଁ ଏକ କୋର୍ଟ ପାଞ୍ଚ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

### ମୃତ୍ୟୁଦଣ୍ଡ ସମ୍ପର୍କରେ ଫେବୃଆରିରେ ଆସିବ ରାୟ



ୟୁନ୍‌ଙ୍କ ବିରୋଧରେ ଅଭିଯୋଗ ମଧ୍ୟରେ ଜାନୁଆରୀ ମାସରେ ତାଙ୍କ ବିରୋଧରେ ଗିରଫ ପରୱାନା କାର୍ଯ୍ୟକାରୀ କରିବାରେ ଅଧିକାରୀମାନଙ୍କୁ ବାଧା ଦେବା ପରି ଅଭିଯୋଗ ରହିଛି। ୟୁନ୍ ନିଜ ଘରେ ଥିବାବେଳେ ତଦନ୍ତକାରୀ ତାଙ୍କ ନିକଟରେ ଯେପରି ପହଞ୍ଚି ନପାରିବେ ସେଥିପାଇଁ ସେ ତାଙ୍କ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ ଗିରଫ କରିବାକୁ ୩୦୦୦ ରୁ ଅଧିକ ପୁଲିସ ଅଧିକାରୀଙ୍କୁ ସାମିଲ କରାଯାଇଥିଲା। ୟୁନ୍‌ଙ୍କୁ ବର୍ତ୍ତମାନ ଡିଟେନସନ୍ ସେଣ୍ଟରରେ ବନ୍ଦ ରଖାଯାଇଛି।ତାଙ୍କ ବିରୋଧରେ ଆହୁରି ମଧ ଅଭିଯୋଗ ଅଛି ଯେ, ସେ ଦେଶରେ ସାମରିକ ଆଇନ ଘୋଷଣା କରିବା ସମୟରେ ସରକାରୀ କାଗଜପତ୍ରରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଅଧିକାଂଶ ବିରୋଧୀ ଏବଂ ରାଷ୍ଟ୍ର ବିରୋଧୀ ଶକ୍ତି ଦ୍ୱାରା ବନ୍ଧା ପଡ଼ିଥିବା ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଫେରାଇ ଆଣିବାକୁ ସେ ଯୋଜନା କରିଥିବା ୟୁନ୍ ଦାବି କରିଥିଲେ। ଏହାବ୍ୟତୀତ ୟୁନ୍ ବିଦ୍ରୋହର ମାଷ୍ଟରମାଇଣ୍ଡ୍ ଥିବା ଅଭିଯୋଗ ସମେତ ଅନ୍ୟ ଅନେକ ମାମଲାର ରହିଛି। ପବ୍ଲିକ ପ୍ରସିକ୍ୟୁଟରମାନେ କୋର୍ଟକୁ ଏହି ଅଭିଯୋଗରେ ତାଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ। ଫେବୃଆରୀରେ ଏହି ଅଭିଯୋଗର ରାୟ ଘୋଷଣା କରାଯିବ।

# ତେଜସ୍ୱୀ ଘୋଷାଲକର ହେବେ ମୁମ୍ବାଇର ମେୟର!



ମୁମ୍ବାଇ ୧୬ା୧ଃ ବିଏମସିର ଆଗାମୀ ମେୟର ବିଜେପି ନେତ୍ରୀ ତେଜସ୍ୱୀ ଘୋଷାଲକର ହୋଇପାରନ୍ତି। ବିଏମସି ନିର୍ବାଚନରେ ସେ ଦହିସର ୱାର୍ଡନମ୍ବର ୨ରୁ ବିପୁଳ ବିଜୟ ହାସଲ କରିଛନ୍ତି। ଏହି ବିଜୟ ପରେ ତାଙ୍କୁ ଏବେ ମୁମ୍ବାଇର ମେୟର ପଦବୀ ନିମନ୍ତେ ଜଣେ ସମ୍ଭାବିତ ପ୍ରାର୍ଥୀ ମନେ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ବିଏମସି ନିର୍ବାଚନର ଠିକ ପୂର୍ବରୁ ତେଜସ୍ୱୀ ଶିବସେନା(ୟୁବିଟି) ଛାଡି ବିଜେପିରେ ଯୋଗ ଦେଇଥିଲେ। ପାର୍ଟି ସୂତ୍ର ଅନୁସାରେ ତେଜସ୍ୱୀଙ୍କ ବଢୁଥିବା ଲୋକପ୍ରିୟତା, ଜନତାଙ୍କ ସମର୍ଥନ ଓ ମଜଭୁତ ରାଜନୈତିକ ପ୍ରଭାବ ତାଙ୍କୁ ମେୟର ପଦବୀ ନିମନ୍ତେ ଜଣେ ମଜଭୁତ ଦାବିଦାର କରୁଛି। ତେଜସ୍ୱୀ ଘୋଷାଲକର ବରିଷ୍ଠ ଶିବସେନା ନେତା ତଥା ପୂର୍ବତନ ବିଧାୟକ ବିନୋଦ ଘୋଷାଲକରଙ୍କ ବୋହୂ। ସେ ୨୦୧୭ ବିଏମସି ନିର୍ବାଚନରେ ତତ୍କାଳୀନ ଅବିଭାଜିତ ଶିବସେନା ଟିକଟରେ ୧ ନମ୍ବର ୱାର୍ଡରୁ ଜିତିଥିଲେ। ସେବେଠାରୁ ସେ ରାଜନୀତିରେ ସକ୍ରିୟ ଅଛନ୍ତି। ତେଜସ୍ୱୀଙ୍କ ସ୍ୱାମୀ ଅଭିଷେକ ଘୋଷାଲକର ଯିଏ ମୁମ୍ବାଇ ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଡାଇରେକ୍ଟର ମଧ ଥିଲେ। ୨୦୨୨ ମସିହାରେ ଏକ ଫେସବୁକ୍ ଲାଇଭ ସେସନ କାଳରେ ଅଭିଷେକଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ମହାରାଷ୍ଟ୍ରରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଅଭିଷେକ ଘୋଷାଲକରଙ୍କ ହତ୍ୟା ପରେ ତେଜସ୍ୱୀଙ୍କୁ ସେହି ବ୍ୟାଙ୍କର ବୋର୍ଡ ଅଫ ଡାଇରେକ୍ଟର୍ସରେ ସାମିଲ କରାଯାଇଥିଲା। ଏହି ଘଟଣା ତେଜସ୍ୱୀଙ୍କୁ ରାଜନୀତିରେ ଏକ ନୂଆଦିଗରେ ଚାଲିବାକୁ ପ୍ରେରିତ କଲା ଓ ତାଙ୍କର ପାର୍ଟି ବଦଳେଇବାର ଅଙ୍କକଷା ଆରମ୍ଭ ହୋଇଥିଲା। ତେଜସ୍ୱୀ ଘୋଷଲକାର ୨୦୨୨ରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନାରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ଏବେ ତାଙ୍କ ବିଜୟ ସହିତ ବିଜେପିରେ ତାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର ଧରିଛି ଓ ମୁମ୍ବାଇ ମେୟର ପଦବୀ ଦୌଡରେ ତାଙ୍କ ନାମ ଆଗରେ ରହିଛି।

### ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଘଟଣା

# ବାଂଲାଦେଶକୁ ତାଗିଦ କଲା ବ୍ରିଟେନ



ଲଣ୍ଡନ, ୧୬ା୧ଃ ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ହିଂସା ଜାରି ରହିଛି। ଏହାକୁ ନେଇ ବ୍ରିଟେନ ସରକାର ଢାକାକୁ ତାଗିଦ କରିଛନ୍ତି। ଏଭଳି ପରିସ୍ଥିତିରେ ଦେଶରେ ନିରପେକ୍ଷ ନିର୍ବାଚନ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି। ବ୍ରିଟେନର ହାଉସ୍ ଅଫ କମନସ୍ ରେ କିଛି ସଦସ୍ୟ ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ହତ୍ୟା ପ୍ରସଙ୍ଗକୁ ଜୋରଦାର ଉଠାଇଛନ୍ତି। ବିରୋଧୀ କଞ୍ଜରଭେଟିଭ ପାର୍ଟିର ସାଂସଦ ବବ୍ ବ୍ଲାକମ୍ୟାନ୍ ଲେବର ସରକାରଙ୍କୁ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ଓ ଫେବୃଆରୀରେ ନିର୍ଦ୍ଧାରିତ ନିର୍ବାଚନର ନିରପେକ୍ଷତା ଓ ସ୍ୱତନ୍ତ୍ରତା ସୁନିଶ୍ଚିତ କରିବାକୁ ହସ୍ତକ୍ଷେପ କରିବା ନିମନ୍ତେ ଆଗ୍ରହ କରିଛନ୍ତି।

ହିନ୍ଦୁଙ୍କ ଲାଗି ବ୍ରିଟିଶ ପାର୍ଲ୍ୟାମେଣ୍ଟରେ ଥିବା ଅଲ ପାର୍ଟି ପାର୍ଲ୍ୟାମେଣ୍ଟାରୀ ଗ୍ରୁପ (ଏପିପିଜି) ଅଧ୍ୟକ୍ଷ ବ୍ଲାକମ୍ୟାନ୍ ୟୁକେ ସଂସଦକୁ କହିଛନ୍ତି ଯେ, ସେ ହିନ୍ଦୁମାନଙ୍କ ହତ୍ୟା ଓ ସେମାନଙ୍କ ମନ୍ଦିର ପୋଡାଜଳା ଭଳି ବିନାଶକାରୀ ସ୍ଥିତିରେ ସେ ଭୟଭୀତ ଅଛନ୍ତି। ସେ କହିଛନ୍ତି ଯେ ହିନ୍ଦୁ ପୁରୁଷଙ୍କୁ ବିଚ୍ ରାସ୍ତାରେ ହତ୍ୟା କରାଯାଉଛି, ସେମାନଙ୍କ ଘରେ ନିଆଁ ଲଗାଇ ଦିଆଯାଉଛି ଓ ସେମାନଙ୍କ ମନ୍ଦିର ପୋଡି ଦିଆଯାଉଛି। ସେହିପରି ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ ଏହି ପ୍ରକାର ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଆଗାମୀ ମାସରେ ଦେଶରେ ସାଧାରଣ ନିର୍ବାଚନ ହେବ। ଏଥିରେ ଏହି ନିର୍ବାଚନ କିପରି ସ୍ୱତନ୍ତ୍ର ଓ ନିରପେକ୍ଷ ହେବ ସେ ନେଇ ପ୍ରଶ୍ନ ଉଠୁଛି। ଏଲେନ କ୍ୟାମ୍ପବେଲ କହିଛନ୍ତି ଯେ ବାଂଲାଦେଶ ସମ୍ପର୍କରେ ଆମେ ମାନବିକ ସ୍ଥିତି ଉପରେ ସକ୍ରିୟ ରୂପେ କାମ କରୁଛୁ ଓ ଅନ୍ତରୀଣ ସରକାରଙ୍କୁ ଦେଶରେ ଶାନ୍ତିପୂର୍ଣ୍ଣ ତଥା ବିଶ୍ୱସନୀୟ ନିର୍ବାଚନରେ ସମର୍ଥନ ଦେଉଛୁ। ତେବେ ବିଦେଶ ସଚିବଙ୍କ ଧ୍ୟାନ ତାଙ୍କ ସଂସଦୀୟ ବୟାନ ଆଡକୁ ଆକର୍ଷିତ କରିବେ ବୋଲି ବ୍ଲାକ୍ ମ୍ୟାନଙ୍କୁ କ୍ୟାମ୍ପବେଲ ଆଶ୍ୱସ୍ତ କରିଛନ୍ତି। ବିଦେଶ ସଚିବ ପ୍ରୀତି ପଟେଲ ଏଭେଟ କୋପରଙ୍କୁ ପତ୍ର ଲେଖିବାର ପ୍ରାୟ ସପ୍ତାହ ପରେ ବବ୍ ବ୍ଲାକ୍ ମ୍ୟାନ ଏହି ହସ୍ତକ୍ଷେପ ଲୋଡିଛନ୍ତି।

# ବେଙ୍ଗଲରେ ଆଉ ଜଣେ ବିଏଲ୍ଓଙ୍କ ଆତ୍ମହତ୍ୟା

କୋଲକାତା, ୧୬ା୧ଃ ଯାଦବପୁର ବିଧାନସଭା ନିର୍ବାଚନମଣ୍ଡଳି ଅନ୍ତର୍ଗତ ବୁଥ ନମ୍ବର ୧୧୦ର ବୁଥ ଲେବୁଲ ଅଫିସର (ବିଏଲଓ) ଅଶୋକ ଦାସ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଏବେ ରାଜ୍ୟ ରାଜନୀତି ଓ ପ୍ରଶାସନ ଉପରେ ପୁଣି ପ୍ରଶ୍ନଚିହ୍ନ ଲଗାଇଛି। ଏହି ମାମଲାରେ ତୃଣମୂଳ କଂଗ୍ରେସ (ଟିଏମସି) କାଉନସିଲର ଅନନ୍ୟା ବାନାର୍ଜୀ ଓ ଟିଏମସିର ବୁଥ ଲେବୁଲ ଏଜେଣ୍ଟ (ବିଏଲଏ) ରାଜୁ ବିଶ୍ୱାସଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି। ପରିଜନ କହିଛନ୍ତି ଯେ, ଅଶୋକ ଦାସଙ୍କ ଉପରେ ଲଗାତାର ଚାପ ପକାଯାଉଥିଲା। ତାଙ୍କୁ ଭୋଟର ଲିଷ୍ଟରୁ ଅବୈଧ ଭୋଟରଙ୍କ ନାମ ନ କାଟିବା ପାଇଁ ଲଗାତାର ଚାପ ପଡୁଥିଲା। ସେ ଏପରି ନକଲେ ତାଙ୍କ ପତ୍ନୀ ଓ ପିଲାଙ୍କର କ୍ଷତି କରାଯିବ ବୋଲି ଧମକ ଦିଆଯାଉଥିଲା। ପରିଜନଙ୍କ ଅନୁସାରେ ଏହି କଥିତ ଧମକ ଓ ମାନସିକ ଚାପ କାରଣରୁ ଅଶୋକ ଦାସ ଗଭୀର ମାନସିକ ଅଶାନ୍ତିରେ ଥିଲେ। ଏଣୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି । ବିରୋଧୀ ଏହି ଘଟଣାକୁ ଗଣତନ୍ତ୍ର ଉପରେ ଆକ୍ରମଣ ଅଭିଯୋଗ କରି ମାମଲାର ତଦନ୍ତ ଦାବି କରିଛନ୍ତି। ଏବେ ଏହି ମାମଲାର ଅଧିକାରୀକ ଯାଞ୍ଚ ଦାବି ଜୋର ଧରିଛି ଓ ସବୁ ପକ୍ଷଙ୍କ ଭୂମିକାର ନିରପେକ୍ଷ ଯାଞ୍ଚ ଓ ଗହନ ଯାଞ୍ଚର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଛି।

### ଜାତିସଂଘକୁ କହିଲା ଆମେରିକା

# ଇରାନ ପାଇଁ ସବୁ ବିକଳ୍ପ ଖୋଲା ରହିଛି

ୱାଶିଂଟନ,୧୬ା୧ଃ ଇରାନରେ ହିଂସାତ୍ମକ ବିକ୍ଷୋଭ ମଧ୍ୟରେ ଆମେରିକା ଓ ଇରାନ ଅଧିକାରୀମାନେ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ଜରୁରୀ ବୈଠକରେ ମୁହାଁମୁହିଁ ହୋଇଥିଲେ। ଆମେରିକାର ରାଷ୍ଟ୍ରଦୂତ ଚେତାବନୀ ଦେଇଛନ୍ତି ଯେ, ତେହେରାନ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନରମ ସ୍ୱର ସତ୍ତ୍ୱେ ଇସଲାମିକ୍ ରିପବ୍ଲିକ୍ ବିରୋଧରେ ସମସ୍ତ ବିକଳ୍ପ ମହଜୁଦ ଅଛି।

ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ମାଇକ୍ ୱାଲ୍ଟଜ୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ଜଣେ କାର୍ଯ୍ୟର ବ୍ୟକ୍ତି, ଜାତିସଂଘରେ ଆମେ ଦେଖିଥିବା ପରି ଅନ୍ତହୀନ କଥାବାର୍ତ୍ତା ସେ ଚାହାନ୍ତି ନାହିଁ। ହତ୍ୟା ବନ୍ଦ କରିବା ପାଇଁ ସମସ୍ତ ବିକଳ୍ପ ଟେବୁଲରେ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଇସଲାମିକ୍ ରିପବ୍ଲିକର ସୁରକ୍ଷା ବାହିନୀ ଦ୍ୱାରା ହଜାର ହଜାର ଅସନ୍ତୁଷ୍ଟଙ୍କୁ ହତ୍ୟା କରାଯିବା ମାମଲାରେ ଇରାନ ବିରୋଧରେ ଆମେରିକାର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ନେଇ ଅନିଶ୍ଚିତତା ଦେଖାଦେଇଥିବା ବେଳେ ୱାଲ୍ଟଜଙ୍କ ମନ୍ତବ୍ୟ ଆସିଛି। ରିପୋର୍ଟ ଅନୁଯାୟୀ, ଇଣ୍ଟରନେଟ୍ ବ୍ଲାକଆଉଟ୍ ଜାରି ରହିଥିବାରୁ ଇରାନରେ ବିକ୍ଷୋଭ ପ୍ରାୟତଃ ହ୍ରାସ ପାଇଛି। ଆମେରିକାର



ହ୍ୟୁମ୍ୟାନ୍ ରାଇଟ୍ସ ଆକ୍ଟିଭିଷ୍ଟ ନ୍ୟୁଜ୍ ଏଜେନ୍ସି କହିଛି ଯେ, ଏହା ୨,୪୩୫ ବିକ୍ଷୋଭକାରୀ ଓ ୧୫୩ ସରକାରୀ ବ୍ୟକ୍ତିଙ୍କ ମୃତ୍ୟୁର ଯାଞ୍ଚ କରିଛି। ନରୱେସ୍ଥିତ ଇରାନ ମାନବାଧିକାର ଏନ୍‌ଜିଓ କହିଛି ଯେ, ଇରାନ ସୁରକ୍ଷା ବାହିନୀ ଅତି କମ୍‌ରେ ୩,୪୨୮ ବିକ୍ଷୋଭକାରୀଙ୍କୁ ହତ୍ୟା କରିଛି।

ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ଇରାନର ଜାତିସଂଘର ଉପରାଷ୍ଟ୍ରଦୂତ ଗୁଲାମହୋସେନ୍ ଦର୍ଜି କହିଛନ୍ତି ଯେ, ଇରାନ ଉତ୍ତେଜନା ବୃଦ୍ଧି କିମ୍ବା ମୁହାଁମୁହିଁ ହେବାକୁ ଚାହୁନାହିଁ। ଇରାନ ଅଶାନ୍ତିରେ ତାଙ୍କ ଦେଶର ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ଲୁଚାଇବା ପାଇଁ ୱାଲ୍ଟଜ୍ ଜାଣିଶୁଣି ଭୁଲ ସୂଚନା ଦେଉଛନ୍ତି। ସେ ସୁରକ୍ଷା ପରିଷଦକୁ କହିଛନ୍ତି ଯେ, ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଯେକୌଣସି ଆକ୍ରମଣର ନିର୍ଣ୍ଣାୟକ, ଆନୁପାତିକ ଓ ଆଇନଗତ ପ୍ରତିକ୍ରିୟା ଦିଆଯିବ। ଜାତିସଂଘରେ ରୁଷ୍‌ର ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ ମଧ ଆମେରିକା ଉପରେ ଅଭିଯୋଗ କରିଛନ୍ତି ଯେ, ଏକ ସାର୍ବଭୌମ ରାଷ୍ଟ୍ରର ଆଭ୍ୟନ୍ତରୀଣ କାର୍ଯ୍ୟରେ ଖୋଲାଖୋଲି ହସ୍ତକ୍ଷେପକୁ ଯଥାର୍ଥ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରାଯାଉଛି। ହ୍ୱାଇଟ୍ ହାଉସ୍ କହିଛି ଯେ, ଟ୍ରମ୍ପଙ୍କ ଚାପରେ ଇରାନ୍ ୮୦୦ ମୃତ୍ୟୁଦଣ୍ଡ ବନ୍ଦ କରିଦେଇଛି, କିନ୍ତୁ ସାମରିକ କାର୍ଯ୍ୟାନୁଷ୍ଠାନ ଏକ ବିକଳ୍ପ ହୋଇ ରହିଛି। ଆମେରିକାର ସିନେଟର ଲିଣ୍ଡସେ ଗ୍ରାହାମ୍ ଗଣମାଧ୍ୟମ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଟ୍ରମ୍ପ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ ଯୁଦ୍ଧ ଚାହୁନାହାନ୍ତି।

# ଇରାନରେ ଅଛନ୍ତି ୯ ହଜାର ଭାରତୀୟ

**ନୂଆଦିଲ୍ଲୀ, ୧୬।୧:** ଇରାନରେ ସଙ୍କଟ ଜାରି ରହିଥିବା ବେଳେ ଭାରତ ଏହାର ନାଗରିକଙ୍କୁ ସତର୍କ ରହିବା ପାଇଁ କହିଛି ଏବଂ ଇରାନରୁ ମଧ ନାଗରିକଙ୍କୁ ଖାଲିକରିବା ପ୍ରକ୍ରିୟା ଆରମ୍ଭ କରିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ଏହାର ନାଗରିକଙ୍କୁ ବର୍ତ୍ତମାନ ତୁରନ୍ତ ଦେଶ ଛାଡ଼ିଦେବା ପାଇଁ କହିଛି। ଜୟସ୍ୱାଲ କହିଛନ୍ତି, ଇରାନରେ ଏବେ ପ୍ରାୟ ୯ ହଜାର ଭାରତୀୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ର। ଜୟସ୍ୱାଲ କହିଛନ୍ତି,



ନିକଟରେ ଆମେ ୨ରୁ ୩ଟି ପରାମର୍ଶାବଳୀ ଜାରି କରିଛୁ। ଭାରତରେ ଆମ ନାଗରିକଙ୍କୁ ଆମେ ଇରାନ ଯିବା ପାଇଁ ବାରଣ କରିଛୁ ଏବଂ ଇରାନରେ ଥିବା ଭାରତୀୟ ନାଗରିକଙ୍କୁ ତୁରନ୍ତ ଯେକୌଣସି ଉପାୟରେ ଦେଶ ଛାଡ଼ିଦେବା ପାଇଁ କହିଛୁ। ସେ କହିଛନ୍ତି, ସରକାର ସ୍ଥିତି ଉପରେ ଭଲଭାବେ ନଜର ରଖିଛନ୍ତି ଏବଂ ଭାରତୀୟ ନାଗରିକଙ୍କ ସୁରକ୍ଷା ପ୍ରତି ସରକାର ପ୍ରତିଶ୍ରୁତିବଦ୍ଧ। ଜୟସ୍ୱାଲ କହିଛନ୍ତି, ନାଗରିକଙ୍କ ସୁରକ୍ଷା ପାଇଁ ଯାହା ଆବଶ୍ୟକ ତାହା କରାଯିବ। ଭାରତ ମଧ ଇରାନରୁ ନାଗରିକଙ୍କୁ ଖାଲି କରିବା ପ୍ରକ୍ରିୟା ଆରମ୍ଭ କରିଛି ବୋଲି ସେ କହିଛନ୍ତି। ଇରାନରେ ଥିବା ନାଗରିକଙ୍କୁ ଦୂତାବାସ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି।

### ଦଶମ ସବ୍-ଜୁନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିଅନସିପ୍‌ର ଶୁଭାରମ୍ଭ

# ଓଡ଼ିଶା ବାଳିକା ଦଳର ଦମଦାର ବିଜୟ

**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ୍ ରଗ୍‌ବୀ ଆସୋସିଏସନ୍‌ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ 'ଦଶମ ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍-୨୦୨୫' ଆରମ୍ଭ ହୋଇଛି। ଉଦଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜାତୀୟସ୍ତରୀୟ କ୍ରୀଡ଼ା ମହାକୁମ୍ଭର ଶୁଭାରମ୍ଭ କରିଛନ୍ତି।

ଭାରତୀୟ ରଗ୍‌ବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍ ଟ୍ରଫିକୁ ପଡ଼ିଆକୁ ନେଇ ସ୍ଥାପନା କରିବା ପରେ ସମସ୍ତ ୨୪ଟି ପ୍ରତିଯୋଗୀ ଦଳର ଅଧିନାୟିକାମାନେ ଜଣକ ପରେ ଜଣେ ପଡ଼ିଆ ମଧକୁ ପ୍ରବେଶ କରିଥିଲେ। ଏହି




ଅବସରରେ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ (ଆଇଆର୍‌ଏଫୟୁ)ର ସମ୍ପାଦକ ଜେରାଲ୍ଡ ପ୍ରଭୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଦଭ, କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ଠାରୁ ୧୫ ବର୍ଷରୁ କମ୍ ବାଳିକା ବର୍ଗର ପ୍ରତିଯୋଗିତା ସହିତ ଏହି ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଆୟୋଜକ ରାଜ୍ୟ ଓଡ଼ିଶା ନିଜ ମାଟିରେ ପ୍ରଭାବଶାଳୀ ପ୍ରଦର୍ଶନ କରି 'ପୁଲ୍-ଡି'ରେ ଉତ୍ତରପ୍ରଦେଶକୁ ୩୫-୦ ଏବଂ ରାଜସ୍ଥାନକୁ ୨୮-୦ ବ୍ୟବଧାନରେ ପରାସ୍ତ କରି ଅପରାଜେୟ ରହିଛି। ପ୍ରଥମ ଦିବସରେ ଓଡ଼ିଶା ବାଳିକା ରଗ୍‌ବୀ ଦଳ ଏହି ଦମ୍‌ଦାର ବିଜୟ ଯାତ୍ରା ଆରମ୍ଭ କରିଛି। ସେହିପରି ଗତବର୍ଷର ଚାମ୍ପିଅନ ମହାରାଷ୍ଟ୍ର 'ପୁଲ୍-ଏ'ରେ ଆସାମକୁ ୩୩-୦ ଏବଂ ଜମ୍ମୁ-କଶ୍ମୀରକୁ ୪୦-୦ରେ ହରାଇଥିବା ବେଳେ ଗତବର୍ଷର ରନର୍ସ-ଅପ୍ ବିହାର 'ପୁଲ୍-ବି'ରେ ଝାଡ଼ଖଣ୍ଡକୁ ୬୭-୦ ଏବଂ ମଣିପୁରକୁ ୬୪-୦ ଭଳି ବୃହତ ବ୍ୟବଧାନରେ ପରାସ୍ତ କରିଛି। ଦିଲ୍ଲୀ 'ପୁଲ୍-ସି'ରେ ଆନ୍ଧ୍ରପ୍ରଦେଶ ଓ ଉତ୍ତରାଖଣ୍ଡକୁ ହରାଇ ଶୀର୍ଷରେ ରହିଥିବା ବେଳେ ପଶ୍ଚିମବଙ୍ଗ ଏବଂ କେରଳ 'ପୁଲ୍-ଇ'ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ 'ପୁଲ୍-ଏଫ୍'ରେ ଗୁଜରାଟ ଓ ଚଣ୍ଡିଗଡ଼, 'ପୁଲ୍-ଜି'ରେ ଡି.ଏନ୍.ଏଚ୍.ଡି.ଡି ଏବଂ 'ପୁଲ୍-ଏଚ୍'ରେ କର୍ଣ୍ଣାଟକ ଓ ଛତିଶଗଡ଼ ବିଜୟ ହାସଲ କରିଛନ୍ତି।

# ଭଲପାଇବା ହେଉଛି ଭାରତୀୟତା: ହର୍ଷ ମନ୍ଦେର

● ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ବକ୍ତୃତାମାଳା




**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ଭାରତୀୟତା କହିଲେ କୌଣସି ଘୃଣା ବା ବିଭେଦ ଓ ବିଦ୍ୱେଷ ନୁହେଁ, ଭାରତୀୟତା ହେଉଛି ପରସ୍ପରକୁ ଭଲପାଇବା – ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଅଧିକାରକୁ ସମ୍ମାନ ଦେବା। ଏହା କହିଛନ୍ତି ଆଇଏଏସ ଚାକିରିରୁ ଇସ୍ତଫା ଦେଇ ଦେଶରେ ଭଲପାଇବାର ଭାବନା ପାଇଁ କାମ କରୁଥିବା ବିଶିଷ୍ଟ ଲେଖକ ତଥା ଗବେଷକ ଡକ୍ଟର ହର୍ଷ ମନ୍ଦେର। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଡ. ମନ୍ଦେର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଭୁବନେଶ୍ୱର ରୋଟାରୀ ଭବନଠାରେ ଆୟୋଜିତ ବକ୍ତୃତାମାଳାରେ ଯୋଗଦେଇ 'ଆଜିର ସମାଜରେ ଭଲପାଇବାର ଗୁରୁତ୍ୱ' ଶୀର୍ଷକରେ ତାଙ୍କର ବକ୍ତବ୍ୟ ରଖିଥିଲେ। ବକ୍ତୃତାମାଳାରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ଶିକ୍ଷାବିତ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ। ବିଶିଷ୍ଟ ଗାନ୍ଧିବାଦୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ପ୍ରମୁଖ ଉଦବୋଧନ ରଖି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାର ସଂପର୍କରେ ଉଲ୍ଲେଖ କରିଥିଲେ ଏବଂ ସର୍ବଧର୍ମ ସମନ୍ୱୟ ଭାବନାରେ ଭାରତ ଆଗକୁ ବଢ଼ିପାରିବ ବୋଲି କହିଥିଲେ।

# ନିଶାଙ୍କ ଆଗୁଆ ଜାମିନ ଆବେଦନ

**କଟକ, ୧୬।୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ସଦର ଥାନା ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ନିଶା ମହାରଣା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ହାଇକୋର୍ଟରେ ନିଶାଙ୍କ ତରଫରୁ ଆଗୁଆ ଜାମିନ ଆବେଦନ ଦାୟର କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ, ଜାନୁଆରି ୧୨ରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ଅପେରା ପଡ଼ିଥିଲା। ଏଥିରେ ନିଶା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଚନ୍ଦନଭାଟି ଫାଣ୍ଡିର ଏଏସଆଇ ବଲାଙ୍ଗୀର ସଦର ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଦୁଇଜଣ ଯାତ୍ରା ଆୟୋଜକଙ୍କୁ ଗିରଫ କରିଥିଲା। ଏହାପରେ ନିଶାଙ୍କୁ ଗିରଫ କରିବା ପାଇଁ ବଲାଙ୍ଗୀର ସଦର ଥାନା ପୁଲିସ ଭୁବନେଶ୍ୱରରେ ପହଞ୍ଚି ସାରିଥିବା ନେଇ ଚର୍ଚ୍ଚା ହୋଇଥିଲା।

### ଯାଜପୁରରେ ପୁଣି ଭାଙ୍ଗିଲା ବିଜେଡି ଗଡ଼

# ପୂର୍ବତନ ସାଂସଦଙ୍କ ସହ ୧୬ ଜିଲ୍ଲା ପରିଷଦ ସଦସ୍ୟ ଧରିଲେ ପଦ୍ମ

**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇଥିବା ବେଳେ ଏବେ ୨୧ ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର କ୍ଷମତାରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ବର୍ଷ ହେବ ନିଷ୍ଠାର ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସାରା ବିଶ୍ୱ ଆଜି ପ୍ରଧାନମନ୍ତ୍ରୀ ତାଙ୍କ ନେତୃତ୍ୱକୁ ଗ୍ରହଣ କରିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାରର ବିକାଶ ମଡେଲକୁ ଆଧାର କରି ସମସ୍ତେ ବିଜେପିମୁହାଁ ହେଉଛନ୍ତି। ଏହି କ୍ରମରେ ଆଜି ଯାଜପୁରର ଅନେକ ପ୍ରମୁଖ ବିଜେଡି ନେତା ଓ ନେତ୍ରୀ ବିଜେପିରେ ସାମିଲ୍ ହୋଇଥିବା ବେଳେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ରାଜ୍ୟ ଓ ଦଳକୁ ଆଗେଇନେବାକୁ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି।

ଆଜି ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ବଡ଼ଚଣା ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ସାଂସଦ ରୀତା ତରାଇ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ସହ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ସମିତି ସଭ୍ୟା ଖିରାବଧି ତନୟା ମଲିକ, ପୂର୍ବତନ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଧର୍ମଶାଳା ବିଜେଡି ଯୁବ ସଂଗଠକ ସନ୍ତୋଷ ତରାଇ, ଆଦିତ୍ୟ ପ୍ରସାଦ ପୃଷ୍ଟି ଓ ଧର୍ମଶାଳା ସାମାଜିକ ଗଣମାଧମ ସଂଯୋଜିକା ଚିନ୍ମୟୀ ବେହୁରା ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ଜିଲ୍ଲାର ୧୬ ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କ ସମେତ ୧୪୦ରୁ ଊର୍ଦ୍ଧ୍ୱ ବିଜେପିରେ ମିଶିଛନ୍ତି। ଏହାଛଡ଼ା ଭଦ୍ରକର ଚାନ୍ଦବାଲି ନିର୍ବାଚନମଣ୍ଡଳୀର ୪୦ରୁ ଊର୍ଦ୍ଧ୍ୱ ନେତାନେତ୍ରୀ ମଧ ବିଜେପିରେ ସାମିଲ୍ ହୋଇଛନ୍ତି। ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଅମର କୁମାର ନାୟକ, ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଉପସ୍ଥିତ ଥିଲେ।

# ବିଶିଷ୍ଟ ଜନନେତ୍ରୀ ବୀଣାପାଣି ଦାସଙ୍କ ସ୍ମୃତିସଭା




**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ବିପ୍ଳବୀ ଚେତନାର ଅଗ୍ରଣୀ ସୈନିକ, ସଂଗ୍ରାମୀ ନେତ୍ରୀ ସ୍ୱର୍ଗତାଃ ବୀଣାପାଣି ଦାସ ଥିଲେ ଜଣେ ସଚ୍ଚା ସାମ୍ୟବାଦୀ, ତ୍ୟାଗ ଓ ତିତୀକ୍ଷାର ପ୍ରତୀକ ଓ ମହିଳା ସାଂସ୍କୃତିକ ଆନ୍ଦୋଳନର ପ୍ରଗତିଶୀଳ ଧାରାର ମହାନ ଯୋଦ୍ଧା। ଭୁବନେଶ୍ୱର ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ସଭାକକ୍ଷରେ ଅନୁଷ୍ଠିତ ଦିବଙ୍ଗତ ବୀଣାପାଣି ଦାସଙ୍କ ସ୍ମୃତିଚାରଣ ସଭାରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି। ପ୍ରଫେସର ଡ଼. ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାପରେ ବିଶିଷ୍ଟ ନାଟ୍ୟକାର ଧିରେନ୍ଦ୍ରନାଥ ମଲ୍ଲିକ, ଛବି ମହାନ୍ତି, ନିରାକାର ଦାସ, ଦେବେନ୍ଦ୍ର କୁମାର ସିଂହ, ବିଶ୍ୱପ୍ରିୟ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବୀଣାପାଣି ଦାସଙ୍କ ସେବା, ତ୍ୟାଗ ଓ ସଂଘର୍ଷମୟ ଜୀବନର ଆଲୋକପାତ କରିଥିଲେ। ନାଗରିକ ମଂଚର ଆବାହକ ରାଜେନ୍ଦ୍ର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

● ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ

# ଭାଗନେଲେ ୧୪ ଦେଶର ୧,୦୫୩ ଖେଳାଳି

**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ୧୬ତମ ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ୨୦୨୬ ଆରମ୍ଭ ହୋଇଛି। ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ୍ ର ତତ୍ତ୍ୱାବଧାନରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ଏବଂ ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏହି ଚେସ୍ ଫେଷ୍ଟିଭାଲ ଆସନ୍ତା ଜାନୁଆରୀ ୨୪ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ସିଏ ରାଜୀବ ଶେଖର ସାହୁ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ର ସମ୍ପାଦକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଭୁବନେଶ୍ୱର ନୀଳାଦ୍ରିର ସଭାପତି ତଥା ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶାର କୋଷାଧକ୍ଷ ସୁଜିତ କୁମାର ରାଉତ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ର କୋଷାଧକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଓଡ଼ିଶାର ଦ୍ୱିତୀୟ ଆନ୍ତର୍ଜାତୀୟ ମାଷ୍ଟର ଏସ୍. ସତ୍ୟପ୍ରଜ୍ଞାଙ୍କ ସହ ପ୍ରଣୟ ଜେଠୀ (ଟୁର୍ଣ୍ଣାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ) ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ।



ଏହି ପ୍ରତିଯୋଗିତାରେ ୧୪ଟି ଦେଶର ମୋଟ ୧,୦୫୩ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି, ଯାହା ଓଡ଼ିଶାରେ ଆୟୋଜିତ ହୋଇଥିବା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଚେସ୍ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଖେଳାଳିମାନେ ଏ, ବି, ସି ଏବଂ ଡି ଭଳି ଚାରୋଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପ୍ରତିଯୋଗିତାରେ ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସମସ୍ତ ମ୍ୟାଚ୍ ଏକ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ହଲ୍‌ରେ ଖେଳାଯାଉଥିବା ବେଳେ ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଇଁ ଶୀର୍ଷ ଖେଳଗୁଡ଼ିକର ସିଧାପ୍ରସାରଣ କରାଯାଉଛି।

● ବଙ୍ଗଳାରେ କଥାହେବା କାଳ ହେଲା

# ୟୁପିରେ ସିଙ୍ଗୁର ଯୁବକଙ୍କୁ ହତ୍ୟା

**କୋଲକାତା, ୧୬।୧(ସଂଚାର ବ୍ୟୁରୋ):** ହୁଗୁଳି ସିଙ୍ଗୁରର ବାସିନ୍ଦା ମହମ୍ମଦ ଶାହିଦୁଲ୍ଲା (୩୫)ଙ୍କୁ ଉତ୍ତରପ୍ରଦେଶରେ ହତ୍ୟା କରାଯାଇଛି। ମୃତକଙ୍କ ପରିବାର ସୂଚନା ଦେଇଛନ୍ତି ଯେ, ଶାହିଦୁଲ୍ଲା ଦୀର୍ଘଦିନ ଧରି ଉତ୍ତରପ୍ରଦେଶର ଆରାରିଆରେ ସୁନା କାରିଗର ଭାବରେ କାମ କରୁଥିଲେ। ସେ ତାଙ୍କ ସ୍ତ୍ରୀ ଏବଂ ପୁଅ ସହିତ ସେଠାରେ ରହୁଥିଲେ। ଯୁବକ ଜଣକ ନିକଟରେ ନିଜର ସୁନା ଦୋକାନ ଖୋଲିଥିଲେ। ଜାନୁଆରୀ ୧୩ ତାରିଖରେ ଶାହିଦୁଲ୍ଲା ତାଙ୍କ ସ୍ତ୍ରୀ ଏବଂ ପୁଅକୁ ସିଙ୍ଗୁରର ଗୋପାଳନଗର ଗ୍ରାମପଞ୍ଚାୟତର ପାଇରାଓରା ଗ୍ରାମରେ ଥିବା ତାଙ୍କ ଘରକୁ ପଠାଇ ଦେଇଥିଲେ। କାରଣ ତାଙ୍କ ସ୍ତ୍ରୀଙ୍କ ନାମ ଏସ୍‌ଆଇଆର୍ ଶୁଣାଣିରେ ଆସିଥିଲା। ଅଭିଯୋଗ ଅନୁଯାୟୀ, ସେହି ରାତିରେ ଆରାରିଆରେ କିଛି ଦୁର୍ବୃତ୍ତ ସହିଦୁଲ୍ଲାଙ୍କୁ ଆକ୍ରମଣ କରିଥିଲେ। ଯୁବକଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ମାଆ ଆଜମେରା ବିବି ଦାବି କରିଛନ୍ତି ଯେ, ତାଙ୍କ ପୁଅ ବଙ୍ଗଳାରେ କଥା କହିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଛନ୍ତି।

# ସ୍କୁଟିକୁ ଧକ୍କାଦେଲା ଟ୍ରକ, ଜଣେ ମୃତ

**ସମ୍ବଲପୁର, ୧୬।୧ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ରେମେଡ ଛକରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ବୃନ୍ଦାବନ ବିହାର ଅଞ୍ଚଳର ରାଜକିଶୋର ଦାସ(୭୫) ବୋଲି ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଜବତ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ରାଜକିଶୋର ନିଜ ସ୍କୁଟି ଗାଡ଼ି ନମ୍ବର( ଓଆର ୦୭ୱାଇ - ୪୨୨୦) ଯୋଗେ ବୁର୍ଲାରୁ ଫେରୁଥିବା ବେଳେ ଟ୍ରକ୍ ଗାଡ଼ି ( ସିଜି ୦୭ସିପି - ୭୨୭୭) ସହ ଧକ୍କା ହୋଇଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜନୈତିକ...

ମଧ ଆକସ୍ମିକ ଭାବେ ବିଜେଡିରୁ ନିଲମ୍ବନ କରିଥିଲେ ନବୀନ। ଏହି ତାଲିକାରେ ଏକଦା ବିଜେଡିର ମାର୍ଗଦର୍ଶକ ଥିବା ପ୍ୟାରୀମୋହନ ମହାପାତ୍ର, ବିଧାୟକ ପ୍ରଭାତ ବିଶ୍ୱାଳ, ବିଭୂତି ବଳବନ୍ତରାୟ, ବିଜେଡିର ପ୍ରତିଷ୍ଠାତା ସଦସ୍ୟ ପ୍ରଫୁଲ୍ଲ ଘଡାଇ, ବୈଜୟନ୍ତ ପଣ୍ଡା, ଡାକ୍ତର ଦାମୋଦର ରାଉତ, ତିନି ତିନି ଥରର ବିଧାୟକ ତଥା ଗଞ୍ଜାମ ଜିଲ୍ଲାରେ ନବୀନଙ୍କ ପ୍ରତିନିଧି ଥିବା ପ୍ରଦୀପ ପାଣିଗ୍ରାହୀ, ଖୋର୍ଦ୍ଧାର ଟାଣୁଆ ନେତା ପ୍ରଶାନ୍ତ ଜଗଦେବ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ମଲ୍ଲିଙ୍କ ନାମ ରହିଛି। ସେହିଭଳି ତାଲିକାରେ ନଳିନୀ ମହାନ୍ତି, ଡାକ୍ତର କମଳା ଦାସ, ରାମକୃଷ୍ଣ ପଟ୍ଟନାୟକ ଆଦି ବି ରହିଛନ୍ତି। ଏହି ସମସ୍ତ ନେତାଙ୍କୁ ଦଳରୁ ବିଦା କରିବା ସମୟରେ ନବୀନ ଗୋଟିଏ କଥା କହିଥିଲେ ଯେ ଏମାନେ ଦୁର୍ନୀତିଗ୍ରସ୍ତ, ନଚେତ ଦଳୀୟ ଶୃଙ୍ଖଳା ମାନୁନାହାନ୍ତି। ପ୍ୟାରୀବାବୁଙ୍କୁ ବେଇମାନ କହିବାକୁ ବି ପଛାଇ ନଥିଲେ ସେ। ଏବେ ନଗଦ ଉପରେ ନିଜ ଦଳର ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ବିଦା କରିବା ପରେ ପୁଣିଥରେ ନବୀନଙ୍କ ରାଜନୈତିକ ହତ୍ୟା ଚର୍ଚ୍ଚାକୁ ଆସିଛି। ଏମାନଙ୍କୁ ବିଶୃଙ୍ଖଳାକାରୀ ଓ ବିଶ୍ୱାସଘାତକ ବୋଲି ଦଳୀୟ ନେତାମାନେ କହି ବୁଲୁଛନ୍ତି। ସେଥିପାଇଁ ନବୀନ ଏମାନଙ୍କୁ ବିଦା କରିଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଉଥିବା ବେଳେ ସାଧାରଣରେ କିନ୍ତୁ ଏମାନଙ୍କ ନିଲମ୍ବନର କାରଣ ଖୋଜା ଚାଲିଛି। ନବୀନଙ୍କ ରାଜନୈତିକ ଜୀବନ କାଳରେ ଗୋଟିଏ ଆଞ୍ଚଳିକ ଦଳର ଜଣଙ୍କ ପରେ ଜଣେ ନେତାଙ୍କୁ ଯେଭଳି ଭାବେ ଶିକାର କରାଯାଇଛି, ତାହାର ପରିଣାମ ଏବେ ବିଜେଡି ଭୋଗିବା ଆରମ୍ଭ କରିଛି। ଦଳର ହିତ ପାଇଁ ମୁହଁ ଖୋଲିବାକୁ କେହି ରାଜି ହେଉନାହାନ୍ତି। କାରଣ ମୁହଁ ଖୋଲି ସନା ଓ ଅରବିନ୍ଦ ବିଦା ହୋଇଥିବା ଅନେକ ବିଶ୍ୱାସ କରୁଛନ୍ତି। ତେଣୁ ଉପରେ ଉପରେ ବିଜେଡି ଓ ନବୀନଙ୍କ ପ୍ରତି ନିଜର ସମର୍ପଣ ଭାବ ଦେଖାଉଥିଲେ ମଧ ଭିତରେ ଭିତରେ କିନ୍ତୁ ନିଜର ସୁରକ୍ଷିତ ରାଜନୈତିକ ଭବିଷ୍ୟତ ଖୋଜିବାରେ ଲାଗିଛନ୍ତି। ଦୁଇ ବିଧାୟକଙ୍କ ନିଲମ୍ବନ ପରେ ଯଦିଓ ପ୍ରତିକ୍ରିୟା ସେଭଳି ଜୋରଦାର ହୋଇନାହିଁ ଓ ଆଗଧାଡ଼ିର ନେତାମାନେ ବି ମୁହଁ ଖୋଲିନାହାନ୍ତି, କିନ୍ତୁ ଏହାର ପ୍ରଭାବ ଆଗାମୀ ରାଜ୍ୟସଭା ଭୋଟ୍ ସମୟରେ ଦେଖିବାକୁ ମିଳିବ ବୋଲି ଏବେଠାରୁ ଆକଳନ କରାଗଲାଣି।

## ଡରାଉଛି...

ହୋଇଛି, କିନ୍ତୁ ଦିଲ୍ଲୀପଙ୍କୁ କେବେ ବି ନବୀନ ରାଜ୍ୟସଭାକୁ ପଠାଇନାହାନ୍ତି କିମ୍ବା ବିଜେଡିରେ ଗ୍ରହଣ କରିନାହାନ୍ତି। ବିଜେଡିର ଏହି ପ୍ରତିଷ୍ଠାତା ସଦସ୍ୟ ଏବେ ଦଳୀୟ ରାଜନୀତିରୁ ଦୂରରେ ଥିବା ବେଳେ ଏଥର କିନ୍ତୁ ରାଜ୍ୟସଭା ଯିବା ପାଇଁ ପ୍ରସ୍ତୁତି ଚଳାଇଥିବା ନେଇ ଆଲୋଚନା ଜୋର୍ ଧରିଛି। ବିଧାନସଭାରେ ସଂଖ୍ୟା ଗଣିତ ଦୃଷ୍ଟିରୁ ବିଜେପି ୨ ଜଣ ଓ ବିଜେଡି ଜଣେ ପ୍ରାର୍ଥୀଙ୍କୁ ସହଜରେ ଜିତାଉଥିବା ବେଳେ ଚତୁର୍ଥ ପ୍ରାର୍ଥୀଙ୍କ ପାଇଁ କିନ୍ତୁ ସହମତି ଆବଶ୍ୟକ ହେଉଛି। ଏଥିରେ ବିଜେପି-ବିଜେଡି, ବିଜେଡି-କଂଗ୍ରେସର ସହମତି ଆବଶ୍ୟକ। ନଚେତ୍ କ୍ରସ ଭୋଟିଂ ନିହାତି ଦରକାର ପଡୁଛି। ତେଣୁ ଦଳ ବାହାରୁ ଜଣେ ସର୍ବଶକ୍ତିମାନ ବ୍ୟକ୍ତି ଚତୁର୍ଥ ପ୍ରାର୍ଥୀ ହେଲେ ତାଙ୍କୁ ସବୁ ଦଳର ବିଧାୟକ ସମର୍ଥନ ଦେବେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ସବୁ ଦଳରେ ନିଜର ଶୁଭେଚ୍ଛୁ ରଖିଥିବା ଦିଲ୍ଲୀପ ରାୟ ପୁଣିଥରେ ରାଜ୍ୟସଭା ଯିବାକୁ ପ୍ରସ୍ତୁତ ହେଉଛନ୍ତି। ତାଙ୍କର ଦିଲ୍ଲୀରେ ବିଜେପି ନେତାମାନଙ୍କ ସହ ଉତ୍ତମ ସମ୍ପର୍କ ଥିବା ବେଳେ ବିଜେଡି ଓ କଂଗ୍ରେସରେ ବି ତାଙ୍କର ଅନେକ ଶୁଭେଚ୍ଛୁ ରହିଛନ୍ତି। ତେଣୁ ଦିଲ୍ଲୀପ ରାଜ୍ୟସଭା ମଇଦାନକୁ ଆସିଲେ ସ୍ଥିତି ବଦଳିଯିବ ବୋଲି ଅନେକ ଆଶା କରୁଛନ୍ତି। ଏଭଳି ଆଲୋଚନା କିନ୍ତୁ ନବୀନଙ୍କୁ ଭୟଭୀତ କରିଥିବା କୁହାଯାଉଛି। କାରଣ ଦିଲ୍ଲୀପ ଲଢ଼ିଲେ ବିଜେଡି ସଦସ୍ୟ କ୍ରସ ଭୋଟିଂ କରିବା ଏକପ୍ରକାର ନିଶ୍ଚିତ। ଏପରି ହେଲେ କେବଳ ନବୀନଙ୍କ କ୍ଷମତା ଉପରେ ପ୍ରଶ୍ନଚିହ୍ନ ଲାଗିବ ନାହିଁ, ବିଜେଡିରେ ବିଭାଜନ ହୋଇଯିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଅନୁରୂପ ଚିନ୍ତାରେ କଂଗ୍ରେସ ମୁଖିଆ ବି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଦେବ କି ନାହିଁ, ସେନେଇ ଆଲୋଚନା ହୋଇ ନ ଥିବା ବେଳେ ଦିଲ୍ଲୀପ କିନ୍ତୁ ଦଳରେ ଫାଟ ସୃଷ୍ଟି କରିଦେବେ ବୋଲି କୁହାଯାଉଛି। ଇତିମଧ୍ୟରେ ବିଜେଡିର ଦୁଇ ଜଣ ବିଧାୟକ ଦଳରୁ ନିଲମ୍ବିତ ହେବା ଓ ବିଜୟ ମହାପାତ୍ରଙ୍କ ସହ ଦିଲ୍ଲୀପଙ୍କ ଫଟୋ ଘୂରି ବୁଲିବା ବିଜେଡି ଓ ନବୀନଙ୍କୁ ଅଧିକ ଅଙ୍କଳରେ ପକାଇଛି। ବିଜେଡିର କୌଣସି ନେତା ଯଦିଓ ଏନେଇ ତୁଣ୍ଡ ଖୋଲୁନାହାନ୍ତି, କିନ୍ତୁ ଦିଲ୍ଲୀପଙ୍କ ରଣନୀତି ସଂକ୍ରାନ୍ତରେ ଅବଗତ ଥିବା ନବୀନ କିନ୍ତୁ ଏବେଠାରୁ ସର୍ତ୍ତକତା ଅବଲମ୍ବନ କରୁଥିବା ନେଇ ଆଲୋଚନା ଆରମ୍ଭ ହୋଇଛି।

## ୧୦ ବର୍ଷରେ...

ମିଳିପାରିଛି। ଦେଶର ପ୍ରାୟ ୪୮ ପ୍ରତିଶତରୁ ଅଧିକ ଷ୍ଟାର୍ଟଅପର ନେତୃତ୍ୱ ନେଉଛନ୍ତି ମହିଳା, ଯାହା ନୂତନ ଭାରତ ଗଠନର ସ୍ୱପ୍ନକୁ ନୂଆ ଉଡ଼ାଣ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ଉଦ୍ୟମିତାରେ ଓଡ଼ିଶା ଏକ ଉଜ୍ଜ୍ୱଳ ଉଦାହରଣ ସ୍ଥାପନ କରିଛି। ରାଜ୍ୟର ପ୍ରାୟ ୪୦% ଷ୍ଟାର୍ଟଅପ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ଏହା ଲିଙ୍ଗଗତ ସମାନତା ଓ ଅନ୍ତର୍ଭୁକ୍ତିମୂଳକ ଉଦ୍ୟମୀତାର ଏକ ବଡ଼ ସଫଳତା। ଛାତ୍ର ଓ ପ୍ରଥମ ପିଢ଼ିର ଉଦ୍ୟମୀମାନେ ମଧ ଏହି ଇକୋସିଷ୍ଟମ୍ରେ ବଡ଼ ଭୂମିକା ନିର୍ବାହ କରୁଛନ୍ତି। ଷ୍ଟାର୍ଟଅପ ଓଡ଼ିଶା ଏହି ବିକାଶର ମୁଖ୍ୟ ଚାଳକ ଶକ୍ତି ହୋଇଛି। ରାଜ୍ୟରେ ୨୬-୨୭ଟି ମାନ୍ୟତାପ୍ରାପ୍ତ ଇନକ୍ୟୁବେଟର ରହିଛି, ଯାହା ବିଶ୍ୱବିଦ୍ୟାଳୟ, ସରକାରୀ ଓ ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ କରୁଛନ୍ତି। କୃଷିଟେକ, ଆଇଟି, ଏଆଇ, ହେଲଥକେୟାର, ଫିନ୍‌ଟେକ୍ ଓ ବାୟୋଟେକ୍ନୋଲୋଜି ଭଳି ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପଗୁଡ଼ିକ ମଧ ସକ୍ରିୟ ରହିଛନ୍ତି। ଓଡ଼ିଶା ଷ୍ଟାର୍ଟଅପ ପଲିସିରୁ ୧୦୦ କୋଟି ଟଙ୍କାର ଷ୍ଟାର୍ଟଅପ୍ ଗ୍ରୋଥ ଫଣ୍ଡ, ଏକ୍ସଚେଞ୍ଜ ପ୍ରୋଗ୍ରାମ ଓ ଲଞ୍ଚପ୍ୟାଡ ୨୦୨୫ ଭଳି କାର୍ଯ୍ୟକ୍ରମ ଷ୍ଟାର୍ଟଅପ ବିକାଶରେ ସହଯୋଗ କରୁଛି। ପୂର୍ବରୁ ୨୦୨୫ ସୁଦ୍ଧା ୫,୦୦୦ ଷ୍ଟାର୍ଟଅପ୍ ଗଠନର ଲକ୍ଷ୍ୟ ରଖାଯାଇଥିଲା, ଯାହା ଆଗାମୀ ଦିନରେ ଆହୁରି ବଡ ଲକ୍ଷ୍ୟ ପୂରଣର ସଙ୍କେତ ଦେଉଛି। ରାଜ୍ୟ ସରକାର ମଧ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ କରିବାକୁ ନୂଆ ଷ୍ଟାର୍ଟଅପ ନୀତି, ଏଆଇ ନୀତି, ସେମିକଣ୍ଡକ୍ଟର ଉତ୍ପାଦନ ନୀତି ପ୍ରସ୍ତୁତ କରିଛନ୍ତି, ଯାହା ନୂଆ ନୂଆ ଷ୍ଟାର୍ଟଅପକୁ ଆଗକୁ ଆସିବାରେ ସହଯୋଗ କରୁଛି।

## ବାଟି...

ଶ୍ରୀ ପାଢ଼ୀ ଓ ତାଙ୍କ ପୁଅଙ୍କ ବ୍ୟତୀତ ବ୍ୟବସାୟୀ ଖାରିଆ ପଞ୍ଚାୟତର ଭଗବାନ ସାହୁ, ବିଶ୍ୱନାଥ ପାତ୍ର, କୃପାସିନ୍ଧୁ ମୁଦୁଲି ଓ ସୁନୀଲ ପାତ୍ରଙ୍କ ଘରେ ବି ଚଢ଼ାଉ ଜାରି ରହିଛି। ବର୍ଷ ବର୍ଷ ଧରି ବେଆଇନ ଭାବେ ବହୁ ମାଫିଆ ଚୋରାରେ ବାଲି ଚାଲାଣ କରି ବ୍ୟାପକ ଅର୍ଥ ରୁଣ୍ଡି କରିଥିବା ଅଭିଯୋଗ ହୋଇଆସୁଥିଲା। ଏଥିସହ ଯେଉଁମାନଙ୍କ ଘର ଉପରେ ଚଢ଼ାଉ ହୋଇଛି, ସେମାନଙ୍କ ଉପରେ ସରକାରଙ୍କର ବାଲିଘାଟ ବାବଦରେ ପାଖାପାଖି ୪୬ କୋଟି ଟଙ୍କା ରୟାଲ୍‌ଟି ପାଇବାର ଅଛି। ଏପରିକି ମିଠା ଦୋକାନୀ, ଦିନମଜୁରିଆ, ଟ୍ରାକ୍ଟର ଡ୍ରାଇଭରଙ୍କ ନାମରେ ଏହି ବ୍ୟବସାୟୀମାନେ ବାଲି ଘାଟ ନିଲାମ ନେଇ ବର୍ଷ ବର୍ଷ ଧରି ଏକରକମ ଟଙ୍କା ଛାଣୁଛନ୍ତି। ଏନେଇ ପ୍ରମାଣ ପାଇବା ପରେ ଆଜି ଇଡି ତା'ର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟର ପାଖାପାଖି ୫୦ ଜଣ ବାଲି ମାଫିଆଙ୍କର ଏକ ତାଲିକା ଇଡି ପ୍ରସ୍ତୁତ କରିଛି। ଧୀରେ ଧୀରେ ସେମାନଙ୍କ ଘରେ ବି ଚଢ଼ାଉ କରାଯିବ ବୋଲି କୁହାଯାଉଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଜବତ ହୋଇଥିବା ଟଙ୍କା ଓ ସମ୍ପତ୍ତିର ମୋଟ ଆକଳନ କରାଯାଇପାରିନାହିଁ।

## ଅଭିଯୋଗର...

ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱୀକାର କରୁଛନ୍ତି, ସେମାନେ ମୋ ବିରୋଧରେ ଥିବା ଅଭିଯୋଗର ପ୍ରମାଣ ଦିଅନ୍ତୁ। କେବଳ କାହା ବିରୋଧରେ ଯେକୌଣସି ପ୍ରକାର ଅଭିଯୋଗ ଆଣିଲେ ହେବ ନାହିଁ। ଯଦି ଦଳ ପୂର୍ବରୁ ମୋର ଦଳ ବିରୋଧୀ କାର୍ଯ୍ୟ ବାବଦରେ ଜାଣିଥିଲା, ତେବେ ମୋ ସହିତ ସେ ବିଷୟରେ କାହିଁକି ଆଲୋଚନା କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ମୋ ବିରୋଧରେ ଆଣିଥିବା ଅଭିଯୋଗ ତଥ୍ୟ ସହ ପ୍ରମାଣିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ବିଧାୟକ ଭାବେ ମୁଁ ଦାୟିତ୍ୱ ବିଧାନସଭା ଭିତରେ ଓ ବାହାରେ ଦାୟିତ୍ୱ ତୁଲାଇଛି। ୨୦୨୯ ପର୍ଯ୍ୟନ୍ତ ମୁଁ ବିଧାୟକ ଅଛି। ତେଣୁ ପାଟକୁରାବାସୀଙ୍କୁ ମୁଁ ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବି। ମୁଁ ଏବେ ଦଳରୁ ନିଲମ୍ବିତ ହୋଇଥିବାରୁ କୌଣସି ବ୍ୟାନର ବ୍ୟବହାର କରିବି ନାହିଁ। କିନ୍ତୁ ନିର୍ବାଚନମଣ୍ଡଳୀରେ ମୋର ଯାହା ସବୁ କାର୍ଯ୍ୟକ୍ରମ ଅଛି ତାହା ପୂରଣ କରିବି। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ରାତି ଅଧରେ ଲୁଚିକି ଭେଟିନାହିଁ। ଏଭଳି ଅଭିଯୋଗ ଉଦ୍ଦେଶ୍ୟମୂଳକ। ମୁଁ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ନିର୍ବାଚନମଣ୍ଡଳୀର କିଛି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିଲି। ବିଧାୟକ ଭାବେ ସବୁ ଦଳର ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ କାର୍ଯ୍ୟକ୍ରମ ନେଇ ଭେଟନ୍ତି, ଏହା କିଛି ନୂଆ କଥା ନୁହେଁ। ବାପାଙ୍କ ପାଇଁ ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି, କହିବା ଭୁଲ ହେବ। କାରଣ ତାଙ୍କ ପାଇଁ ମୋ ପରିଚୟ। ସେ ପୂର୍ବରୁ ମଧ ରାଜ୍ୟଯାକ ବୁଲନ୍ତି। ସେ ସବୁ ବେଳେ ରାଜନୀତିରେ ସକ୍ରିୟ ଥାନ୍ତି ଓ ଅଛନ୍ତି ମଧ। ତେଣୁ ତାଙ୍କୁ ନେଇ ମୋ ସହ ଯୋଡିବା ଠିକ ନୁହେଁ ବୋଲି ସେ କହିଛନ୍ତି। ମୋ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ନେଇ ମୁଁ ସଭାପତିଙ୍କୁ ଭେଟିବାକୁ ଚେଷ୍ଟା କରିବି। ଯଦି ସୁଯୋଗ ମିଳେ, ତେବେ ତାଙ୍କଠାରୁ ମୋ ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ମାଗିବି।

## ନିଲମ୍ବନ...

ଯେମିତି ଦଳରୁ ଅପ୍ରତ୍ୟାଶିତ ଭାବେ ବିଦା କରିଥିଲେ, ଏବେ ପୁଅଙ୍କୁ ସେହିଭଳି ଅଚାନକ ନିଲମ୍ବିତ କରିଛନ୍ତି। ଏପରି କାର୍ଯ୍ୟାନୁଷ୍ଠାନ ଏବେ ବି ରହସ୍ୟ ଘେରରେ ଥିବା ବେଳେ ବିଜୟ କହିଛନ୍ତି ବିଶ୍ୱାସଘାତକ କଣ ହୋଇଛି ସେମାନେ କହିବେ। ମୁଁ ଜାଣିବାରେ କିଛି ବି ଘଟିନି। ଓଡ଼ିଶାର ଲୋକେ ଅପେକ୍ଷା କରୁଛନ୍ତି କାରଣ କ'ଣ ଜାଣିବା ପାଇଁ। କାହା ପାଖରେ କ'ଣ ଗୁଇନ୍ଦା ରିପୋର୍ଟ ଅଛି, ସେମାନେ କହିପାରିବେ ବୋଲି ବିଜୟ କହିଛନ୍ତି। ବିଜେଡିରେ କ'ଣ ହୋଇଛି ଆକଳନ କରିବା ଏବେ କଷ୍ଟ। ଅରବିନ୍ଦ ଦଳରେ ଥିଲା ଆଉ ଦଳୀୟ ଲାଇନ କ'ଣ ତାହା ନବୀନଙ୍କୁ ଜଣା। ନବୀନଙ୍କ ଦସ୍ତଖତରେ ଆସିଛି, ତେଣୁ ଏଥିରେ ଦ୍ୱନ୍ଦ୍ୱ ନାହିଁ। କିନ୍ତୁ ଏଭଳି କାର୍ଯ୍ୟାନୁଷ୍ଠାନ ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଛି ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି। କିନ୍ତୁ ବିଶ୍ୱାସଘାତକ କିଏ ତା' ଲୋକେ କହିବେ ବୋଲି କହିଛନ୍ତି ବିଜୟ। ନିଲମ୍ବିତ ହେବା ପରେ ଅରବିନ୍ଦ ଏବେ ଦଳରେ ଯେଉଁମାନେ ତାଙ୍କ ସାଥୀରେ ଅଛନ୍ତି, ସେମାନଙ୍କ କଥା ବୁଝିବା ସହ ନିଜ ନିର୍ବାଚନମଣ୍ଡଳୀର ଭଲମନ୍ଦ ବୁଝିବାକୁ ବିଜୟ ପରାମର୍ଶ ଦେଇଛନ୍ତି।

## ସତର୍କ...

ନିବେଦନ କରିଛନ୍ତି। ସମସ୍ତ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ରହିବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପିଇ କିଟ୍ ଓ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ରାଜ୍ୟର ବର୍ତ୍ତମାନ ସ୍ଥିତି, ସତର୍କତା ବ୍ୟବସ୍ଥା, ରୋଗ ନିରୀକ୍ଷଣ, ନମୂନା ପରୀକ୍ଷା, ଆଇସୋଲେସନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ସମ୍ପୂର୍ଣ୍ଣ ଆଲୋଚନା କରାଯାଇଛି।

## ଦୁଇ...

ପହଞ୍ଚି ଗୁରୁତର ଭାବେ ଆହତ ହୋଇଥିବା ଶ୍ରମିକଙ୍କୁ ପଥର କାଢ଼ି ଉଦ୍ଧାର କରିବା ସହ ନିକଟସ୍ଥ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ମୃତକମାନଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ସକାଶେ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବିଧାୟକଙ୍କ...

କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ ଯେ ଶ୍ରୀ ମଲ୍ଲିକ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଦେଇନାହାଁନ୍ତି। ଏଥିସହ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ବିଧାୟକଙ୍କ ଆୟ ବହୁଗୁଣିତ ହୋଇଥିଲା। ଏହା କିପରି ହେଲା, ସେ ନେଇ ତଦନ୍ତ ପାଇଁ ଶ୍ରୀ ମହାପାତ୍ର ଦାବି କରିଥିଲେ। ଶ୍ରୀ ମଲ୍ଲିକଙ୍କର ଆହୁରି ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି, ଯାହା ସେ ଗତ ୨୦୨୪ ନିର୍ବାଚନ ପାଇଁ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇନାହାଁନ୍ତି ବୋଲି ଅଭିଯୋଗ ହୋଇଥିଲା। ବିଧାୟକଙ୍କ ନାଁରେ ସଞ୍ଜୀବ ଅଟୋମୋବାଇଲ୍ସ, ସଞ୍ଜୀବ ଅଟୋପାର୍ଟ୍ସ, ବହୁ ଦାମୀ ଗାଡ଼ି ଓ ପତ୍ନୀଙ୍କ ନାଁରେ ଏକ ଜୁଏଲାରୀ ଦୋକାନ ମଧ ରହିଛି। ଏସବୁ ବାଦ୍ ତାଙ୍କ ନାଁରେ ଆହୁରି ଅନେକ ସମ୍ପତ୍ତି ରହିଛି। ଏନେଇ ତଦନ୍ତ ହେବା ଆବଶ୍ୟକ ବୋଲି ଆଇନଜୀବୀ ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଜଣେ ଲୋକପ୍ରତିନିଧି ୫ ବର୍ଷରେ ଏତେ ସମ୍ପତ୍ତିର ଅଧିକାରୀ କିପରି ହେଲେ, ତା' ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଗୋଟେ ପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଇଡି ଚଢାଉ ଚାଲିଥିବା ବେଳେ ଇଓଡବ୍ଲୁ ଶ୍ରୀ ମଲ୍ଲିକଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଏସପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଘଟଣାରୁ ବିଧାୟକଙ୍କ ଅଡୁଆ ବଢ଼ିଥିବା ସ୍ପଷ୍ଟ ହୋଇଛି। ତେବେ ପ୍ରତିକ୍ରିୟାରେ ବିଧାୟକ ଏ ସମ୍ପର୍କରେ କିଛି ବି ଜାଣିନଥିବା କହିଛନ୍ତି।

## ଶିକ୍ଷା...

ଦକ୍ଷତା ବିକାଶ ସମ୍ପର୍କରେ ଜିଲ୍ଲାମାନଙ୍କୁ ପଚାରି ବୁଝିଥିଲେ। ଏଥିସହ ନୂଆ ବହି ସମ୍ପର୍କରେ ରାଜ୍ୟର ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ାଇବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ୪ଟି ପରାମର୍ଶ ଦେଇଛନ୍ତି। ପ୍ରଥମେ ନିପୁଣ ଭାରତକୁ ପ୍ରାଧାନ୍ୟ ଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍)କୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟରେ ଅତି କମ୍‌ରେ ପଞ୍ଚମ ଶ୍ରେଣୀ ଯାଏଁ ମାତୃଭାଷା ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦେବାକୁ ସେ କହିଛନ୍ତି। ତୃତୀୟରେ ଛାତ୍ରଛାତ୍ରୀଙ୍କ ପୋଷଣକୁ ଗୁରୁତ୍ୱ ଦେଇ ପିଏମ-ପୋଷଣକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚତୁର୍ଥରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏନ୍‌ଇପିରେ ଥିବା ବର୍ଷକୁ ୧୦ ଦିନ ବସ୍ତାନିବିହୀନ ବିଦ୍ୟାଳୟ ପ୍ରଚଳନକୁ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ କହିଛନ୍ତି, ଜାତୀୟ ଶିକ୍ଷା ନୀତିକୁ ଓଡ଼ିଶାରେ ଭଲ ଭାବରେ ପ୍ରଚଳନ କରିବା ହେଉଛି ଆମର ଦାୟିତ୍ୱ। ଏହିକ୍ରମରେ ଶିକ୍ଷକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସୂଚନାଯୋଗ୍ୟ ଯେ ଏସ୍‌ସିଇଆର୍‌ଟି ଦ୍ୱାରା ୫୫ଟି ନୂତନ ଏନସିଇଆରଟି ପାଠ୍ୟପୁସ୍ତକକୁ ଅନୁବାଦ ଓ ସନ୍ଦର୍ଭଭୁକ୍ତ କରାଯାଇଛି।

ଘରଭଙ୍ଗା ନୋଟିସ ଘଟଣା

## ଫୁଲବାଣୀବାସୀ ଭୟଭୀତ ହୁଅନ୍ତୁନି: ସାଂସଦ



**ଫୁଲବାଣୀ,୧୬।୧ (ସଂଚାର ବ୍ୟୁରୋ):** ଗତ ତିନିଦିନ ହେଲା ଫୁଲବାଣୀରେ ୩୦୦ରୁ ଅଧିକ ଲୋକ ଫୁଲବାଣୀ ତହସିଲ ଅଫିସରୁ ଘରଭଙ୍ଗା ନୋଟିସ ପାଇ ଭୟଭୀତ ହୋଇ ରହିଥିବା ବେଳେ ଆଜି କନ୍ଧମାଳ ସାଂସଦ ମାନବର ସୁକାନ୍ତ ପାଣିଗ୍ରାହୀ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ, ଘରଭଙ୍ଗା ଘଟଣାରେ କୌଣସି ଲୋକ ଭୟଭୀତ ହେବା ଦରକାର ନାହିଁ ବୋଲି ସ୍ପଷ୍ଟ କହିଛନ୍ତି। ସେ ରାଜସ୍ୱ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ସହ କଥାବାର୍ତ୍ତା କରି ସ୍ପଷ୍ଟ କରିଛନ୍ତି ଯେ ୨୦୧୭/୧୮ ମସିହା ପୂର୍ବରୁ ଯେଉଁମାନେ ସରକାରୀ ଜମିରେ ଘରକରି ରହୁଛନ୍ତି ସେମାନଙ୍କ କଥା ସରକାରଙ୍କ ବିଚାରାଧୀନ ଅଛି ଏବଂ ସେ କହିଛନ୍ତି ସର୍ବଶିକ୍ଷା ଯୋଜନା କିମ୍ବା ଭୁବନେଶ୍ୱର ଜରିଆରେ ସମାଧାନ କରିବାକୁ ଚେଷ୍ଟା କରିବୁ। ବିଧାୟକ ଉମା ଚରଣ ମଲ୍ଲିକ କହିଛନ୍ତି ଯେ ଅତିଶୀଘ୍ର କନ୍ଧମାଳରୁ ସାଂସଦଙ୍କୁ ନେଇ ଏକ ଟିମ ମୁଖ୍ୟମନ୍ତ୍ରୀ ୟଙ୍କୁ ଭେଟି ଏହି ସମସ୍ୟା ୟର ସମାଧାନ ଉପରେ ଆଲୋଚନା କରିବୁ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଆଜିଠାରୁ ଆଉ ଘରଭଙ୍ଗା ନୋଟିସ ପଠାଯିବ ନାହିଁ।

## ସମସ୍ୟା ଘେରରେ ଦୁଆରଶୁଣୀ ପଞ୍ଚାୟତ

ନିର୍ମାଣର ୪ ବର୍ଷ ପରେ ବି ଶେଷ ହୋଇପାରୁନି ପୋଲ

ହନ୍ତସନ୍ତ ହେଉଛନ୍ତି ୨୭ଟି ଗ୍ରାମର ଅଧିବାସୀ

ଦେଶୀ ଡଙ୍ଗାରେ କରୁଛନ୍ତି ବିପଦପୂର୍ଣ୍ଣ ଯାତ୍ରା



**ବୋରିଗୁମ୍ମା,୧୬।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଦୁଆରଶୁଣି ପଞ୍ଚାୟତରେ ରହିଥିବା ମୁରାନ୍ ଡ୍ୟାମର ଜେଟିଆଗୁଡ଼ା କେନାଲଠାରେ ପୋଲ ନିର୍ମାଣ ମନ୍ଥର ଗତିରେ ଚାଲୁଥିବା ଯୋଗୁଁ ୨୭ଖଣ୍ଡ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବା ସହ ହନ୍ତସନ୍ତ ହେଉଛନ୍ତି । ଏହି ପଞ୍ଚାୟତକୁ ଯାତାୟତ କରିବାକୁ ୧୦୦ କିଲୋମିଟର ଠାରୁ ଅଧିକ ପଥ ବୁଲି ବୁଲି ଯିବାକୁ ପଡୁଛି । ତେବେ ବୋରିଗୁମ୍ମା କୋରାପୁଟ ଓ ଦଶମନ୍ତପୁରକୁ ଆସିବାକୁ ବହୁତ ଦୂର ହେଉଥିବା ଯୋଗୁଁ ବାଧ ହୋଇ ମୁରାନ ଡ୍ୟାମରେ ଯାଉଥିବା ଦେଶୀ ଡଙ୍ଗାରେ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରୁଥିବା ଅଞ୍ଚଳବାସୀ କହିଛନ୍ତି । ଏହି ଡଙ୍ଗାରେ ଯାତାୟତ କରିବା ଦ୍ୱାରା ଅନେକ ଥର ନୌକା ଓଲଟି ଯିବା ସହ ବହୁତ ଲୋକଙ୍କ ଜୀବନ ଭାସିଯାଇ ଥିବା ମଧ ଦେଖିବାକୁ ମିଳିଛି । ତଥାପି କୌଣସି ନେତା କି ପ୍ରଶାସନ ଦୃଷ୍ଟି ଦେଉନଥିବା ଦେଖିବାକୁ ମିଳିଛି । ତାହା ବାଦେ ଏହି ରାସ୍ତା ଉପରେ ତିନି ଜିଲ୍ଲା କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁର ଲୋକମାନେ ନିର୍ଭର କରିଥାନ୍ତି ।

ସୂଚନା ଥାଉକି, ଗତ ୨୦୧୯ ସାଧାରଣ ନିର୍ବାଚନ ବେଳେ ମୁରାନ ଡ୍ୟାମର ଜେଟିଆଗୁଡ଼ା କେନାଲ ଉପରେ ସ୍ଥାୟୀ ପୋଲ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ ରାଜ୍ୟ ସରକାର। ଏହା ଭିତରେ ୪ ବର୍ଷ ବିତିଯାଇଥିବା ବେଳେ ୩୨ କୋଟି ଟଙ୍କାର ଟେଣ୍ଡର କାର୍ଯ୍ୟ ଶେଷ ହୋଇ ଅତି ମନ୍ଥର ଗତିରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ନେଇ ଅଞ୍ଚଳବାସୀ ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଦୀର୍ଘ ୪୫ ବର୍ଷ ପରେ ବି ଯାତାୟତ ଜନିତ ସମସ୍ୟାରୁ ଦୁଆରଶୁଣି ପଞ୍ଚାୟତବାସୀ ମୁକ୍ତି ପାଇ ପାରୁନାହାନ୍ତି ।

ଜେଟିଆଗୁଡ଼ା କେନାଲରେ ସଦା ସର୍ବଦା ପାଣିଭର୍ତ୍ତି ହୋଇ ରହୁଛି । ଏଥିଲାଗି ଦୁଆରଶୁଣି ପଞ୍ଚାୟତବାସୀ ବର୍ଷ ବର୍ଷ ଧରି ପିଡିଏସ୍ ଚାଉଳଠାରୁ ଆରମ୍ଭ କରି ମେଡିକାଲ, ବ୍ୟାଙ୍କ ସେବା, ପଞ୍ଚାୟତକୁ ଯାଇ ଭତ୍ତା ଆଣିବା ଏବଂ ସାପ୍ତାହିକ ହାଟ ଭଳି ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳିପାରୁ ନାହିଁ । ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସିଆଇଟିୟୁ ଓ କୃଷକ ସଭା ତରଫରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ନୀଳଗିରି,୧୬।୧ (ସଂଚାର ବ୍ୟୁରୋ):** ଚାରି ଦଫା ଦାବୀ ନେଇ ଆଜି ସିଆଇଟିୟୁର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଶୁଭଶ୍ରୀ ରାଉଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଶ୍ରମିକ ମାନଙ୍କୁ ମାସିକ ୨୬ ହଜାର ଟଙ୍କା ମଜୁରୀ, ସ୍କିମ ୱାର୍କର୍ସ ମାନଙ୍କୁ ସରକାରୀ ମାନ୍ୟତା, ଭିବିଜି ରାମ ଜି ସ୍କିମକୁ ବଦଳାଇ ପୂର୍ବରୁ ଥିବା ମନରେଗା ଯୋଜନାକୁ ପ୍ରଚଳନ କରିବା, ମାସକୁ ୩୦୦ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦେବା ଓ ସ୍ମାର୍ଟ ମିଟର ପ୍ରତ୍ୟାହାର ଦାବୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଦିଆଯାଇଛି। ଆସନ୍ତା ୧୯ ତାରିଖ ଦିନ ସିଆଇଟିୟୁ, କୃଷକ ସଭା ଓ କ୍ଷେତ୍ର ମଜଦୁର ସଙ୍ଘ ମିଳିତ ସମାବେଶକୁ ସଫଳ କରିବା ପାଇଁ ଶ୍ରୀ ପାତ୍ର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## କ୍ୟାରିୟର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ




**ନବରଙ୍ଗପୁର/ଉମରକୋଟ,୧୬।୧ (ସଂଚାର ବ୍ୟୁରୋ):** ପି.ଏମ.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କୁର୍ଷୀ ଠାରେ ସରକାରୀ ଆଇଟିଆଇ ଦ୍ୱାରା ଏକ କ୍ୟାରିୟର କଉନ୍ସେଲିଙ୍ଗ କାର୍ଯ୍ୟକ୍ରମ ରାଜ୍ୟ ବୈଷୟିକ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସରକାରୀ ଆଇଟିଆଇ ଅଧକ୍ଷ ସଞ୍ଜୟ କୁମାର ଠାକୁର ତ୍ୱରାନ୍ୱିତ କରିଥିଲେ । ଅନୁଷ୍ଠାନର ଟ୍ରେନିଂ ଅଫିସର ଶ୍ରୀ ପ୍ରଦୀପ କୁମାର ବର୍ମନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ଛାତ୍ରଛାତ୍ରୀ ମାନଙ୍କୁ ବୈଷୟିକ ଶିକ୍ଷାର ତାତ୍ପର୍ଯ୍ୟ ଏହାର ସରକାରୀ ପ୍ରୋତ୍ସାହନ ଏବଂ ନିଯୁକ୍ତିର ସୁବିଧା ସୁଯୋଗ ସମ୍ପର୍କରେ ଅଲକୋପାତ କରିଥିଲେ । ଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନଧର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା



**ଖୋର୍ଦ୍ଧା,୧୬।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ବିଶାଳ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି ଏକତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁ, ଡେପୁଟୀ କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ବିଭିନ୍ନ ଉଚ୍ଚ ମାଧମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, କ୍ରୀଡ଼ାବିତ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପଦଯାତ୍ରାରେ ଯୋଗଦେଇ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ପହଞ୍ଚିଥିଲେ ।

ସର୍ଦ୍ଧାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ବର୍ଷ ଜନ୍ମ ଜୟନ୍ତୀ ପୂର୍ତ୍ତି ଉପଲକ୍ଷେ ଯୁବକ ଯୁବତୀ ମାନଙ୍କୁ ଏକତା ମନ୍ତ୍ରରେ ଅଭି ମନ୍ତ୍ରିତ କରି ସର୍ଦ୍ଧାରଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ଉପଲକ୍ଷେ ଯୁବ ଉତ୍ସବ ଆୟୋଜିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସର୍ଦ୍ଧାର ପଟେଲଙ୍କ ଜୀବନୀ ପଢ଼ି ରାଷ୍ଟ୍ରୀୟ ଏକତା ଅଖଣ୍ଡତା ବଜାୟ ରଖିବା ସହ ଏକ ଭାରତ, ଆତ୍ମନିର୍ଭର ଭାରତ ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣର ଭିଜନକୁ ସାକାର କରିବାକୁ ଶ୍ରୀ ବେଉରା ଆହ୍ୱାନ ଦେଇଥିଲେ ।

## ମା’ ପେଣ୍ଡ୍ରାଣୀ ସବୁଜ ସେନା ସଙ୍ଘ ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ଉମରକୋଟ,୧୬।୧ (ସଂଚାର ବ୍ୟୁରୋ):** ମା’ ପେଣ୍ଡ୍ରାଣୀ ସବୁଜ ସେନା ସଙ୍ଘ ତରଫରୁ ସ୍ଥାନୀୟ ଭାସ୍କେଲ ଡ୍ୟାମ ଠାରେ ସ୍ୱଚ୍ଛତା ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକମାନଙ୍କ ଦ୍ୱାରା ଭୋଜି ପରେ କରାଯାଇଥିବା ଅଳିଆ ଆବର୍ଜନା, ମଦ ବୋତଲ ଇତ୍ୟାଦିକୁ ସଫା କରି, ସମାଜକୁ ଏକ ସ୍ୱଚ୍ଛତା ଏବଂ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଡ୍ୟାମରେ ଥିବା ଶିଶୁ ଉଦ୍ୟାନକୁ ମଧ କେମିତି ଯତ୍ନର ସହ ରଖାଯାଇ ପାରିବ ସେଥି ପ୍ରତି ଲୋକଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମା ପେଣ୍ଡ୍ରାଣୀ ସବୁଜ ସେନା ସଂଘର ସଭାପତି ସନ୍ତୋଷ କୁମାର ସାହୁ, ଉପ- ସଭାପତି ରାକେଶ ମିସ୍ତ୍ରୀ, ସମ୍ପାଦକ ଟୁନା ଦାଶ, ସହ ସମ୍ପାଦକ ନଶନ ଖରା, କୋଷାଧକ୍ଷ ସୁଶାନ୍ତ ସାହୁ, ଉପଦେଷ୍ଟା ମହେଶ୍ୱର ସ୍ୱାଇଁ, ସମସ୍ତ ବ୍ଲକ ସଂଯୋଜକ ସମେତ ପଚାଶରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ପିତା-ମାତାଙ୍କୁ ହରାଇ ଦୁଇ ଶିଶୁଙ୍କ ଅସହାୟତା ଘଟଣା

## ସହାୟତାର ହାତ ବଢ଼ାଇଲା କଂଗ୍ରେସ



**ଛତ୍ରପୁର,୧୬।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକର କାଇଁଚପୁର ପଞ୍ଚାୟତ ଅଧୀନ ଝରପଦା ଗାଁରେ ପିତା–ମାତାଙ୍କ ଅକାଳ ମୃତ୍ୟୁ ପରେ ଅସହାୟ ହୋଇପଡ଼ିଥିବା ସୁଇଟି (୧୭) ଓ କାଳିଆ (୧୪)ଙ୍କ ପରିବାରକୁ ଆଜି କଂଗ୍ରେସ ପକ୍ଷରୁ ଆର୍ଥିକ ଏବଂ ମାସକ ପାଇଁ ରାସନ ସାମଗ୍ରୀ ସହଯୋଗ ପ୍ରଦାନ କରାଯାଇଛି। ପରିବାରର ଦୁର୍ଦ୍ଦଶା ସମ୍ବନ୍ଧୀୟ ସୂଚନା ପାଇବା ପରେ କଂଗ୍ରେସ ନେତୃତ୍ୱ ଝରାପଦର ଗାଁକୁ ଯାଇ ପୀଡିତ ଶିଶୁମାନଙ୍କ ଅବସ୍ଥା ବୁଝିବା ସହିତ ତତ୍କାଳ ସହାୟତା ପ୍ରଦାନ କରିଛନ୍ତି। ସହଯୋଗ ଅଭିଯାନରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀ, ଛତ୍ରପୁର ବିଧାୟକ ପଦ ପ୍ରାର୍ଥୀ ଭାଗୀରଥି ବେହେରା, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ଼, ସହିତ ସମାଜସେବକ ଭବାନୀ ବେହେରା ସହିତ ଅନେକ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। କଂଗ୍ରେସ ପକ୍ଷରୁ ଦିଆଯାଇଥିବା ସହଯୋଗରେ ୧୦୦୦୦ ତତ୍କାଳ ଆର୍ଥିକ ସହାୟତା, ଚାଉଳ, ଅଟା, ଡାଲି, ତେଲ, ପନିପରିବା ଓ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଯୋଗାଇ ଦିଆଯାଇଛି। ସ୍ଥାନୀୟ ବାସିନ୍ଦାମାନେ କଂଗ୍ରେସର ଏହି ମାନବିକ ଉଦ୍ୟମକୁ ଖୁବ ପ୍ରଶଂସା କରିଛନ୍ତି। ଏହି ଉଦ୍ୟମ ଦ୍ୱାରା କଂଗ୍ରେସ ତା’ର ରାଜନୀତିକ ଦାୟିତ୍ୱ ଠାରୁ ଅଧିକ, ସାମାଜିକ ଓ ମାନବିକ ଭୂମିକା ପାଳନରେ ଆଗରେ ଥିବା ସ୍ପଷ୍ଟ ହୋଇଛି।

## ପ୍ରତାପଶାସନ ଡିଗ୍ରୀ କଲେଜର ୩୫ତମ ବାର୍ଷିକ ଉତ୍ସବ



**ବାଲିଅନ୍ତା,୧୬।୧ (ସଂଚାର ବ୍ୟୁରୋ):** ବାଳକାଟି ପ୍ରତାପଶାସନ ଡିଗ୍ରୀ କଲେଜର ୩୫ତମ ବାର୍ଷିକ ଉତ୍ସବ ଆଜି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଅଧାପକ ଗଙ୍ଗାଧର ରାଉତ ସଭାପତିତ୍ୱ କରିଥିଲେ। ଅଧକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରିକେଟ କୁଇନ ଫୁଲ ସ୍ୱରେନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅଧୟନ ସହିତ କ୍ରୀଡ଼ା କ୍ଷେତ୍ରରେ ଭଲ ପ୍ରଦର୍ଶନ ନେଇ ପରାମର୍ଶ ଦେଇଥିଲେ। କଲେଜର ପ୍ରତିଷ୍ଠାତା ସନ୍ତୋଷ କୁମାର ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଡ. ରଜନୀରଞ୍ଜନ ଦାଶ ଯୋଗ ଦେଇଥିଲେ। ସମ୍ବାଦର ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୁରେଶ କୁମାର ସ୍ୱାଇଁ ଛାତ୍ରଛାତ୍ରୀ ସାମାଜିକ ଗଣମାଧମ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ଡ, ରଜନୀ ରଞ୍ଜନ ଦାଶ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବସନ୍ତ ସାହୁ, ବେଣୁଧର ଭୋଇ, ରବିନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାର୍ଷିକ କ୍ରୀଡ଼ାରେ ଚାମ୍ପିଅନ ବିଶ୍ୱଜିତ ସେଠୀ ଓ ରୋଜାଲିନି ଭୋଇଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କଲେଜ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ସଂସଦ ସହ ଉପଦେଷ୍ଟା ହେମନ୍ତ କୁମାର ଦାଶ ବାର୍ଷିକ ବିବରଣୀ ଓ ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମା’ ଖୋଜେ ମମତା ସାମାଜିକ ନାଟକ ବେଶ ଆକର୍ଷଣୀୟ ହୋଇଥିଲେ। ଛାତ୍ର ସଂସଦର ସହ ଉପଦେଷ୍ଟା ହେମନ୍ତ କୁମାର ଦାଶଙ୍କ ପରିକଳ୍ପନା, ସଂଯୋଜନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକ ଶେଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଓ ଅଭାଭାବକମାନଙ୍କୁ ବାନ୍ଧି ରଖିଥିଲା।

## ଜମିପଟ୍ଟା ଦାବିରେ ବିଜେଡିର ବିଶାଳ ରାଲି ଓ ଦାବିପତ୍ର ପ୍ରଦାନ




**ଫୁଲବାଣୀ,୧୬।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଦୀର୍ଘ ୭୦ ବର୍ଷ ଧରି ସରକାରୀ ଜମିରେ ବାସ ଗୃହ କରି ରହି ଆସୁଛନ୍ତି। ସେସବୁ ଜମିରୁ ବାସଗୃହ ଉଚ୍ଛେଦ କରିବାକୁ ୧୭୦୦ ଲୋକଙ୍କୁ ଏଭିକ୍ସନ ନୋଟିସ ଦିଆ ଯାଇଛି। ଅପର ପକ୍ଷରେ ଜୋରିମାନା ମଧ୍ୟ ଆଦାୟ ପାଇଁ ମଧ୍ୟ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ନୋଟିସ ଜାରି କରିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ଭାଙ୍ଗିବାକୁ ମଧ୍ୟ ନୋଟିସ ଦିଆ ଯାଇଛି। ୧୯୭୬, ୨୦୧୪ ଓ ୨୦୨୧/୨୨ ସେଟେଲମେଣ୍ଟରେ ସରକାରୀ ଜବର ଦଖଲ ମାମଲା ଗୁଡିକୁ ସେଟେଲ କରି ପଟ୍ଟା ଦିଆଗଲା ନାହିଁ। କେବଳ ୧୦% ଲୋକଙ୍କୁ ଜମି ପଟ୍ଟା ଦିଆଗଲା ଓ ୯୦% ଲୋକଙ୍କୁ ପଟ୍ଟା ମିଳିଲା ନାହିଁ। ଉଷା ସର୍ଭେ ପଟ୍ଟା ମଧ୍ୟ କିଛି ଲୋକେ ପାଇଲେ ୨୦୨୪ରେ ଏବଂ ୨୦୨୫ ଓ ୨୬ରେ ଉଷା ଜମି ପଟ୍ଟା ମିଳିନାହିଁ। ଜାଗା ମିଶନ ବନ୍ଦ ରହିଛି। ତେବେ ସରକାରୀ ଜମିରେ ଥିବା ବାସଗୃହକୁ ଉଚ୍ଛେଦ ବନ୍ଦ କରି ସେସବୁ ଜମିକୁ ଆଇନ ସଂଶୋଧନ କରି ସେଟେଲ କରାଯାଇ ପଟ୍ଟା ପ୍ରଦାନ କରିବାକୁ ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମ ନାଭ ବେହେରା ଓ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ପ୍ରିୟା ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ରାଲି କରି କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି। ରାଲିରେ ବିଜେଡି କର୍ମୀଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ।

## ଆରପାରିରେ ‘ଝୁନୁ ଦେଇ’



**ଯାଜପୁର,୧୬।୧ (ସଂଚାର ବ୍ୟୁରୋ):** ଯାଜପୁରର ଜମିଦାର ଦେବାନ ବାହାଦୂର ହରି ବଲ୍ଲଭ ଦାସଙ୍କ ବଡ଼ ଝିଅ, ସ୍ୱର୍ଗତ କିଶୋରୀ ମଞ୍ଜରୀ ଦାସଙ୍କ ଧର୍ମପତ୍ନୀ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବଡ଼ ବୋଉ ଏବଂ ସମାଜସେବୀ ବଳଭଦ୍ର ଦାସ ଓ ଜଗନ୍ନାଥ ଦାସଙ୍କ ସ୍ନେହମୟୀ ମାଆ "ସ୍ନେହଲତା ଦାସ" (ଝୁନୁ ଦେଇ) ଙ୍କ ଗତକାଲି ସନ୍ଧ୍ୟା ସମୟରେ ୮୪ ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି। ଗତକାଲି ସନ୍ଧ୍ୟାବେଳେ ହଠାତ୍ ଛାତିରେ ତୀବ୍ର ଯନ୍ତ୍ରଣା ହେବାରୁ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ। ସେଠାରେ ଡାକ୍ତରମାନେ ଚିକିତ୍ସା କରୁଥିବା ସମୟରେ ରାତ୍ରି ପ୍ରାୟ ୮ଟା ସମୟରେ ତାଙ୍କର ଦେହାନ୍ତ ଘଟିଥିଲା। ଏହି ସମୟରେ ୨ପୁଅ, ବୋହୁ, ଝିଅ, ଜ୍ୱାଇଁ, ନାତି ଉପସ୍ଥିତ ଥିଲେ। ଏହି ଦୁଃଖଦ ସମ୍ବାଦ ପ୍ରଚାରିତ ହେବା ପରେ ତାଙ୍କ ବାହାବଳପୁର ବାସଭବନରେ ବହୁ ସାମାଜିକ, ରାଜନୈତିକ ବ୍ୟକ୍ତିତ୍ୱ ଓ ସାଧାରଣ ଲୋକଙ୍କ ଭିଡ଼ ଜମିଥିଲା। କଂଗ୍ରେସ ନେତା ସନ୍ତୋଷ ନନ୍ଦ,ଦେବେନ୍ଦ୍ର ପଣ୍ଡା, ବିଜେପି ନେତା ସଂଗ୍ରାମ ପାତ୍ର,ସଞ୍ଜୟ ନାୟକ, ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ବ୍ୟାସନଗର ପୌରାଧକ୍ଷ ସୁବାସ ବଳଙ୍କ ସହ ଅନେକ ବିଜେପି, ବିଜେଡି ଓ କଂଗ୍ରେସ ନେତୃତ୍ୱ ଉପସ୍ଥିତ ରହି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ଶେଷକୃତ୍ୟ ଯାଜପୁର ସ୍ଥିତ ମହାବାରୁଣୀ ଶ୍ମଶାନରେ ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା।

## ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ




**ଆନନ୍ଦପୁର,୧୬।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମ୍ୟୁନିସିପାଲଟି ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା, ଆନନ୍ଦପୁର ବ୍ଲକ୍ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ର ଚେୟାରମେନ ସତ୍ୟବ୍ରତ ରାମ, ଆଲୁମିନ କମିଟି ଚେୟାରମେନ ସାବିତ୍ରୀ ଦାସ, କୋଡପଡ଼ା ଉଚ୍ଚ ମହାବିଦ୍ୟାଳୟର ଅଧକ୍ଷ ରତିକାନ୍ତ ଦେବତା, ସମାଜସେବୀ ବିନୋଦ ବିହାରୀ ମହାପାତ୍ର, ସିଆରସି ରବି ନାରାୟଣ ପଣ୍ଡା ଯୋଗଦେଇ ମା ତାରିଣୀଙ୍କ ଫୋଟ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଛାତ୍ରୀ ମାନେ ନିଜ ଭବିଷ୍ୟତ କିପରି ଉଜ୍ୱଳ ଭାବେ ଗଢ଼ି ତୋଳିବେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଞ୍ଚାସିନ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ୍ ଅର୍ପଣ ହରେକୃଷ୍ଣ ଜେନା କରିଥିଲେ।

## ୧୭ଟି ଗାଡିର ଚାଲାଣ କାଟିଲେ ଆରଟିଓ

**ରାଇଘର,୧୬।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଆରଟିଓ ଅଭିନାଶ ବଳ ରାଇଘରର ବିଭିନ୍ନ ଅଞ୍ଚଳକୁ ଯାଇ ୧୭ଟି ଗାଡି ଉପରେ ୨,୯୨,୪୯୪ ଟଙ୍କାର ଚାଲାଣ କାଟିଥିବା ଜଣାପଡିଛି। ଆରଟିଓଙ୍କ କହିବା ଅନୁଯାୟୀ ଏହି ଗାଡ଼ିଗୁଡ଼ିକର କାଗଜ ପତ୍ର ଠିକ ନ ଥିବା ସହ ଫିଟନେସ, ଅତ୍ୟଧିକ ସାମଗ୍ରୀ ନେବା, ମାଲ ବୋଝେଇ ଗାଡ଼ିରେ ଲୋକଙ୍କୁ ନିଆଯିବା ସହ ଏକ ବାଲିଗାଡ଼ି ହ୍ୱାଇୱା ଉପରେ କେଶରେ ଫାଇନ କଟାଯାଇଛି।

## ଗୋଚାଲାଣ ଅଭିଯୋଗରେ ଜଣେ ଗିରଫ



**ହିଞ୍ଜିଳିକାଟୁ,୧୬।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନିକଟବର୍ତ୍ତୀ ସମରଝୋଳ ଛକରୁ ଶୁକ୍ରବାର ସକାଳେ ଏକ ଟାଟା ଏସି (ଓଆର୦୩ ଏଚ୬୭୭୬) ଯୋଗେ ବେଆଇନ ଭାବେ ଗୋଚାଲାଣ ହେଉଥିବା ବେଳେ ହିଞ୍ଜିଳି ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରି ଜଣକୁ ଗିରଫ କରିଛି। ଗିରଫ ଯୁବକ ହେଲେ ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଗିରିଆ ଗ୍ରାମର ବିମଳ ନାହକ। ୨ଟି ମଇଁଷି ବ୍ରହ୍ମପୁର ଅଭିମୁଖେ ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ଗାଡ଼ିକୁ ଜବତ କରିଛି। ଏନେଇ ଥାନାରେ କେସ ନଂ ୩୯/୨୬ରେ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ଜରାଜୀର୍ଣ୍ଣ ଯୋଗାଣ ନିଗମ ଗୋଦାମ ଗୃହ

### ପିଡିଏସ ସାମଗ୍ରୀ ଗଚ୍ଛିତ ପାଇଁ ନିର୍ମାଣ ହୋଇଥିଲା

### ନଷ୍ଟ ହେବାକୁ ବସିଲାଣି ଉପକରଣ



**କାକଟପୁର/ଅସ୍ତରଙ୍ଗ,୧୬।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ପିଡ଼ିଏସ ସାମଗ୍ରୀ ଯୋଗାଇ ଦେବା ପାଇଁ ଗୋଦାମ ଗୃହ ନିର୍ମାଣ କରାଯାଇଥିଲା। ପିଡ଼ିଏସ ସାମଗ୍ରୀ ଏଠାରେ ଗଚ୍ଛିତ ରଖାଯାଇ ବିତରଣ କରାଯାଉଥିଲା। ହେଲେ ଏବେ ଆଉ ବ୍ୟବହାରରେ ଲାଗୁନାହିଁ। ଜରାଜୀର୍ଣ୍ଣ ହୋଇପଡିଛି। କୋଠା ଉପରେ ମାଡିଗଲାଣି ଗଛଲତା। ଗୋଦାମ ଗୃହ ପରିସର ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏବେ ଏହା ବିଷଧର ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି।

ମିଳିଥିବା ସୂଚନା ଅନୁସାରେ ୨୦୦୨ମସିହାରେ ପୂର୍ବତନ ପଞ୍ଚାୟତରାଜ ମନ୍ତ୍ରୀ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକଙ୍କ କରକମଳରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ପିଡ଼ିଏସ ସାମଗ୍ରୀ ବଣ୍ଟନକୁ ତ୍ୱରାନ୍ୱିତ କରିବାକୁ ଯାଇ ଯୋଗାଣ ବିଭାଗ ପକ୍ଷରୁ ଏଠାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୋଦାମ ଘର ନିର୍ମାଣ କରାଯାଇଥିଲା। ଗୋଦାମ ଘର ନିର୍ବାଚନ ପରେ ପାଖାପାଖି ୫ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି କାମ ବ୍ୟବହାରରେ ମଧ ଲାଗିଥିଲା। ମିଲର୍ସ ମାନଙ୍କ ପାଖରୁ ଚାଉଳ, ଗହମ ଆଦି ଏଠାରେ ଆସି ଗଚ୍ଛିତ ହୋଇ ରହୁଥିଲା। ପରେ ଆବଶ୍ୟକତା ଅନୁଯାୟୀ ପରିବହନ ଠିକାଦାରଙ୍କ ଜରିଆରେ ବିତରଣ କେନ୍ଦ୍ରକୁ ଯାଉଥିଲା। ହେଲେ ପରବର୍ତ୍ତୀ ସମୟରେ କୌଣସି କାରଣ ବଶତଃ ବନ୍ଦ ରହିଗଲା। ଯାହା ଫଳରେ ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲ ନୀତି ସହ ଅସାଧୁ ଉପାୟ ଅବଲମ୍ବନ ପାଇଁ ପିଡ଼ିଏସ ସାମଗ୍ରୀ ଗଛିତ କରି ରଖାଯାଇନଥିଲା। ଦୀର୍ଘ ଦିନ ହେବ ଅବ୍ୟବହୃତ ହୋଇରହିବା ଫଳରେ ଗୋଦାମ ଗୃହ ପରିତ୍ୟକ୍ତ ହୋଇପଡିଛି। କାନ୍ଥରେ ଗଛ ଲତା ଉଠିବା ସହ ସଟର, ଅନ୍ୟାନ୍ୟ ଉପକରଣରେ ମଧ କଳଙ୍କି ଲାଗିଗଲାଣି। ଜରାଜୀର୍ଣ୍ଣ ଯୋଗାଣ ନିଗମ ଗୋଦାମ ଗୃହ ଏବେ ଭୂତକୋଠିରେ ପରିଣତ ହୋଇଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେଉଁ ଉଦ୍ଦେଶ୍ୟରେ ଗୋଦାମ ଘର ନିର୍ମାଣ କରାଯାଇଥିଲା, ତାହା ତ ପୂରଣ ହୋଇପାରିଲା ନାହିଁ। ତଥାପି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଥିବା ଏହି ଗୋଦାମ ଘରକୁ ମରାମତି କରାଯାଇ ଯେକୌଣସି ସରକାରୀ କାମରେ ଲାଗିଲେ ଲୋକେ ଉପକୃତ ହୋଇପାରନ୍ତେ। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

● ମିଟୁ ଓ ପିଣ୍ଟୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଆସିକା ଅମରନାଥ କ୍ଲବ ଚମ୍ପିୟାନ



**ହିଞ୍ଜିଳିକାଟୁ,୧୬।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ମିନି ଷ୍ଟାଡିୟମରେ ଇଗଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ମିଟୁ ଓ ପିଣ୍ଟୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ଲବ ସଭାପତି ସଞ୍ଜୟ ପଣ୍ଡାଙ୍କ ସଂଯୋଜନାରେ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ ଓ ସମ୍ମାନିତ ଅତିଥି ରୂପେ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୂର୍ବତନ ଉପନଗରପାଳ ପବିତ୍ର ପାଣିଗ୍ରାହୀ, ସମାଜସେବୀ ସୀମାଞ୍ଚଳ ଗୌଡ଼, ପ୍ରଦୀପ କୁମାର ପଣ୍ଡା, ଅଜୟ ମହାରଣା, ଓଡିଶା କିଷାନ କଂଗ୍ରେସ ଉପାଧ୍ୟାକ୍ଷ ଶିବରାମ ପ୍ରଧାନ, ଯୁବ ନେତା ପ୍ରଦୀପ ମହାରଣା, କୁନା ବିଷୋୟୀ ଓ ଛାତ୍ର ନେତା ସଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ଆସିକା ଅମରନାଥ କ୍ରିକେଟ କ୍ଲବ ଓ ନୂଆଗଡ ଫ୍ରେଣ୍ଡସ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ନୂଆଗଡ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ମାତ୍ର ୯୧ ରନ କରି ଅଲଆଉଟ ହୋଇଥିଲା ବେଳେ ଆସିକା ୧୪ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଆସିକାର ଜିତେନ୍ଦ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଗୁରୁଙ୍କୁ ମ୍ୟାନ ଅଫ ଦି ସିରିଜ ବିବେଚନା କରାଯାଇଥିଲା। ଶ୍ରେଷ୍ଠ ବୋଲର ଭାବେ ନୂଆଗଡ଼ର ମନୋଜ ଓ ଶେରଗଡ ସୁନୀଲ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା 'ଦୟାନଦୀରୁ ନିରଞ୍ଜନା' ଉନ୍ମୋଚିତ

# ୨୦୩୬ 'ବିକଶିତ ଓଡ଼ିଶା' ପାଇଁ ୨୦୨୬ରୁ ପ୍ରୟାସ କରିବାକୁ ଆହ୍ୱାନ

- ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବେ କୋଟିଏ ପିଲା
- ସମାଜକୁ ଦିଗ୍‌ଦର୍ଶନ ଦେବ ପୁସ୍ତକ



**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଭୁବନେଶ୍ୱର ଠାରେ ଭିଡ଼ିଓ କନଫରେନ୍ସ ମାଧମରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଭୟ ମନ୍ତ୍ରୀ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ମାଷ୍ଟର ଟ୍ରେନର ଏବଂ ଶୈକ୍ଷିକ ନେତୃବୃନ୍ଦଙ୍କ ସହ ନୂତନ ପାଠ୍ୟକ୍ରମ ଓ ଶିକ୍ଷକ ପ୍ରଶିକ୍ଷଣ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷାବର୍ଷ ୨୦୨୬-୨୭ ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହା 'ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା' ଉପରେ ଆଧାରିତ ହେବ। ରାଜ୍ୟର ପ୍ରାୟ ୧.୬୭ ଲକ୍ଷ ଶିକ୍ଷକଙ୍କୁ ନୂତନ ପାଠ୍ୟକ୍ରମରେ ଦକ୍ଷକରିବା ପାଇଁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ। ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶକୁ ନିରନ୍ତର ଜାରି ରଖିବାକୁ ଗୁରୁତ୍ୱ ଦିଆଯାଇଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ, ଯାହାଦ୍ୱାରା ପିଲାମାନଙ୍କର ମୌଳିକ ଶିକ୍ଷା ମୂଳଦୁଆ ଶକ୍ତ ହେବ।

ସେହିପରି ପ୍ରାଥମିକ ସ୍ତରରେ ପିଲାମାନଙ୍କର ପଢ଼ିବା, ଲେଖିବା ଓ ସଂଖ୍ୟା ଜ୍ଞାନର ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା ଲକ୍ଷ୍ୟ ହାସଲ ଉପରେ ଚର୍ଚ୍ଚା ହୋଇଛି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୧୦ ଦିନିଆ ବ୍ୟାଗ୍-ମୁକ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ସେମାନେ ବ୍ୟାବହାରିକ ଜ୍ଞାନ ଏବଂ ସମାଲୋଚନାତ୍ମକ ଚିନ୍ତାଧାରା ଶିଖିପାରିବେ।

ଜନ୍ମଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଶିକ୍ଷା ନୀତି ଜରିଆରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ 'ବିକଶିତ ଓଡ଼ିଶା' ଗଠନ ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏନସିଇଆରଟି, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ରାଜ୍ୟ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ନବୋଦୟ ବିଦ୍ୟାଳୟ ସଂଗଠନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିନିଧିର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ନବୀନ ଏବେ ବିଗ୍ ଜିରୋ: ରବି ପାଣି

### ଆଉ ହାତ ହଲେଇଲେ ଭୋଟ ହଉନି



**ଭୁବନେଶ୍ୱର, ୧୬, ୧ (ସଂଚାର ବ୍ୟୁରୋ):** ବିଜେଡିର ଦୁଇ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ବିଜୟ ମାହାପାତ୍ରଙ୍କ ଅନୁଗତ ନେତାମାନେ ବର୍ଷିବା ଆରମ୍ଭ କରିଛନ୍ତି। ଓଡିଶା ରାଜନୀତିରେ ନବୀନ ପଟ୍ଟନାୟକ ଏବେ ବିଗ ଜିରୋ। ଆଉ ହାତ ହଲେଇଲେ ଭୋଟ ହଉନି। ନୂଆପଡା ଉପନିର୍ବାଚନରେ ତାହା ପ୍ରମାଣିତ ହୋଇଯାଇଛି। ଦୁଇ ଦୁଇ ଥର ଯାଇ ହାତ ହଲେଇ, ଭୋଟ ହେଲାନି। ଏହା ପ୍ରମାଣିତ କରୁଛି ଯେ, ଆଉ ନବୀନ ହାତ ହଲେଇଲେ ଭୋଟ ହେଉନି।

ସେହିଭଳି ଦୁଇ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପରେ ଗଣମାଧ୍ୟମରେ ଯେଉଁ ନେତାମାନେ ଗଳା ଫଟେଇ କହୁଥିଲେ ସେମାନଙ୍କ ଚରିତ୍ର କ'ଣ ରାଜ୍ୟବାସୀ ଜାଣିଛନ୍ତି। ସେମାନଙ୍କ ବିରୋଧରେ ଦୁର୍ନୀତିର ପୂଳାପୂଳା ଅଭିଯୋଗ ଅଛି। ମେ ୨୯ ମଧ୍ୟରାତ୍ରୀରେ ବିଜେଡି ବିଭାଜନ ଚକ୍ରାନ୍ତରେ ଏମାନଙ୍କ ଭୂମିକା କ'ଣ ଥିଲା ସେକଥା ସମସ୍ତେ ଜାଣନ୍ତି। ଏବେ ସେଇ ଦୁର୍ନୀତିଗ୍ରସ୍ତ ନେତାମାନେ ଅନ୍ୟକୁ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକ ବୋଲି କହିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୂର୍ବତନ ବିଧାୟକ ରବି ପାଣି। ଯେଉଁ ନେତାମାନେ ଅଫିସରଙ୍କ ବସ ମାନିବେନି ଆଉ ନେତାଙ୍କୁ ସାଙ୍ଗରେ ନେଇ ଲଢେଇ କରିବେ ସେମାନଙ୍କୁ ନବୀନ ପଟ୍ଟନାୟକ ସହ୍ୟ କରିପାରିବେନି। ଅରବିନ୍ଦ ମହାପାତ୍ରଙ୍କୁ ବାପା ବିଜୟ ମହାପାତ୍ରଙ୍କୁ ନଜଣେଇ ନବୀନ ବବି ଦାସଙ୍କ ସହାୟତାରେ ନିଜ କ୍ୟାମ୍ପକୁ ନେଇଗଲେ। ବାପାଙ୍କୁ କେବଳ ଗୋଟିଏ ମେସେଜ ଦେଇ ଡ୍ୟୁଟି ବଜେଇ ଦେଲେ। ଏବେ ତାଙ୍କ ପୁଅକୁ ଦୁର୍ନୀତିଗ୍ରସ୍ତ ବିଶ୍ୱାସଘାତର ଆଖ୍ୟା ଦେଇ ଦଳରୁ ନିଲମ୍ବନ କରିଦେଲେ। କିନ୍ତୁ ସେ କି ବିଶ୍ୱାସଘାତକତା କରିଥିଲେ ତା'ର ଉତ୍ତର ନିଜେ ନବୀନ ଦେବା ଉଚିତ ବୋଲି ସେ କହିଛନ୍ତି। ଏହି ନିଲମ୍ବନ ଆଗାମୀ ଦିନରେ ବୁମେରାଂ ହୋଇପାରେ ବୋଲି ସେ ସତର୍କ କରାଇଦେଇଛନ୍ତି।

### ଥାନାରେ ପହଞ୍ଚିଲା ଲିଙ୍ଗରାଜ ମନ୍ଦିର ବିବାଦ

## ପ୍ରଶାସନ ଉପରେ ଦୋଷ ଲଦିଲେ ସେବାୟତ



**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ଶ୍ରୀଲିଙ୍ଗରାଜଙ୍କୁ ଉପାସ ରଖିବା ପରେ ଏବେ ଆରମ୍ଭ ହୋଇଛି କାଦୁଅ ଫିଙ୍ଗା। ମାମଲା ଯାଇ ପହଞ୍ଚିଲାଣି ଥାନାରେ। ତେବେ ଏ ବିବାଦ ଭିତରେ କାହା ବିରୋଧରେ ହେଉଛି କାର୍ଯ୍ୟାନୁଷ୍ଠାନ, ତାକୁ ଅପେକ୍ଷା। ମକର ସଂକ୍ରାନ୍ତି ଦିନ ଭୋକିଲା ରହିଲେ ମହାପ୍ରଭୁ ଶ୍ରୀଲିଙ୍ଗରାଜ। ଏ ମାମଲା ଏବେ ଥାନାରେ ପହଞ୍ଚିଛି। ନୀତିକାନ୍ତି ବନ୍ଦ କରିବା ଓ ପ୍ରଭୁଙ୍କୁ ଭୋକିଲା ରଖିବା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ହୋଇଛି ଏତଲା। କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ନାଁରେ ଅଭିଯୋଗ କରିଛନ୍ତି ସେବାୟତ ଅମରେନ୍ଦ୍ର ଗରାବଡୁ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

କ୍ଷୀର ଆଉଟା ନୀତି ସମୟରେ ବିଭ୍ରାଟ ହେବ ବୋଲି ବହୁ ପୂର୍ବରୁ ଆଶଙ୍କା କରିଥିଲା ବଡୁ ନିଯୋଗ। ଆଲୋଚନା ପାଇଁ ଆଇନ ବିଭାଗ ସମେତ ଦେବୋତ୍ତର ବିଭାଗ ଓ ମନ୍ଦିର ପ୍ରଶାସନକୁ ଜଣାଇଥିଲା। ଦେବୋତ୍ତର ବିଭାଗ ଜିଲ୍ଲାପାଳଙ୍କୁ ଚିଠି ଲେଖି ଦାୟିତ୍ୱ ସାରି ଦେଇଥିଲା। ସେବାୟତଙ୍କ ସହ ଆଲୋଚନା କରିବା ପାଇଁ ଆସିଲେନି କୌଣସି ପ୍ରାଶାସନିକ ଅଧିକାରୀ। ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ବି ଦେଖା ମିଳିଲାନି। କ୍ଷୀର ଆଉଟା ପ୍ରସଙ୍ଗ ଏବେ ହାଇକୋର୍ଟରେ। ଏ ନୀତି ପାଇଁ ଉଭୟ ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ଚାଲିଛି ତିକ୍ତତା। କିନ୍ତୁ ବାହାରି ପାରୁନାହିଁ ସମାଧାନର ବାଟ।

## ପ୍ରଶ୍ନ ଉଠାଇଲେ ବିଜେଡି ବିଧାୟକ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ସନାତନ ମହାକୁଡ଼ଙ୍କୁ ଦଳରୁ ନିଲମ୍ବିତ କରାଯିବା ପରେ ପ୍ରଶ୍ନ ଉଠାଇଛନ୍ତି ଆନନ୍ଦପୁରର ବିଜେଡି ବିଧାୟକ ଅଭିମନ୍ୟୁ ସେଠୀ। ସନତାନ ମହାକୁଡ଼ ସବୁବେଳେ ବିଜେଡି ବୈଠକକୁ ଯାଉଥିଲେ ଆଉ ଦଳୀୟ କାମରେ ସବୁବେଳେ ସହଯୋଗ କରୁଥିଲେ। କିନ୍ତୁ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଗଲା, ତାହା ଏବେ ବି ସନ୍ଦେହରେ ବୋଲି ଶ୍ରୀ ସେଠୀ କହିଛନ୍ତି। ସନାତନ ମହାକୁଡ଼ କ'ଣ ବିଶ୍ୱାସଘାତକ କାର୍ଯ୍ୟ କରିଛନ୍ତି, ସେ ସମ୍ପର୍କରେ ତାଙ୍କର ବି ଧାରଣା ନାହିଁ। କିନ୍ତୁ ସନାତନ ଦଳର ଗୋଟିଏ କି ଦୁଇଟି ବୈଠକକୁ ବାଦ୍ ଦେଲେ ବାକି ସବୁ ବୈଠକରେ ଯୋଗ ଦେଉଥିଲେ। ଦଳୀୟ କାର୍ଯ୍ୟରେ ବି ସେ ସହଯୋଗ କରିଆସୁଥିଲେ। ମୁଖ୍ୟମନ୍ତ୍ରୀ ଓ ବିଜେପିର କାର୍ଯ୍ୟକୁ ସେ ପ୍ରଶଂସା ବି କରନ୍ତି। ଭଲ କାମ କଲେ ପ୍ରଶଂସା କରାଯାଏ। ହେଲେ କାହିଁକି ତାଙ୍କୁ ନିଲମ୍ବନ କରାଯାଇଛି, ସେ କଥା ଜାଣି ନ ଥିବା ଦୋହରାଇଛନ୍ତି ଅଭିମନ୍ୟୁ। ଯଦି ସନାତନ ଦଳୀୟ ବୈଠକରେ ଥିଲେ, କାର୍ଯ୍ୟ କରୁଥିଲେ, ତା'ହେଲେ ସସପେଣ୍ଡ ହେଲେ କାହିଁକି? ଖୋଦ୍ କେନ୍ଦୁଝରର ବିଜେଡି ବିଧାୟକଙ୍କ ଏଭଳି ମନ୍ତବ୍ୟ ପୁଣି ଥରେ ଏଇ ନିଲମ୍ବନକୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରିଛି।

## ଶିକ୍ଷକଙ୍କୁ ହାଣିଲେ ପାଚିକାଙ୍କ ସ୍ୱାମୀ

- ଅଭିଯୁକ୍ତ ଅଟକ, ଟାଙ୍ଗିଆ ଜବତ

**ଭବାନୀପାଟଣା, ୧୬।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ପଞ୍ଚାୟତ ପିପଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଋଷିରାଜ ମେହେରଙ୍କୁ ପିପଳପଡ଼ା ଗ୍ରାମର ଭାସ୍କର ବାଗ ନାମକ ଜଣେ ଯୁବକ ସ୍କୁଲ ମଧ୍ୟାହ୍ନଭୋଜନ ସମୟରେ ହଠାତ ଶ୍ରେଣୀରେ ପଶି ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ତେବେ ଏହି ଆକ୍ରମଣରେ ଶିକ୍ଷକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତାଙ୍କର ହାତରେ ଆଘାତ ଲାଗିଛି। ଏହି ଘଟଣା ପରେ ସ୍କୁଲରେ ଭୟର ବାତାବରଣ ଦେଖିବାକୁ ମିଳିଥିବା ବେଳେ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇ ପଡ଼ିଥିଲେ। ଘଟଣା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ନାଏକ କୋକସରା ପୁଲିସକୁ ସୂଚନା ଦେବାପରେ ପୁଲିସ ଟିମ ସଦଳବଳେ ପହଞ୍ଚି ଆକ୍ରମଣ କରିଥିବା ଯୁବକ ଭାସ୍କର ବାଗକୁ କାବୁ କରିବା ସହ ତାଙ୍କଠାରୁ ଟାଙ୍ଗିଆ ଜବତ କରିବା ସହ ପୁଲିସ ତାଙ୍କୁ ଥାନାରେ ଆଣି ଅଟକ ରଖିଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଥିବା ବେଳେ ଆକ୍ରମଣ କରିଥିବା ଯୁବକ ଭାସ୍କର ବାଗର ସ୍ତ୍ରୀ ମାଧୁରୀ ବାଗ ପିପଳପଡ଼ା ବିଦ୍ୟାଳୟରେ ପାଚିକା ଭାବେ ନିୟୋଜିତ ରହିଛନ୍ତି । ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିବା ସହ କାହିଁକି ଆକ୍ରମଣ କରିଛନ୍ତି, ସେ ସମ୍ପର୍କରେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

### ନାବାଳିକା ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ



**ବ୍ରହ୍ମପୁର, ୧୬।୧(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ସାକ୍ଷୀ ପ୍ରମାଣ ଆଧାରରେ ଜଜ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପୋଲସରା ଅଞ୍ଚଳର ନିରଞ୍ଜନ ଶବର (୩୦)। ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଜଜ। ଏଥିସହ ୫ ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଅଭିଯୁକ୍ତଙ୍କ ଠାରୁ ଆଦାୟ ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ମଧ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଜଜ୍। ପୀଡ଼ିତା ବ୍ରହ୍ମପୁରରେ ରହି ଏକ ସ୍କୁଲରେ ପାଠ ପଢୁଥିବା ପୁଲିସ କହିଛି। ତାଙ୍କୁ ବଳାତ୍କାର ହୋଇଥିବା ନେଇ ପୋଲସରା ଥାନାରେ ଅଭିଯୋଗ ହୋଇଥିଲା। ଏସଆଇ ମିଳନ ପ୍ରଧାନ ଅଭିଯୁକ୍ତ ନିରଞ୍ଜନ ଶବରଙ୍କୁ ଗିରଫ କରିଥିଲେ। ମାମଲା ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଚାର୍ଜସିଟକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ବିଜେଡିରୁ ଗଣେଶ୍ୱର ବରାଳ ନିଲମ୍ବିତ

**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ):** ବିଜେଡିରୁ ପୁଣି ଜଣେ ନେତାଙ୍କୁ ନିଲମ୍ବନ କରାଯାଇଛି। ସେ ହେଲେ ଯାଜପୁର ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ। ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ବିଜେଡି ଉପସଭାପତି ପ୍ରତାପ ଜେନା ଏନେଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଗତକାଲି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ନିଲମ୍ବିତ ହୋଇଥିଲେ। ଦଳ ବିରୋଧୀ କାର୍ଯ୍ୟ ପାଇଁ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ବିଜେଡିରୁ ସସପେଣ୍ଡ କରିଥିଲେ ସୁପ୍ରିମୋ ନବୀନ ପଟ୍ଟନାୟକ।

## ଡିଇପିଏମ୍‌ଓଏସ୍ ପ୍ରକଳ୍ପ ପାଇଁ ଏନ୍‌ଆଇସି-ଓଡ଼ିଶା ପୁରସ୍କୃତ

- ଡିଜିଟାଲ୍ ସେବା ପାଇଁ 'ଡିଜିଟାଲ୍ ଇନିସିଏଟିଭ୍ ଆୱାର୍ଡ'
- ନୂଆଦିଲ୍ଲୀ ସମିଟ୍‌ରେ ଏନ୍‌ଆଇସି-ଓଡ଼ିଶା ପୁରସ୍କୃତ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟର ଅନଲାଇନ୍ ସେବା (ଡିଇପିଏମ୍‌ଓଏସ୍) ପ୍ରକଳ୍ପ ପାଇଁ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି-ଓଡ଼ିଶା) କୁ 'ଡିଜିଟାଲ୍ ଇନିସିଏଟିଭ୍ ଆୱାର୍ଡ' ସମ୍ମାନ ମିଳିଛି। ନୂଆଦିଲ୍ଲୀଠାରେ ଆୟୋଜିତ ଷଷ୍ଠ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ସମିଟ୍ ରେ 'ଗ୍ରାମୀଣ ସଂଯୋଗ ଏବଂ ଡିଜିଟାଲ୍ ସେବା ସୁନିଶ୍ଚିତ ପାଇଁ ଆଜି ଏନ୍‌ଆଇସି-ଓଡ଼ିଶା ପୁରସ୍କୃତ ହୋଇଛି। ଏନଆଇସି-ଓଡ଼ିଶାର ନିର୍ଦ୍ଦେଶକ (ଆଇଟି) ମହମ୍ମଦ ମୁଜିବୁଲ୍ଲା ଖାନ, ଉପ-ନିର୍ଦ୍ଦେଶକ (ଆଇଟି) ସୁଧାଂଶୁ କୁମାର ମହାପାତ୍ର ଏବଂ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଜୟ କୁମାର ମିଶ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏହି ସମ୍ମାନ ଡିଜିଟାଲ୍ ଶାସନ କ୍ଷେତ୍ରରେ ନବସୃଜନ ଓ ପରିବର୍ତ୍ତନର ଏକ ବଳିଷ୍ଠ ପ୍ରମାଣ। ସୂଚନାଯୋଗ୍ୟ ଯେ, ଡିଇପିଏମ୍‌ଓଏସ୍ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ। ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସେବାଗୁଡ଼ିକୁ ଡିଜିଟାଇଜ୍ ଏବଂ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଏନ୍‌ଆଇସି-ଓଡ଼ିଶା ଏହି ପ୍ରକଳ୍ପକୁ ବିକଶିତ ଏବଂ କାର୍ଯ୍ୟକାରୀ କରିଛି । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରଗୁଡ଼ିକୁ ସେବା ପ୍ରଦାନରେ ଏହି ପ୍ରକଳ୍ପ ଉଲ୍ଲେଖନୀୟ ଉନ୍ନତି ଆଣିଛି। କାର୍ଯ୍ୟକାରୀ ସମୟ ହ୍ରାସ ସହ ବିପଣନ ଓ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି ପାଇଛି।

## ବିଦ୍ୟାଳୟ ମୂର୍ତ୍ତି ଭାଙ୍ଗିଲେ ମଦ୍ୟପ ଶିକ୍ଷକ

**ରାୟଗଡ଼ା, ୧୬।୧ (ସଂଚାର ବ୍ୟୁରୋ):** ମଦ ନିଶାରେ ଜଣେ ଶିକ୍ଷକ ବିଦ୍ୟାଳୟରେ ଥିବା ଭଗବାନ ଗଣେଶ ଓ ସରସ୍ୱତୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଲେ। କୌଣସି ଉତ୍ତର ନ ମିଳିବାରୁ ଉଭୟ ଭଗବାନଙ୍କୁ ମାଡ଼ମାରି ମୂର୍ତ୍ତି ଭାଙ୍ଗିଦେଇଛନ୍ତି। ଏଭଳି ଅଭାବନିୟ ଦୃଶ୍ୟ ଦେଖିବାକୁ ମିଳିଛି ଅନୁସୂଚିତ ଜାନଜାତି ଓ ଜାତି ପଛୁଆ ବର୍ଗ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳାସ୍ଥିତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ। ଗତକାଲି ସନ୍ଧ୍ୟାରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କେ କ୍ରିଷ୍ଣା ରାଜୁ ମଦ ନିଶାରେ ବିଦ୍ୟାଳୟ ପରିସରରେ ଘୂରି ବୁଲୁଥିଲେ। ଶିକ୍ଷକଙ୍କ ଏଭଳି ଅବସ୍ଥା ଦେଖି ଛାତ୍ରଛାତ୍ରୀ ଓ ଉପସ୍ଥିତ ଶିକ୍ଷକମାନେ ମଦୁଆ ଶିକ୍ଷକଙ୍କ ସାମ୍ନାକୁ ଯିବାକୁ ଉଚିତ ମଣିନଥିଲେ। ହେଲେ ସନ୍ଧ୍ୟା ସମୟରେ ମଦୁଆ ଶିକ୍ଷକ ଜଣକ ଆଉ କାହାକୁ ନ ପାଇ ବିଦ୍ୟାଳୟ ପରିସରରେ ରଖାଯାଇଥିବା ଗଣେଶ ଏବଂ ସରସ୍ୱତୀ ମୂର୍ତ୍ତି ସହ ବାର୍ତ୍ତାଳାପ କରି ପ୍ରଶ୍ନ ପଚାରିବା ଆରମ୍ଭ କରିଦେଇଥିଲେ। ପରେ ମୂର୍ତ୍ତି ଗୁଡିକୁ ଏକ ପଥରରେ ଆଘାତ କରିଥିଲେ। ଫଳରେ ମୂର୍ତ୍ତି ଗୁଡ଼ିକର ହାତ ଓ ଅନ୍ୟାନ୍ୟ ଅଙ୍ଗ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଘଟଣା ସଂପର୍କରେ ତଦନ୍ତ ଚାଲିଛି ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅପରପକ୍ଷରେ ଆଜି ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ଏହି ଘଟଣାରେ ପ୍ରଧାନ ଶିକ୍ଷକ ଓ ମଦୁଆ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିବା ବେଳେ ଅମ୍ବାଦଳା ଥାନାରେ ମଧ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି।

## ଘୁ.ଉଦୟଗିରିରେ ତାପମାତ୍ରା ୨.୬ ଡିଗ୍ରି ସେଲସିୟସ



**ଘୁ.ଉଦୟଗିରି, ୧୬।୧ (ସଂଚାର ବ୍ୟୁରୋ):** ହାଡ଼ଭଙ୍ଗା ଶୀତରେ ଥରୁଛି ଓଡ଼ିଶାର ଦାର୍ଜିଲିଂ। କନ୍ଧମାଳ ଜିଲ୍ଲାର ଘୁମୁସର ଉଦୟଗିରି ସହିତ ଦାରିଙ୍ଗବାଡ଼ି, ଫୁଲବାଣୀ ଠାରୁ ମଧ କମ୍ ତାପମାତ୍ରା ସହ ପ୍ରବଳ ଶୀତ ଅନୁଭୂତ ଅଞ୍ଚଳ ଭାବେ ପାଣିପାଗ ବିଭାଗ ସୂଚନା ପ୍ରଦାନ କରିଛି। ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ଘୁ.ଉଦୟଗିରିରେ ତାପମାତ୍ରା ୨.୬ ଡିଗ୍ରି ସେଲସିୟସ ରେକର୍ଡ ହୋଇଥିବା ବେଳେ ଫୁଲବାଣୀ ୬.୧ ଡିଗ୍ରି ଓ ଦାରିଙ୍ଗବାଡ଼ିରେ ୯ ଡିଗ୍ରି ରେକର୍ଡ ହୋଇଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଓଡ଼ିଶାରେ ସବୁଠାରୁ କମ୍ ତାପମାତ୍ରା ଘୁ.ଉଦୟଗିରି ସହରରେ ରହିଛି। ସହରଠାରୁ କିଛି ଦୂର ଆଭ୍ୟନ୍ତରୀଣ ଜଙ୍ଗଲ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳ ମୁକୁଲିଙ୍ଗିଆ, ଡ଼ଡାପଡ଼ା, ଲଏରେଜୁ, ସିର୍କୀ, ଗୁନ୍ଦାବାଜୁ, ଲାବୋରି ପ୍ରଭୁତି ଅଞ୍ଚଳରେ ତାପମାତ୍ରା ପ୍ରାୟତଃ ୨ ଡିଗ୍ରୀ ରହୁଥିବା ନେଇ ଅନୁମାନ କରାଯାଉଛି। ପ୍ରବଳ ଶୀତ ସାଙ୍ଗକୁ ଜାଡ଼ ଯୋଗୁଁ ଲୋକେ ଘରୁ ବାହାରିବା କଷ୍ଟ ହେଉଛି। ବିଭିନ୍ନ ସଂଗଠନ ତଥା ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ କୃଷି ଶାଖା ପକ୍ଷରୁ ଅସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ଅଞ୍ଚଳରେ ଥିବା ସମସ୍ତ ପ୍ରାକୃତିକ ପର୍ଯ୍ୟଟନ ସ୍ଥାନରେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକମାନଙ୍କ ବଣଭୋଜିର ଆସର ଦେଖିବାକୁ ମିଳିଛି।

### ୧୮ରେ ଚିଲିକା ପକ୍ଷୀ ଗଣନା

**ଖୋର୍ଦ୍ଧା, ୧୬।୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଚିଲିକାରେ ବିଦେଶୀ ପକ୍ଷୀ ଡଲଫିନ୍ ସଂଖ୍ୟା କେତେ ଅଛି ତାହାର ଟିକିନିଖି ଗଣନା ଆସନ୍ତା ୧୮ତାରିଖରେ ପକ୍ଷୀ ହେବ। ଏଥିପାଇଁ ୧୭ ତାରିଖରେ ଟ୍ରେନିଂ ଦିଆଯିବ। ଏହି ପକ୍ଷୀ ଗଣନା ଲାଗି ୨୨ ଟିମ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୫ରୁ ୭ ଜଣ ସଦସ୍ୟ ରହିବେ। ଚିଲିକା ଡିଭିଜନ ଅଧୀନରେ ଥିବା ୫ଟି ରେଞ୍ଜ ଯଥା ବାଲୁଗାଁ, ରମ୍ଭା, ସାତପଡ଼ା, ନୂଆପଡା, ଟାଙ୍ଗୀ ରେଞ୍ଜ ଇଲାକାରେ ହେବ ପକ୍ଷୀ ଗଣନା । ଗୋଟିଏ ଦିନରେ ସରିବ ଏହି ପକ୍ଷୀ ଗଣନା କାର୍ଯ୍ୟ। ଚିଲିକାରେ କେତେ ସଂଖ୍ୟକ ଡଲଫିନ୍ ଅଛନ୍ତି, ଗଣତି କରିବ ଚିଲିକା ବନ୍ୟପ୍ରାଣୀ ବିଭାଗ।

### ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ସୁଦୃଢ଼ କରିବା ଲକ୍ଷ୍ୟ

## ଓଡ଼ିଶା ସରକାର ଓ ଏନଆଇଇପିଆଇଡି ବୁଝାମଣା



**ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ) :** ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜାତୀୟ ବୌଦ୍ଧିକ ଦିବ୍ୟାଙ୍ଗଜନ ସଶକ୍ତିକରଣ ସଂସ୍ଥା (ଏନଆଇଇପିଆଇଡି) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ମାଧମରେ ରାଜ୍ୟରେ ମାନସିକ ଅନଗ୍ରସର ଥିବା ବ୍ୟକ୍ତିଙ୍କ ପାଇଁ ଶୀଘ୍ର ଚିହ୍ନଟ, ଶିକ୍ଷା, ଦକ୍ଷତା ବିକାଶ ଓ ସଚେତନତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ରହିଛି।

ଏହି ବୁଝାମଣାପତ୍ର ଅନୁଯାୟୀ, ବିଭାଗ ଅଧୀନସ୍ଥ ଗ୍ରାଣ୍ଟ-ଇନ୍-ଏଡ୍ ବିଶେଷ ବିଦ୍ୟାଳୟଗୁଡ଼ିକରେ ଏନଆଇଇପିଆଇଡି ଦ୍ୱାରା ବିକଶିତ ପାଠ୍ୟକ୍ରମ ଢାଞ୍ଚାକୁ କାର୍ଯ୍ୟକାରୀ କରାଯିବ। ଏହା ମାଧମରେ ମାନସିକ ଅନଗ୍ରସର ଥିବା ଶିଶୁମାନଙ୍କ ପାଇଁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ । ଏହି ସହଯୋଗର ଅଂଶ ଭାବେ ତ୍ୱରିତ ଚିହ୍ନଟ ଓ ତୁରନ୍ତ ପଦକ୍ଷେପ, ବିଶେଷଜ୍ଞ ଶିକ୍ଷକ, ଦେଖାଶୁଣା କରିବା ବ୍ୟକ୍ତି ଓ ଆଗଧାଡିର କର୍ମୀମାନଙ୍କ ପାଇଁ ପ୍ରଶିକ୍ଷଣ, ଗବେଷଣା, ଡକ୍ୟୁମେଣ୍ଟେସନ୍ ଏବଂ ସାମାଜିକ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ଏମଓୟୁର କାର୍ଯ୍ୟାନ୍ୱୟନ ଓ ପର୍ଯ୍ୟବେକ୍ଷଣ ପାଇଁ ଏସଏସଇପିଡି ଓ ଏନଆଇଇପିଆଇଡି ପ୍ରତିନିଧିମାନଙ୍କ ସହିତ ଏକ ଯୁଗ୍ମ ସମନ୍ୱୟ କମିଟି ଗଠନ କରାଯିବ । ଏହି ଏମଓୟୁ ୩ ବର୍ଷ ଯାଏଁ, ଅର୍ଥାତ୍ ୧୬ ଜାନୁଆରୀ ୨୦୨୬ ଠାରୁ ୧୫ ଜାନୁଆରୀ ୨୦୨୯ ପର୍ଯ୍ୟନ୍ତ ବଳବତ୍ତ ରହିବ। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଓଡିଶା ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ ଏବଂ ଉପ-ଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା ଓ ବସନ୍ତ କୁମାର ବେହେରା ଏବଂ ଏନଆଇଇପିଆଇଡି ପକ୍ଷରୁ ଡ଼ ଗଣେଶ ଶେରଗାର୍ ଉପସ୍ଥିତ ଥିଲେ ।

### ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ

## ସୁନ୍ଦରଗଡ଼ ଏସ୍‌ପିଙ୍କ ନେତୃତ୍ୱରେ ଚାଲିଛି ତନାଘନା

- ୨ ପୁଲିସଙ୍କ ସହ ୮ ଆହତ ହୋଇଥିଲେ
- ଦୋକାନ ଭଙ୍ଗାରୁଜା, ଗାଡ଼ି ପୋଡ଼ିଥିଲା



**ସୁନ୍ଦରଗଡ଼, ୧୬।୧(ସଂଚାର ବ୍ୟୁରୋ):** ଗୋମାଂସ ଗୁଜବକୁ ନେଇ ସୁନ୍ଦରଗଡ଼ ରିଜେଣ୍ଟ ମାର୍କେଟ୍ ଅଞ୍ଚଳରେ ଗତକାଲି ଦୁଇଗୋଷ୍ଠୀ ମଧ୍ୟରେ ଭୀଷଣ ସଂଘର୍ଷ ହୋଇଥିଲା। ପରସ୍ପର ଉପରେ ଭୀଷଣ ପଥରମାଡ଼ ହୋଇଥିବା ବେଳେ ଭିନ୍ନ ଗୋଷ୍ଠୀର ଦୋକାନ ଭଙ୍ଗାରୁଜା, ଗାଡ଼ି ପୋଡ଼ି ଦିଆଯାଇଥିଲା। ପଥର ମାଡ଼ରେ ୨ ପୁଲିସ କର୍ମଚାରୀଙ୍କ ସହ ଉଭୟ ଗୋଷ୍ଠୀର ୮ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସ୍ଥିତି ସ୍ୱାଭାବିକ କରିବା ସହ ସହରରେ ଶାନ୍ତି ଫେରାଇ ଆଣିବାକୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସପି ଅମୃତପାଲ କୌର ଓ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଓ ବରିଷ୍ଠ ପଦାଧିକାରୀ ଉଦ୍ୟମ ଚଳାଇଛନ୍ତି।

ଶାନ୍ତି କମିଟି ଗଠନ ପାଇଁ ଜିଲ୍ଲାପାଳ ଓ ଏସପି ଦୁଇ ଗୋଷ୍ଠୀର ନେତୃତ୍ୱ ସହ କଥାବାର୍ତ୍ତ ଚଳାଇଛନ୍ତି। ଗତକାଲି ଘଟଣା ପରେ ଏସପିଙ୍କ ନେତୃତ୍ୱରେ ପୁଲିସ ବଳ ସାରା ରାତି ସହରରେ ପାଟ୍ରୋଲିଂ କରି ସ୍ଥିତି ଉପରେ ନଜର ରଖିଥିଲେ। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ବ୍ୟାପକ ସଶସ୍ତ୍ର ପୁଲିସ ବଳ ମୁତୟନ କରାଯାଇଥିଲା। ଅନ୍ୟପଟେ ଭିଡ଼ ହିଂସା ଭିଆଇଥିବା ଓ ଉସୁକାଇଥିବା ଦୁଇ ଗୋଷ୍ଠୀର ତତ୍ତ୍ୱ ଚିହ୍ନଟ କରି ପୁଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା ଓ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିଆଇଜି ଗଣମାଧମ ଆଗରେ କହିଛନ୍ତି।

ସ୍ଥିତିକୁ ଦେଖି ୧୦ ପ୍ଲାଟୁନ ସଶସ୍ତ୍ର ପୁଲିସ ବଳ ମଧ୍ୟରୁ ଗୋଟିଏ ପ୍ଲାଟୁନ୍ ହଟାଇ ନିଆଯାଇଛି। ଶାନ୍ତି ବଜାୟ ଲାଗି ସହରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୬୩ ବଳବତ୍ତର ଥିବାବେଳେ ଇଣ୍ଟର୍‌ନେଟ୍ ସେବା ବନ୍ଦ ରହିଛି। ଗତକାଲି ଅପରାହ୍ନ ୫ଟାରୁ ସହରର ସମସ୍ତ ଦୋକାନବଜାର ବନ୍ଦ ରହିଛି। ଆଜି ସୁନ୍ଦରଗଡ଼ ସହର ଓ ଆଖପାଖ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୨୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୧,୨୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୩,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୧,୨୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୩,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୧,୪୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୯୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୧୮୦ ଓ, ୧,୩୧,୨୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୫,୦୦୦ ଟଙ୍କା ହୋଇଛି ।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

ଆଶ୍ୱସ୍ତି ଦେବ ପୂର୍ଣ୍ଣାଙ୍ଗ ବଜେଟ୍

# ଶସ୍ତା ହେବ ସ୍ମାର୍ଟଫୋନ୍



ନୂଆଦିଲ୍ଲୀ, ୧୬।୧: ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। କେନ୍ଦ୍ରୀୟ ବଜେଟ୍ କୁ ନେଇ ସବୁ ସେକ୍ଟର ଆଶା ବାନ୍ଧି ବସିଛନ୍ତି। ବୈଦ୍ୟୁତିକ ଉପକରଣ ଦର କମିବ ବୋଲି ଆଶା କରାଯାଉଛି। ବିଶେଷ କରି ସ୍ମାର୍ଟଫୋନ୍ ଶସ୍ତା ହେବ ବୋଲି ଅନୁମାନ କରାଯାଉଛି। ଗତ କିଛି ଦିନ ହେବ ଏଆଇର ଚାହିଦା ବଢ଼ିବା ଯୋଗୁଁ ମେମୋରି ଚିପ୍ସର ଦର ବଢ଼ିଛି। ଏଥିପାଇଁ ସ୍ମାର୍ଟଫୋନ ମହଙ୍ଗା ହୋଇଛି। ତେଣୁ ସାଧାରଣ ଲୋକ ଏହି ମହଙ୍ଗା ମାଡ଼ରୁ ଆଶ୍ୱସ୍ତି ଚାହୁଁଥିଲେ। ତେଣୁ ଦର କମାଇ ସରକାର ସାଧାରଣ ଲୋକଙ୍କ ଭରସା ଜିତିବାକୁ ଚେଷ୍ଟା କରିପାରନ୍ତି।

ଏଆଇ+ ସ୍ମାର୍ଟଫୋନ୍ ଏବଂ ଏନଏକ୍ସଟିକ୍ୱାଣ୍ଟମ୍ ସିଫ୍ଟ ଟେକ୍ନୋଲୋଜିର ସିଇଓ ମାଧବ ସେଠ କହିଛନ୍ତି ଯେ, ଭାରତର ଉପଭୋକ୍ତା ଏକ ବଡ଼ ପରିବର୍ତ୍ତନ ଦ୍ୱାରଦେଶରେ ଅଛନ୍ତି। ଏଆଇ ଇଣ୍ଟିଗ୍ରେଟେଡ୍ ଡିଭାଇସଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇଛି। କେନ୍ଦ୍ର ବଜେଟରେ ଏସବୁ ଉପରେ ଫୋକସ କରାଯିବ ଦରକାର। ଭାରତ ଏବେ କ୍ୟାମେରା, ବ୍ୟାଟେରୀ, ପିସିବି, ଏନକ୍ଲୋଜର, ଚାର୍ଜର ଭଳି ସାମଗ୍ରୀର ନିର୍ମାଣକୁ ପ୍ରୋତ୍ସାହିତ କରିବା ଉଚିତ୍। ଏହା ସହ ଗବେଷଣା, ସିଷ୍ଟମ ଡିଜାଇନ୍ ଏବଂ ସଫ୍ଟୱେର୍-ଚାଳିତ ମେସିନ ସହ ଜଡିତ ଆଇପିକୁ ସମର୍ଥନ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।"

ଇଣ୍ଡକାଲ ଟେକ୍ନୋଲୋଜିର ସିଇଓ ଆନନ୍ଦ ଦୁବେ କହିଛନ୍ତି, ବିଦ୍ୟୁତ ଉପକରଣକୁ ଅଧିକରୁ ଅଧିକ ପ୍ରୋତ୍ସାହନ ପାଇଁ ସରକାରୀ ନୀତି ଜରୁରୀ। ବଜେଟରେ କେନ୍ଦ୍ର ଏହା ଉପରେ ସ୍ୱତନ୍ତ୍ର ନଜର ଦେଇପାରେ। ଏହି କ୍ଷେତ୍ର ଭାରତର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ଯାହାକି ଅଧିକ ପରିମାଣର ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛି। ସବୁଠାରୁ ବଡ କଥା ହେଉଛି ଯେ, ଏହା ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିଛି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତର ପତିଆରା ବଢାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସାମଗ୍ରିକ ଭାବରେ ଶିଳ୍ପ ତଥା ଉତ୍ପାଦନକୁ ଆହୁରି ବିସ୍ତାର କରିବା ପାଇଁ ଦାବି କରାଯାଉଛି। ବର୍ତ୍ତମାନ, ଭାରତର ଅଧିକାଂଶ କମ୍ପାନୀ କେବଳ ଆସେମ୍ବଲିଂ କରୁଛନ୍ତି। ଅଧିକାଂଶ ପାର୍ଟ ପାଇଁ ଚୀନ ଉପରେ ନିର୍ଭର କରୁଛନ୍ତି। ଯଦି ଅଧିକାଂଶ ଉପାଦାନ ଭାରତରେ ନିର୍ମିତ ହୁଏ, ତେବେ ଫୋନର ମୂଲ୍ୟ ନିଶ୍ଚିତ ଭାବରେ କମ୍ ହେବ ବୋଲି ଆନନ୍ଦ ଦୁବେ କହିଛନ୍ତି।




# ଆମାଜନ, ଫ୍ଲିପ୍‌କାର୍ଟ ଓ ମିସୋ ସମେତ ୮ ଇ-କମର୍ସ କମ୍ପାନୀ ଉପରେ ୪୮ ଲକ୍ଷ ଫାଇନ

ନୂଆଦିଲ୍ଲୀ, ୧୬।୧: ଆମାଜନ ଓ ଫ୍ଲିପ୍‌କାର୍ଟ ସମେତ ମୋଟ ୮ କମ୍ପାନୀ ଉପରେ ଲାଗିଲା ଫାଇନ। ବେଆଇନ ଭାବେ ୱାକିଟକି ବିକ୍ରି ପାଇଁ ଲିଷ୍ଟିଂ କରିବା ଓ ବିକ୍ରି କରିବା ଅଭିଯୋଗରେ କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ନେଇ ୮ ଇ-କମର୍ସ କମ୍ପାନୀକୁ ଫାଇନ କରିଛନ୍ତି। ଏପରି କରି କମ୍ପାନୀଗୁଡ଼ିକ ଗ୍ରାହକ ସୁରକ୍ଷା ଆଇନ, ୨୦୧୯ ଏବଂ ଟେଲିକମ୍ ଆଇନର ଉଲ୍ଲଂଘନ କରିଥିଲେ। ଏଥିପାଇଁ ଏମାନଙ୍କ ଉପରେ ସିସିପିଏ ୪୪ ଲକ୍ଷ ଟଙ୍କା ଫାଇନ କରିଛନ୍ତି ବୋଲି ମିଡିଆରେ ଖବର ପ୍ରକାଶ ପାଇଛି। ଆଇନ ବାହାରେ ଥିବା ୧୬,୯୭୦ ରୁ ଅଧିକ ସାମଗ୍ରୀ ବିକ୍ରି ପାଇଁ ଲିଷ୍ଟିଂ ହେଉଥିବା ଦେଖି ସିସିପିଏ ୧୩ ଇ-କମର୍ସ ପ୍ଲାଟଫର୍ମକୁ ନୋଟିସ୍ କରିଥିଲା। ଯେଉଁଥିରେ ଚିମିଆ, ଜିଓମାର୍ଟ, ଟକ୍ ପ୍ରୋ, ମିଶୋ, ମାସ୍କମ୍ୟାନ୍ ଟଏସ, ଟ୍ରେଡଇଣ୍ଡିଆ, ଅନ୍ତରିକ୍ଷ ଟେକ୍ନୋଲୋଜିସ୍, ବରଦାନମାର୍ଟ, ଇଣ୍ଡିଆମାର୍ଟ, ମେଟା ପ୍ଲାଟଫର୍ମ ଇନକର୍ପୋରେଟେଡ୍ (ଫେସବୁକ୍ ମାର୍କେଟପ୍ଲେସ୍), ଫ୍ଲିପକାର୍ଟ, କ୍ରିଷ୍ଣା ମାର୍ଟ ଏବଂ ଆମାଜନକୁ ନୋଟିସ୍ ଜାରି କରାଯାଇଥିଲା। ସିସିପିଏ ଜାଣିବାକୁ ପାଇଥିଲା ଯେ ପ୍ଲାଟଫର୍ମଗୁଡ଼ିକ ଇକୁପମେଣ୍ଟ ଟାଇପ ଆପ୍ରୁଭାଲ (ଇଟିଏ) ପ୍ରମାଣପତ୍ର କିମ୍ବା ଲାଇସେନ୍ସିଂ ଆବଶ୍ୟକତାର ଉପଯୁକ୍ତ ସୂଚନା ନ ଦେଇ ଲାଇସେନ୍ସ-ପ୍ରି ଫ୍ରିକ୍ୱେନ୍ସି ବ୍ୟାଣ୍ଡ ବାହାରେ କାମ କରୁଥିବା ପର୍ସନାଲ ମୋବାଇଲ ରେଡିଓ (ପିଏମଆରଏସ) ବିକ୍ରି ସୁବିଧା କରୁଥିଲେ। ଫଳରେ ସିସିପିଏ ୧୦ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇନ ଲଗାଇଥିଲା। ଗ୍ରାହକ ଅଧିକାର ଉଲ୍ଲଂଘନ, ଭ୍ରାମକ ବିଜ୍ଞାପନ ଏବଂ ଅନୁଚିତ ବାଣିଜ୍ୟ ଅଭ୍ୟାସ ପାଇଁ କର୍ତ୍ତୃପକ୍ଷ ମିଶୋ, ମେଟା ପ୍ଲାଟଫର୍ମ ଇନକର୍ପୋରେଟେଡ୍ (ଫେସବୁକ୍ ମାର୍କେଟପ୍ଲେସ୍), ଫ୍ଲିପକାର୍ଟ ଏବଂ ଆମାଜନ ଉପରେ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ଚିମିଆ, ଜିଓମାର୍ଟ, ଟକ୍ ପ୍ରୋ ଏବଂ ମାସ୍କମ୍ୟାନ୍ ଟୟସ୍ ଉପରେ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଏନେଇ ଗ୍ରାହକ ବ୍ୟାପାର ସଚିବ ନିଧି ଖରେ ପିଟିଆଇକୁ ସୂଚନା ଦେଇଛନ୍ତି। ତେବେ ମିଶୋ, ମେଟା, ଚିମିଆ, ଜିଓମାର୍ଟ ଏବଂ ଟକ୍ ପ୍ରୋ ସେମାନଙ୍କର ଜରିମାନା ପୈଠ କରି ସାରିଛନ୍ତି। ବାକି ପ୍ଲାଟଫର୍ମଗୁଡ଼ିକ ପେମେଣ୍ଟ କରି ନାହାନ୍ତି ବୋଲି ଖରେ କହିଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ, ଲାଇସେନ୍ସ ଛାଡ଼ କେବଳ ୪୪୬.୦-୪୪୬.୨ ମେଗାହର୍ଜ ବ୍ୟାଣ୍ଡରେ କାମ କରୁଥିବା ପିଏମଆର୍ ଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ଲୋ ପାୱାର ଓ ଭେରି ଲୋ ପାୱାର ଶର୍ଟ ରେଞ୍ଜ ରେଡିଓ ଫ୍ରିକ୍ୱେନ୍ସି ଡିଭାଇସ୍ ବ୍ୟବହାର ନିୟମ, ୨୦୧୮ ର ନିୟମ ୫ରେ ନିର୍ଦ୍ଦେଶ ରହିଛି ଯେ ନିର୍ମାତା ଏବଂ ବିକ୍ରେତାମାନଙ୍କୁ ଏପରି ଡିଭାଇସ୍ ଆମଦାନୀ, ବିକ୍ରୟ କିମ୍ବା ପରିଚାଳନା ପୂର୍ବରୁ ଇଟିଏ ନେବା ଆବଶ୍ୟକ ହୋଇଥାଏ।

ଭାରତକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ପ୍ରଶଂସା

# ଭାରତ ବିଶ୍ୱର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ




ନୂଆଦିଲ୍ଲୀ, ୧୬।୧: ଭାରତ ବିଶ୍ୱ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ବୋଲି କହିଛନ୍ତି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ମୁଖପାତ୍ର ଜୁଲି କୋଜାକ୍। ଯାହା ଭାରତର ଅର୍ଥନୈତିକ ଛବି ସୁଧାରିବା ଦିଗରେ ଏକ ବଡ଼ ବୟାନ ବୋଲି କୁହାଯାଉଛି। ଜାନୁଆରୀରେ ହେବାକୁ ଥିବା ବିଶ୍ୱ ଅର୍ଥନୈତିକ ଆଉଟଲୁକରେ ଜାତିସଂଘ ଏଜେନ୍ସି ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ଅପଗ୍ରେଡ୍ କରିବାକୁ ଯୋଜନା କରୁଥିବା ବେଳେ ଆଇଏମ୍ଏଫ୍ ଏପରି କହିଛି। କୋଜାକ୍ କହିଛନ୍ତି ଯେ ଭାରତ ବିଶ୍ୱ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହୋଇଛି, ଏବଂ ଭାରତରେ ଅଭିବୃଦ୍ଧି ବହୁତ ଦୃଢ଼ ହୋଇଛି।

ଆଇଏମଏଫର ଆର୍ଟିକିଲ୍ ଆଇଭି ଷ୍ଟାଫ୍ ରିପୋର୍ଟ ଅନୁଯାୟୀ, ଦୃଢ଼ ଘରୋଇ ବ୍ୟବହାର ଅଭିବୃଦ୍ଧିକୁ ଆଧାର କରି, ଆର୍ଥିକ ବର୍ଷ ୨୦୨୫-୨୦୨୬ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ୬.୬ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରାଯାଇଥିଲା। ଏନେଇ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ କୋଜାକ କହିଛନ୍ତି "ସେବେଠାରୁ ଆମେ ଯାହା ଦେଖିଛୁ ଯେ ଭାରତରେ ତୃତୀୟ ତ୍ରୈମାସିକ ଅଭିବୃଦ୍ଧି ଆଶାଠାରୁ ଅଧିକ ଶକ୍ତିଶାଳୀ ହୋଇଛି। ଏଥିରୁ ଯାହା ଜଣାପଡୁଛି ଯେ ଆଗକୁ ଆମେ ଆମର ପୂର୍ବାନୁମାନକୁ ଅପଗ୍ରେଡ୍ କରିବୁ। ଜାନୁଆରୀ ମାସରେ ଆମର ଡବ୍ଲ୍ୟୁଇଓ ଅପଡେଟ୍ ଆଉ କିଛି ଦିନ ମଧ୍ୟରେ ଆସିଯିବ। ତେଣୁ ସେତେବେଳେ ଆମେ ଭାରତ ପାଇଁ ଆମର ଏକ ସଂଶୋଧିତ ଅଭିବୃଦ୍ଧି ସଂଖ୍ୟା ଜାରି କରିବୁ।" ଆଇଏମଏଫ ଭାରତକୁ ବିଶ୍ୱର ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଦେଖୁଛି ବୋଲି କହିଛନ୍ତି କୋଜାକ। ଜାତିସଂଘ ୨୦୨୬ ପାଇଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଆକଳନକୁ ବୃଦ୍ଧି କରିଛି। ଜାତିସଂଘ ପୂର୍ବରୁ ଭାରତର ଅଭିବୃଦ୍ଧି ଆକଳନ ୬.୪% କରିଥିଲା। ପରେ ଏଥିରେ ସାମାନ୍ୟ ବୃଦ୍ଧି କରି ୬.୬%କୁ ବଢ଼ାଇ ଦେଇଛି। ସେହିପରି ୨୦୨୭ ପାଇଁ ଭାରତର ଅଭିବୃଦ୍ଧି ୬.୭% ରହିପାରେ ବୋଲି ପୂର୍ବାନୁମାନ କରିଛି।

ଭାରତର ସ୍ଥାୟୀ ଘରୋଇ ବ୍ୟବହାର ଏବଂ ଦୃଢ଼ ସାର୍ବଜନୀନ ନିବେଶ ଯୋଗୁ ଜାତିସଂଘ ନିଜ ପୂର୍ବାନୁମାନରେ ଏହି ଶଂସୋଧନ କରିଛି। ତେବେ ନିକଟ ଅତୀତରେ ହୋଇଥିବା ଆୟକର ହ୍ରାସ ,ଜିଏସ୍ଟି ହ୍ରାସ ଓ ସୁଧ ହାର କମ୍ କରିବା ଭଳି ନୀତିଗତ ପରିବର୍ତ୍ତନ ନିକଟ ଅଭିବୃଦ୍ଧିକୁ ଅତିରିକ୍ତ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଜାତିସଂଘର ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଏବଂ ସମ୍ଭାବନା ୨୦୨୬ ଅନୁଯାୟୀ ୨୦୨୫ ମସିହାରେ ଭାରତର ଜିଡିପି ୭.୪% ବୃଦ୍ଧି ପାଇବାର ଆଶା କରାଯାଉଛି।

ଜାତୀୟ ଷ୍ଟାର୍ଟଅପ୍ ଦିବସ

# ଟିୟର ୨-୩ ସହରରୁ ୫୦% ଷ୍ଟାର୍ଟଅପ




## ଓଡ଼ିଶାରେ ୨୫୧୯ ଷ୍ଟାର୍ଟଅପ୍

ନୂଆଦିଲ୍ଲୀ/ଭୁବନେଶ୍ୱର,୧୬।୧: ଦେଶରେ ଏବେ ଷ୍ଟାର୍ଟଅପ୍ ଗୁଡ଼ିକ ଦ୍ରୁତ ଅଭିବୃଦ୍ଧି କରୁଛନ୍ତି। ଏଗ୍ରିଟେକ, ଟେଲିମେଡିସିନ, ମାଇକ୍ରୋଫାଇନାନ୍ସ, ପର୍ଯ୍ୟଟନ ଏବଂ ଏଡ୍‌ଟେକ ଭଳି କ୍ଷେତ୍ରରେ ଷ୍ଟାର୍ଟଅପ୍ ସବୁ ଅଭିନବ ସମାଧାନ ପ୍ରଦାନ କରୁଛନ୍ତି। ତେବେ ଷ୍ଟାର୍ଟଅପ୍ ଗୁଡ଼ିକ ଏବେ କେବଳ ବଡ଼ ସହରରୁ ଉତ୍ପତି ହେଉନାହାନ୍ତି। ଦେଶର ଟିୟର ୨ ଏବଂ ୩ ସହର ଗୁଡ଼ିକରେ ଏସବୁ ଷ୍ଟାର୍ଟଅପ୍ ଗୁଡ଼ିକର ଅବସ୍ଥିତି ରହିଛି। ଦେଶର ବିକାଶ ଧାରା ତ୍ୱରାନ୍ୱିତ କରିବା ଏବଂ ନିଯୁକ୍ତି ସୃଷ୍ଟିରେ ଏମାନେ ଉଲ୍ଲେଖନୀୟ ଯୋଗଦାନ ଜାରି ରଖିଛନ୍ତି। ଆଜି ଜାତୀୟ ଷ୍ଟାର୍ଟଅପ୍ ଦିବସ ଉପଲକ୍ଷେ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ମହିଳା ନେତୃତ୍ୱାଧିନ ଷ୍ଟାର୍ଟଅପ୍ ଗୁଡ଼ିକ ସମାବେଶୀ ବିକାଶ ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ଦିଗରେ ଯୋଗଦାନ ଦେଉଛନ୍ତି। ୨୦୨୫ ସୁଦ୍ଧା ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ଗୁଡ଼ିକ ମଧ୍ୟରେ ୪୫% ଷ୍ଟାର୍ଟଅପରେ ଅନ୍ତତଃ ପକ୍ଷେ ଜଣେ ମହିଳା ନିର୍ଦ୍ଦେଶକ ଏବଂ ପାର୍ଟନର ରହିଛନ୍ତି। ଅର୍ଥନୈତିକ ଇଞ୍ଜିନରେ ନବସୃଜନର ଗୁରୁତ୍ୱ ଏବଂ ସାମାଜିକ ଉନ୍ନତିକୁ ଏହା ପ୍ରତିପାଦିତ କରୁଛି। ଗତ ଏକ ଦଶନ୍ଧିରେ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ ବେଶ ଦୃଢ଼ ହୋଇଛି। ୨ ଲକ୍ଷ ଷ୍ଟାର୍ଟଅପ୍ ସହ ଭାରତ ବିଶ୍ୱର ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଥିବା ଦେଶ ମଧ୍ୟରେ ନିଜକୁ ସାମିଲ କରିପାରିଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଏବଂ ଦିଲ୍ଲୀ ଏନ୍‌ସିଆର୍ ଭଳି ସ୍ଥାନ ଗୁଡ଼ିକ ଷ୍ଟାର୍ଟଅପ୍ ନବସୃଜନରେ ଆଗରେ ରହିଛନ୍ତି। ସେହିଭଳି ଛୋଟ ସହର ଗୁଡ଼ିକରେ ୫୦% ଷ୍ଟାର୍ଟଅପ୍ ରହିଥିବାରୁ ଏହା ଔଦ୍ୟୋଗିକତାର ଗଣତନ୍ତ୍ରୀକରଣ ବୋଲି ବିବେଚନା କରାଯାଉଛି। ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ଅଧିନ ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗ (ଡିପିଆଇଆଇଟି) ପକ୍ଷରୁ ଗ୍ରହଣ କରାଯାଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶର ନବସୃଜନ ଏବଂ ଔଦ୍ୟୋଗିକତା ସଂସ୍କୃତିର ପ୍ରୋତ୍ସାହନରେ ଅଗ୍ରଦୂତ ପାଲଟିଛି। ଉଚ୍ଚ ମୂଲ୍ୟର ଷ୍ଟାର୍ଟଅପ ଇକୋସିଷ୍ଟମ କ୍ଷେତ୍ରରେ ମଧ୍ୟ ଭାରତ ଆଗରେ ରହିଛି। ୨୦୧୪ରେ ୧ ବିଲିୟନ ଡଲାର ବିଶିଷ୍ଟ ୪ ଷ୍ଟାର୍ଟଅପ୍ ଥିବା ବେଳେ ଏବେ ଏଭଳି ଷ୍ଟାର୍ଟଅପ୍ ଗୁଡ଼ିକ ବ୍ୟାପକ ଭାବେ ଅଗ୍ରଗତି କରିଛନ୍ତି। ଏବେ ୟୁନିକର୍ଣ୍ଣ ଷ୍ଟାର୍ଟଅପ୍ ସଂଖ୍ୟା ୧୨୦ ଟପିଛି। ଏସବୁ ଷ୍ଟାର୍ଟଅପ ଗୁଡ଼ିକର ମୂଲ୍ୟ ଏବେ ୩୫୦ ବିଲିୟନ ଡଲାର। ଷ୍ଟାର୍ଟଅପ୍ ଗୁଡ଼ିକୁ ଉତ୍ସାହିତ କରିବା ଲାଗି ଡିପିଆଇଆଇଟି ଦ୍ୱାରା ଫଣ୍ଡ୍ସ ଅଫ୍ ଫଣ୍ଡ ଆସିଛି। ସିଡ୍‌ବି ଦ୍ୱାରା ଷ୍ଟାର୍ଟଅପ୍ ଇଣ୍ଡିଆ ଆକ୍ସନ ପ୍ଲାନ କାର୍ଯ୍ୟକାରି ହୋଇଛି। ଅଲଟରନେଟିଭ ଇନଭେଷ୍ଟମେଣ୍ଟ ଫଣ୍ଡ ଲାଗି ୧୦ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏବେ ୧୪୦ ସଂସ୍ଥା ୧୩୭୦ ଷ୍ଟାର୍ଟଅପ୍‌ରେ ୨୫,୫୦୦ କୋଟି ଟଙ୍କାର ନିବେଶ କରିଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକ ୨୧ ଲକ୍ଷ ନିଯୁକ୍ତି ଯୋଡ଼ିଛନ୍ତି।

# ପରକୁ ଆପଣେଇ ନେବାରେ ମାହିର କଳାହାଣ୍ଡିଆ ଉତ୍ସବ ଘୁମୁରା

**କଳାହାଣ୍ଡି,୧୬।୧(ସଂଚାର ବ୍ୟୁରୋ):** କଳାର ଅପୂର୍ବ କ୍ଷେତ୍ର କଳାହାଣ୍ଡି। ଏ ଜିଲ୍ଲାର ସାଧାରଣ ଲୋକଙ୍କ ଜୀବନ ଶୈଳୀ ଅତ୍ୟନ୍ତ ସରଳ ହୋଇଥିଲେ ହେଁ ପରକୁ ଆପଣେଇ ନେବାରେ କଳାହାଣ୍ଡିଆମାନେ ବେଶ ମାହିର। ଥରେ ଯିଏ ଏ ମାଟିରେ ପାଦ ଥାପିଛି, ନିଜକୁ ଭୁଲିଯାଇଛି ଏଠାକାର ଜୀବନ ସ୍ରୋତରେ ନିଜକୁ ମିଶେଇ ଦେଇଛି। କଳାହାଣ୍ଡି କେବଳ ଏକ ଭୂଖଣ୍ଡ ନୁହେଁ, ହୃଦୟ ତନ୍ତ୍ରୀକୁ ହଲଚଲ କରିଦେବାର ଏକ ସୁମଧୁର ବୀଣାର ସୁର ଏଣୁ ମୁଁ ଏ ମାଟିକୁ ଭଲ ପାଏ, ଅତି ନିଜର ଭାବେ। ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଚାଲିଥିବା ଜିଲ୍ଲାବାସୀଙ୍କ ଆତିଥ୍ୟ ଆଦୌ ଭୁଲିହେବନି ବୋଲି ନିଜ



ବକ୍ତବ୍ୟରେ କଳାହାଣ୍ଡିର ଭୂରିଭୂରି ପ୍ରଶଂସା କରିଛନ୍ତି ରଖିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର। କଳାହାଣ୍ଡି ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, ମ. ରାମପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ସିଂଦେଓ, ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର, ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ସାହୁ, ଜୁନାଗଡ଼ ବ୍ଲକ ଅଧକ୍ଷ ସବିତା ମେହେର, ଥୁଆମୂଳ ରାମପୁର ବ୍ଲକ ଅଧକ୍ଷ ଦୟାନିଧି ମାଝୀ, କଳମପୁର ବ୍ଲକ ଅଧକ୍ଷ ଜ୍ୟୋତି ନାଏକ, ଜୟପାଟଣା ବ୍ଲକ ଅଧକ୍ଷ ଥବିର ବାଗ, କୋକସରା ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ, ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟଯୋଶୀ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଭବାନୀପାଟଣା ମୁନିସିପାଲିଟି ଅଧକ୍ଷ ବିଷ୍ଣୁ ପ୍ରଧାନ, କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ନୃପରାଜ ଯାଦବ, ଜୁନାଗଡ଼ ଏନଏସି ଅଧକ୍ଷ ହିମାଦ୍ରୀ ନାଏକ, ଧର୍ମଗଡ଼ ଏନଏସି ଅଧକ୍ଷ ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟ ନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। ସହିଦ ରେଣ୍ଡୋମାଝୀ ମଞ୍ଚରେ ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା ସଙ୍ଗୀତ ବିଚିତ୍ରା। ସେହିପରି ସଭା ପ୍ରାରମ୍ଭରେ ମହ୍ଲାର ଅନୁଷ୍ଠାନ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା।

## ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆଲୋଚନାଚକ୍ର




**ରାଜନଗର,୧୬।୧(ସଂଚାର ବ୍ୟୁରୋ):** ରାଜନଗର ସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ "ଭାରତର ବିଦେଶ ନୀତିର ନିରନ୍ତରତା ଓ ପରିବର୍ତ୍ତନ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ କୁଳପତି ଏବଂ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଜୟ କୃଷ୍ଣ ବରାଳ ଭାରତର ବିଦେଶ ନୀତିର ନିରନ୍ତରତା ଓ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତର ବିଦେଶ ନୀତି ସ୍ୱାଧୀନତା ପରଠାରୁ କିପରି ସମୟ ଅନୁସାରେ ପରିବର୍ତ୍ତିତ ହେଉଥିଲେ ମଧ କିଛି ମୌଳିକ ନୀତି ନିରନ୍ତର ରହିଆସିଛି। ଏହିପରି ଭାବେ ଭାରତୀୟ ବିଦେଶ ନୀତିରେ ନିରନ୍ତରତା ଓ ପରିବର୍ତ୍ତନ ଉଭୟ ଦେଖିବାକୁ ମିଳେ। ସ୍ୱାଧୀନ ବିଦେଶ ନୀତି, ଗୁଟ-ନିରପେକ୍ଷତା, ପଞ୍ଚଶୀଳ ସିଦ୍ଧାନ୍ତ, ଏବଂ ପରିବର୍ତ୍ତନ ଯେପରିକି ପଡ଼ୋଶୀ ପ୍ରଥମ ନୀତି, ଆକ୍ଟ ଇଷ୍ଟ ପଲିସି ବିଷୟରେ ଶ୍ରୀ ବରାଳ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧାପକ ପ୍ରତାପ କୁମାର ସ୍ୱାଇଁ ସଭା ପରିଚାଳନା କରିବା ସହିତ ଭାରତ କିପରି ଆଗାମୀ ଦିନରେ ବିଶ୍ୱ ଗୁରୁ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।ଅଧାପିକା ପ୍ରଣତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନରୂଆ ଛକ ଦୁର୍ଗା ମନ୍ଦିରରୁ ପୁଣି ଚୋରି

**ତିର୍ତ୍ତୋଲ,୧୬।୧(ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ରେ ଥିବା ନରୂଆ ଛକ ଦୁର୍ଗା ମନ୍ଦିର ରେ ଗତକାଲି ରାତିରେ କେହିଜଣେ ଦୃର୍ବୁତ୍ତ ସାଇକେଲ ଯୋଗେ ମେଡିକାଲ ପଟୁ ଆସି ମା ଦୁର୍ଗା ଙ୍କ ଗେଟ୍ କୋଲପ ଓ ଦାନ ବାକ୍ସ ଭାଙ୍ଗିବା ସହ ପ୍ରାୟ ଦଶ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିବା ସୂଚନା ମିଳିଛି। ଯାହାକି ସେଠାକାର ଶିଶି ଟିଭି ରୁ ବାହାରିଥିବା ଫୁଟେଷ୍ଟ କୁ କମିଟି ତରଫରୁ ପଲିସକୁ ହସ୍ତାନ୍ତର କରିଥିବା ଖବର ମିଳିଛି। ପୁର୍ବରୁ ମଧ ଗତବର୍ଷ ଏହି ମନ୍ଦିର ରେ ଦୃର୍ବୁତ୍ତ ମାନେ କଳା କନା ବୁଲାଇଥିଲେ। ଯାହାକୁ ତିର୍ତ୍ତୋଲ ପୋଲିସ୍ ଏପର୍ଯ୍ୟନ୍ତ ଧରିବାରେ ସକ୍ଷମ ହୋଇ ପାରିନଥିବା ଚର୍ଚ୍ଚା କୁ ଖୋରାକ ଯୋଗାଇଛି। ସେହିପରି ଗତକାଲି ରାତିରେ ସେହି ଦୁର୍ଗା ମନ୍ଦୀର ପାଖା ପାଖି ହନୁମାନ ମନ୍ଦୀର, ଖଡ଼ଗପୁର ର ତାରିଣୀ ମନ୍ଦିର ଓ ବଟ ଗୋସାଇଁ ମନ୍ଦିର ରୁ ହୁଣ୍ଡି ଭାଙ୍ଗିଥିବା ସୂଚନା ମିଳିଛି। ଯଦି ଏଭଳି ଦୈନିକ ଏଭଳି ହୁଏ ତାହାଲେ ସାଧାରଣ ଜୀବନ କେତେ ସୁରକ୍ଷିତ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଜନ ଗହଳି ପୂର୍ଣ୍ଣ ରାସ୍ତାରେ ଦୈନିକ ପୋଲିସ୍ ପେଟ୍ରୋଲିଂ କରିବାପାଇଁ ସାଧାରଣ ରେ ଦାବି ଉଠିଛି।

## ସ୍ମାର୍ଟ ମିଟର ଓ ଅତିରିକ୍ତ ସୁରକ୍ଷାଜମା ଆଦାୟ ବନ୍ଦ ଦାବିରେ ବିକ୍ଷୋଭ




**ବାରଗଡ଼,୧୬।୧(ସଂଚାର ବ୍ୟୁରୋ):** ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ବାରଗଡ଼ ଶାଖା ପକ୍ଷରୁ ଆଜି ବାରଗଡ଼ କନିଷ୍ଠ ଯନ୍ତ୍ରୀ ଟାଟା ପାୱାର କମ୍ପାନୀ ଲିମିଟେଡ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଅଛି। ବିକ୍ଷୋଭ ସମାବେଶରେ ମାଳବିକା ସାମଲ ଙ୍କ ସଭାପତିତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି ଟାଟା କମ୍ପାନୀ ଉପଭୋକ୍ତାମାନଙ୍କୁ ଶୋଷଣ କରିବା ପାଇଁ ଯେଉଁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ବନ୍ଦ କରିବା, ପ୍ରିପେଡ ମିଟର ଲଗାଇବା ବନ୍ଦ କରିବା, ଦିନର ବିଭିନ୍ନ ସମୟ ରେ ବିଭିନ୍ନ ବିଦ୍ୟୁତ ଶୁଳ୍କ ଲାଗୁ କରିବା ବନ୍ଦ କରିବା, ଘରୋଇକରଣ ବନ୍ଦ ସହିତ ବିଦ୍ୟୁତ ସେବାକୁ ସରକାରଙ୍କ ଅଧିନକୁ ଆଣିବା ଆଦି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଆବାହକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଅଭିରାମ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ନମିତା ବେହେରା, କୁନି ଓଝା, ଶ୍ରଦ୍ଧାଞ୍ଜଳି ପାତ୍ର, ଗାନ୍ଧି ବେହେରା, ମମତା ବିଶୋଇ, ଜିନା ବିଶୋଇ ଉଦ୍ବୋଧନ ଦେଇ ଥିଲେ। ସରକାର ବିହୀତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ବାର ଗଣ ଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ ସରକାର ଓ ବିଦ୍ୟୁତ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଥିଲା।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପଞ୍ଚମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



**ଖଲ୍ଲିକୋଟ,୧୬।୧(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପଞ୍ଚମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିଧିବଦ୍ଧ ଭାବେ ଭାବରେ ଉଦଘାଟନ କରିଥିଲେ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ। ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ମଶାଲ ଶୋଭାଯାତ୍ରା ସହ କ୍ରୀଡ଼ା ପତାକା ଉତ୍ତୋଳନ ସହ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଏହା ସହ କ୍ରୀଡ଼ାଉତ୍ସବ ଅୟମାରମ୍ଭ ଘୋଷଣା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ନିର୍ଦ୍ଦେଶନା ତଥା କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀ ଅନିଲ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତା ଅବସରରେ ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଡ. ଯତୀନ କୁମାର ବିଷୋୟୀ, ଡ. ସୁଶୀଳ କୁମାର ରାଉତ, ଡ. ପ୍ରଣତି ରଥ, ଡ. ଅନୁପୂର୍ଣ୍ଣା ସାହୁ, ଡ. ସସ୍ମିତା ବେହୁରା, ଡ. ଦୀପିକା ସେଠି, ଡ. ରଶ୍ମିତା ପାଢ଼ୀ, ଡ. ବିଭୂତି ପ୍ରସାଦ ବାରିକ, ଡ. ସମ୍ବିତ ରଞ୍ଜନ ମିଶ୍ର, ଡ. ସୁସ୍ମିତା ପଟ୍ଟନାୟକ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଘୁମୁରା ପ୍ରତିଯୋଗିତା

**କଳାହାଣ୍ଡି,୧୬।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଅବସରରେ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବ ଅବସରରେ ମଞ୍ଚରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଛଅଗୋଟି ଘୁମୁରା ଦଳ ଭାଗ ନେଇଥିଲେ। ଏଥିରେ ଜୟପାଟଣାର ଜଗନ୍ନାଥ ଯୁବକ ଜଣଜାତି ଘୁମୁରା ଦଳ, ଗୋଲାମୁଣ୍ଡା ଘୁମୁରା ଦଳ, ଭବାନୀପାଟଣା କାରୁଣ୍ଡ ଘୁମୁରା ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଘୁମୁରା ଉପସମିତିର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଓ ସହ-ଅଧ୍ୟକ୍ଷ ଦିଲିପ ଠାକୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ସଙ୍କିତ ରଥେ, ଭାରତଭୂଷଣ ଚଲାନ, ବିଜୟ ପ୍ରଧାନ, ପିତାମ୍ବର ରଣା, ମହେଶ୍ୱର ସରାଫ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସେହିପରି ଶିଶୁ ଘୁମୁରା ପ୍ରତିଯୋଗିତାରେ ନର୍ଲା ନବୋଦୟ ବିଦ୍ୟାଳୟ, ଭବାନୀପାଟଣା ବାଲଗୋପାଳ ସେବା ନିକେତନ, ମ. ରାମପୁର ରାମକୃଷ୍ଣ ଆଶ୍ରମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦିଲୀପ ଠାକୁର, ଭାରତଭୂଷଣ ଚଲାନ, କୈଳାସ ନାଏକ, କୈଳାସ ସିଂହ ବିଚାରକ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ



**ବଲାଙ୍ଗିର,୧୬।୧(ସଂଚାର ବ୍ୟୁରୋ):** ଚଳିତ ଖରିଫ ବିପଣନ ୨୦୨୫-୨୬ ଋତୁ ପାଇଁ ମାଣ୍ଡିଆ, ଡାଲି ଏବଂ ତୈଳବୀଜ ଜାତୀୟ ଫସଲର କ୍ରୟ ନିମନ୍ତେ ସ୍ଥାନୀୟ ଖଣ୍ଡୀୟ ବନ ଅଧିକାରୀଙ୍କ ସଭାଗୃହରେ ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାରଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ତରଣୀ ସୁନା, ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏବଂ ଟିଟିଲାଗଡ଼ ଉପ-ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହା, ଶ୍ରୀ ଅନ୍ନ ଅଭିଯାନ ଓ ଅନ୍ୟ ଯୋଜନାଗୁଡିକର ତଥ୍ୟ ଉପସ୍ଥାପନ କରିଥିଲେ। ମୋଟ ୨୧ ଗୋଟି ମଣ୍ଡି ମାଧମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୪, ୮୮୬ ଟଙ୍କା ହିସାବରେ, ବଲାଙ୍ଗୀର ଜିଲ୍ଲାର ୭ ଟି ବ୍ଲକ ଯଥା ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେଇକେଲା, ଖପ୍ରାଖୋଲ, ପାଟଣାଗଡ଼, ଟିଟିଲାଗଡ଼ ଓ ବେଲପଡାରେ ଆସନ୍ତା ଜାନୁୟାରୀ ମାସ ୧୯ ତାରିଖ ଠାରୁ ସାପ୍ତାହିକ ତିନି ଦିନ ମଣ୍ଡି ଖୋଲା ଯାଇ ୨୪, ୯୫୨ କ୍ୱିଣ୍ଟାଲ୍ ମାଣ୍ଡିଆ କ୍ରୟ ପାଇଁ ସ୍ଥିର କରାଗଲା। ବ୍ଲକସ୍ତରୀୟ କ୍ରୟ ସଂସ୍ଥାଗୁଡିକୁ ବ୍ଲକଗୁଡିକର ନିର୍ଦ୍ଧାରିତ ଲକ୍ଷ୍ୟ ପରିମାଣର ଏଫଏକ୍ୟୁ ମାନର ମାଣ୍ଡିଆ କ୍ରୟ କରିବା ପାଇଁ ପରାମର୍ଶ ଦିଆଗଲା। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲ୍ଲାର ୭ଟି ବ୍ଲକଗୁଡିକୁ ମାଣ୍ଡିଆ ସହିତ ଡାଲି ଓ ତୈଳ ଜାତୀୟ ଶସ୍ୟଗୁଡିକର ଉତ୍ପାଦନ ବୃଦ୍ଧି କରିବା ଦିଗରେ ଅଧିକ ପ୍ରାଧାନ୍ୟ ଦେବାକୁ ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଜିଲ୍ଲାରେ ରପ୍ତାନି ମାନର ଶସ୍ୟ ଉତ୍ପାଦନ କରିବାକୁ ଆଲୋଚନା କରିଥିଲେ।

## ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ




**ବୈଶିଙ୍ଗା,୧୬।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୭ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଭା ଓ ରାଲିର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାର ଭାରପ୍ରାପ୍ତ ଥାନାଧିକାରୀ ବାରିଣୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ରାଧାମୋହନ ସେଠୀ ଓ ହରେକୃଷ୍ଣ ଦାସ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଦୁର୍ଘଟଣାମୁକ୍ତ ସମାଜ ଗଠନ ପାଇଁ ଟ୍ରାଫିକ ନିୟମର ପାଳନ ଏବଂ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଯାତାୟାତ ଏବଂ ଜୀବନ ରକ୍ଷାକାରୀ କୌଶଳ ସମ୍ପର୍କରେ ଉଦବୋଧନ ଦିଆଯାଇଥିଲା। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

## ବାଇକକୁ ପଛରୁ ଧକ୍କା ଦେଲା ଟ୍ରକ, ଦୁଇ ମୃତ

**ବାରିପଦା,୧୬।୧(ସଂଚାର ବ୍ୟୁରୋ):** ମକର ପର୍ବ ନେଇ ସମଗ୍ର ମୟୂରଭଞ୍ଜ ଜିଲ୍ଲା ଗାଁ ଠାରୁ ସହର ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସରେ ଲୋକମାନେ ପର୍ବ ର ମଜା ନେଉଛନ୍ତି। ଏହି ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଅଛି। ମକର ପର୍ବର ଦିତୀୟ ଦିବସରେ ବିଶୋଇ - ଯଶିପୁର ଜାତୀୟ ରାଜପଥ ୪୯ ନମ୍ବର ବନେଇକଳା ଛକରେ ଏକ ବାଇକ୍ (ଓଡି ୦୮ ବି ୭୮୮୭) ରେ କରଞ୍ଜିଆ ଥାନା ଅନ୍ତର୍ଗତ ସର୍ବଧି ଗ୍ରାମର ଗୁରୁ ଚରଣ ଲୋହର(୫୦) ନିଜର ସମ୍ପର୍କୀୟ ଘର ବାରାଜିଆଣିରୁ ବାଇକ ଯୋଗେ ନିଜର ସମ୍ପର୍କୀୟ ଶାଶୁ ପାର୍ବତୀ ବିନ୍ଧାଣୀ(୬୫)ଙ୍କୁ ନେଇ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ କୁ ଫେରୁଥିବାବେଳେ ବନେଇକଳା ଛକରେ ପଛପଟୁ ଦୃତ ଗତିରେ ଆସୁଥିବା ଏକ ଟ୍ରକ (ଓଡି ୩୫ ଡି ୩୦୭୭) ପଛପଟୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା। ପଛ ଚକରେ ଦୁଇ ଜଣ ଯାକ ପେଶି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ଦୁଇ ଜଣଯାକଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଟ୍ରକ ଡ୍ରାଇଭର ଦୁର୍ଘଟଣା ଘଟାଇ ଟ୍ରକ ଅଟକାଇ ପ୍ରାଣ ବିକଳରେ ଲୁଚି ପଳାଇଥିଲା ।ଖବର ପାଇ ବିଶୋଇ ଥାନା ଅଧିନସ୍ଥ ମଣଦା ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଧଳ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସପିଟାଲକୁ ପଠାଇବା ସହ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ।

## ଗାଁରେ ନୂତନ ଡାକଘର କାର୍ଯ୍ୟାଳୟ ଶୁଭାରମ୍ଭ



**ଲାଞ୍ଜିଗଡ଼,୧୬।୧(ସଂଚାର ବ୍ୟୁରୋ):** ଦେଶରେ ଆଗରୁ କୌଣସି ମୋବାଇଲ ବା ଇଣ୍ଟର୍ନେଟ ବ୍ୟବସ୍ଥା ନ'ଥିଲା ସେହି ସମୟରୁ ଭାରତୀୟ ଡାକ ବିଭାଗ ଲୋକଙ୍କ ପାଇଁ ଜରୁରୀ କାଳୀନ ଡାକ ସେବା ଯୋଗାଇ ଆସୁଛି। ସେହିପରି ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅଧିକାଂଶ ଅଞ୍ଚଳରେ ମୋବାଇଲ ଓ ଇଣ୍ଟର୍ନେଟ ସେବାରୁ ବଞ୍ଚିତ ଥିବା ଲୋକଙ୍କ ପାଇଁ ଡାକ ସେବା ହିଁ ଏକ ମାତ୍ର ଯୋଗାଯୋଗର ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। ତେବେ ଇଣ୍ଟର୍ନେଟ ଦୁନିଆଁରେ ବା ଡିଜିଟାଲ କ୍ଷେତ୍ରରେ ଦେଶ ଯେତେ ଆଗକୁ ବଢ଼ିଥିଲେ ମଧ ଦେଶର କୋଟି କୋଟି ଜନସାଧାରଣ ଡାକସେବା ଉପରେ ନିର୍ଭର କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଦିନକୁ ଦିନ ଡାକ ବିଭାଗ ଦେଶରେ ନୂତନ ନିଯୁକ୍ତି ସମେତ ନୂତନ ପୋଷ୍ଟ ଅଫିସ ଖୋଲୁ ଥିବା ବେଳେ ଆଜି କଳାହାଣ୍ଡି ଡାକ ମଣ୍ଡଳ ପକ୍ଷରୁ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ତଳକାଳିମା ଓ ପାହାଡ଼ପଦର ପଞ୍ଚାୟତ ସିମେଲ ପଦର ଗାଁରେ ନୂତନ ଶାଖା ଡାକ ଘର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନର୍ଲା ସବଡ଼ିଭିଜନ ଡାକ ନିରୀକ୍ଷକ ରମେଶ କୁମାର ପ୍ରଦାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଜେପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଟିକା ମାଝୀ ଯୋଗଦେଇ ନୂତନ ଡାକ ଘରର ଶୁଭ ଉଦ୍‌ଘାଟନ କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ଆୟୋଜନ



**ବୈଶିଙ୍ଗା,୧୬।୧(ସଂଚାର ବ୍ୟୁରୋ):** ବୁଧବାର ଓ ଗୁରୁବାର ଦୁଇଦିନ ଧରି ବେତନଟୀ ବ୍ଲକ, ଗଡ଼ଦେଉଳିଆ ପଞ୍ଚାୟତ, ଲାଖବିନ୍ଧା ଗ୍ରାମ ବିର ବିର୍ସା କ୍ଲବ ଓ ମେରା ଯୁବ ଭାରତ (ମାଇଁ ଭାରତ) ସରକାରଙ୍କ ଯୁବ ବ୍ୟାପର କ୍ରୀଡା ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ଆୟୋଜିତ ହୋଇଛି। କ୍ଲବ ସମ୍ପାଦକ ଶଙ୍କର ଚୋପେୟାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉମାକାନ୍ତ ବେହେରା (ରିଡ଼କ୍ରୋସ ସମ୍ପାଦକ) ମୁଖ୍ୟ ଅତିଥି ଗଦାଧର ଜେନା (ଅବସର ପ୍ରଧାନ ଶିକ୍ଷକ) ମୁଖ୍ୟବକ୍ତା ବୁଦ୍ଧିଆ ସିଂ (ସମାଜ ସେବୀ) ଗଡ଼ଦେଉଳିଆ ସରପଞ୍ଚ ବବିତା ସିଂ ଓ ଦୁଃଖିଶ୍ୟାମ ମାଝୀ (ଗ୍ରାମମୁଖ୍ୟ)ଉପସ୍ଥିତ ହୋଇ କ୍ରୀଡା ପ୍ରେମୀଙ୍କୁ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରଣାମ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ (ପୁରୁଷ) କବାଡି (ମହିଳା) ୨୦୦ମ ଦୌଡପ୍ରତିଯୋଗିତା (ପୁରୁଷ ଓ ମହିଳା) ବାଡମିଟନ (ପୁରୁଷ ଓ ମହିଳା) ପ୍ରତିଯୋଗିତା କରାଯାଇଥିଲା। ମେରା ଭାରତ ଯୁବ କେନ୍ଦ୍ରର ଏଭଳି ପ୍ରୟାସକୁ ଜଣସାଧାରଣ ଭୁୟସୀ ପ୍ରଶଂସା କରିଥିଲେ। କ୍ଲବର ସଭ୍ୟ -ସଭ୍ୟା ମାନେ ସହଯୋଗ କରିଥିଲେ। ସର୍ବ ଶେଷରେ ଲକ୍ଷ୍ମୀଧର ମାଝୀ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ଯୁବ ଛାତ୍ର ଜନତା ଦଳର ବନ୍ଧୁମିଳନ

**ଭଦ୍ରକ,୧୬।୧(ସଂଚାର ବ୍ୟୁରୋ):** ଏହି ଜିଲାର ବନ୍ତ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଏହି ବ୍ଲକ ଅଧୀନସ୍ଥ କାଦବରାଙ୍ଗ ଗ୍ରାମପଞ୍ଚାୟତ ବେନ୍ତାଳ ଗ୍ରାମୀଣ ବନ୍ୟ ଉଦ୍ୟାନରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ରାଜନୈତିକ ଚିନ୍ତାଧାରା ଠାରୁ ଦୂରରେ ରହି ସଭିଏଁ ସ୍ନେହ ଶ୍ରଦ୍ଧା ଭଲପାଇବା ଆପଣା ପଣିଆର ବନ୍ଧନରେ ବାନ୍ଧି ହେବା ସହ ଏକ ସୁନ୍ଦର ସମାଜ ଗଢିତୋଳିବା ପାଇଁ ଯୁବ ଛାତ୍ର ନେତୃତ୍ୱ ମାନେ ନିଜ ନିଜର ଦାଇତ୍ୱ କର୍ତବ୍ୟ କୁ ସଠିକ୍ ଭାବେ ତୁଲାଇବା ପାଇଁ ଆହ୍ୱାନ ଦେଇଥିଲେ।

## ସାଂସଦଙ୍କ ଦ୍ୱାରା ଜଳସମ୍ପଦ ପ୍ରକଳ୍ପର ଶିଳାନ୍ୟାସ

**ଭଦ୍ରକ,୧୬।୧(ସଂଚାର ବ୍ୟୁରୋ):** ଆଖୁଆପଦା ଜଳସମ୍ପଦ ଡିଭିଜନର ୪ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କେନାଲରେ ନବୀକରଣ କାର୍ଯ୍ୟ ସ୍ଥାନୀୟ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଦ୍ୱାରା ଶୁକ୍ରବାର ଦିନ ଶିଳାନ୍ୟାସ ହୋଇଯାଇଛି।ବଳଦେବଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପରେ ଶିମିଳିଆ ଠାରେ ୨ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୩୦୦ ମିଟର ଲମ୍ବର କେନାଲରେ ଓ ଜଗନ୍ନାଥପ୍ରସାଦ ନିକଟରେ ୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୫୦୦ ମିଟର ଲମ୍ବର କେନାଲରେ ନବୀକରଣ ପାଇଁ ଶିଳାନ୍ୟାସ କରାଯାଇଛି।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ୯ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର




**ବଲାଙ୍ଗିର,୧୬।୧(ସଂଚାର ବ୍ୟୁରୋ):** ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ବଲାଙ୍ଗିର ପରିସରରେ ଆଜି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସଫଳତାର ସହ ଆୟୋଜିତ ହୋଇଯାଇଛି।
ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରବ୍ ଶିୱାଜୀ ଇସଲୱାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ପଦ୍ମିନୀ ସାହୁ ଏବଂ ତାଲିମ କେନ୍ଦ୍ରର ଅଧକ୍ଷ ସମା ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୬୬୮ ଜଣ ଚାକିରି ଆଶାୟୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ୯ ଜଣ ପ୍ରାର୍ଥୀଙ୍କୁ ତୁରନ୍ତ ନିଯୁକ୍ତି ପତ୍ର ଏବଂ ୧୨ ଜଣ ନାନୋ ୟୁନିକର୍ଣ୍ଣ ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ସମସ୍ତ ଷ୍ଟଲ୍‌ଗୁଡ଼ିକୁ ପରିଦର୍ଶନ ପୂର୍ବକ ଆଶାୟୀମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କୁ ପ୍ରେରଣା ଦେଇଥିଲେ।

## ସ୍ଥାୟୀ କୃଷି ଓ ସଂଗଠିତ ବିପଣନର ମାଧମ ବନିଛି ଅଭିବୃଦ୍ଧି ଏଫପିଓ

**ଦେଓଗଡ଼,୧୬।୧(ସଂଚାର ବ୍ୟୁରୋ):** ସାମୂହିକ ଶକ୍ତି, ସଂଗଠିତ ବିପଣନ ଏବଂ ସ୍ଥାୟୀ କୃଷି ମାଧମରେ ଚାଷୀଙ୍କ ଆୟ ବୃଦ୍ଧି ଉଦ୍ଦେଶ୍ୟରେ ୨୦୧୬ ମସିହାରେ ଦେଓଗଡ଼ ଜିଲ୍ଲା ଅନ୍ତର୍ଗତ ରିଆମାଳ ବ୍ଲକ ସ୍ଥିତ 'ଅଭିବୃଦ୍ଧି ଚାଷୀ ଉତ୍ପାଦକ କମ୍ପାନୀ' ଗଠିତ ହୋଇଥିଲା। ୧୨୧୨ ଜଣ ସଦସ୍ୟଙ୍କୁ ନେଇ ଏକ ପ୍ରେରଣାଦାୟୀ ମଡେଲ ଭାବେ ଆଗେଇ ଚାଲିଥିବା ଏହି କମ୍ପାନୀର ପ୍ରମୁଖ କାର୍ଯ୍ୟକଳାପ ମଧରେ ରହିଛି ଚିନାବାଦମ ଚାଷ, ଧାନ ଚାଷ, ପନିପରିବା ଚାଷ। ୧ କୋଟି ୭୩ ଲକ୍ଷ ଟର୍ଣ୍ଣଓଭରେ ହାସଲ କରିସାରିଥିବା ଏହି କମ୍ପାନୀ କେବଳ ସଦସ୍ୟଙ୍କ ଆୟ ବୃଦ୍ଧିରେ ନୁହେଁ ସେମାନଙ୍କୁ ସଶକ୍ତ କରିବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଭୁଲ ହେବ ନାହିଁ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧମରେ କୃଷିବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ପକ୍ଷରୁ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ ଭଳି ସହଯୋଗ ଯୋଗାଇ ଦିଆଯାଇଛି। ଏହି କମ୍ପାନୀ କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ଼ ଓ ରାଜ୍ୟର କୃଷି ଓ ଉଦ୍ୟାନ ବିଭାଗ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାର ସହଯୋଗ ପାଇ ନିଜ କାର୍ଯ୍ୟ କ୍ଷମତାକୁ ସଫଳ ଭାବରେ ବିସ୍ତାର କରିବାରେ ସକ୍ଷମ ହୋଇପାରିଛି। ଚାଷୀଙ୍କୁ ଭିତ୍ତିଭୂମି ସହାୟତା ପ୍ରଦାନ କରିବା ପାଇଁ ଏହା ଦ୍ୱାରା ୧୦ଟି ଚାଷୀ କେନ୍ଦ୍ର, ଗୋଟିଏ ଉନ୍ନତମାନର ନର୍ସରୀ, ଏକ ପ୍ରଦର୍ଶନ କ୍ଷେତ୍ର ସ୍ଥାପନ କରାଯାଇଛି। ଭର୍ମିକମ୍ପୋଷ୍ଟ, ଜୈବସାର ଓ ସୀମିତ କୀଟନାଶକ ବ୍ୟବହାର ମାଧମରେ ପରିବେଶ ମିତ୍ର କୃଷି ପଦ୍ଧତିକୁ ଚାଷୀମାନଙ୍କ ମଧରେ ଲୋକପ୍ରିୟ କରାଯାଇଛି। ତରଭୁଜ, ଧାନ ଓ ବିଭିନ୍ନ ପନିପରିବା ଚାଷ ପଦ୍ଧତି ଉପରେ ନିୟମିତ ସଚେତନତା କାର୍ଯ୍ୟକମମାନ ଆୟୋଜିତ ହୋଇଛି। ମଲ୍‌ଚିଂ ଓ ଡ୍ରିପ୍ ଜଳସେଚନ ମାଧମରେ ଅଣ ମୌସୁମୀ ପନିପରିବା ପାଇଁ ଉତ୍ସାହିତ କରାଯାଇ ଚାଷୀମାନଙ୍କୁ ଅତିରିକ୍ତ ଆୟ ସୁଯୋଗ ପ୍ରଦାନ କରୁଛି। ଉନ୍ନତ ପ୍ରଯୁକ୍ତି ଏବଂ ସଠିକ କୃଷି ପଦ୍ଧତି ଅନୁସରଣ ଫଳରେ ତରଭୁଜ ଉତ୍ପାଦନରେ ୩୫% ପର୍ଯ୍ୟନ୍ତ ବୃଦ୍ଧି ସହିତ ବଜାର ବିସ୍ତାର ମଧ ସମ୍ଭବ ହୋଇପାରିଛି। ଦୁଇ ବର୍ଷ ମଧରେ ପ୍ରତି ଚାଷୀର ହାରାହାରି ଆୟ ୩୦%ରୁ୪୦% ବୃଦ୍ଧି ପାଇଛି।

### ଡଗରା ବେଳାଭୂମିର ପ୍ରାକୃତିକ ବିଭବ ଅନନ୍ୟ

## ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ବିକାଶ ଶିଥିଳ

**ବାଲିଆପାଳ,୧୬।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ଧାଡ଼ି ଧାଡ଼ି ଝାଉଁ ସିଥିକା ସୁବର୍ଣ୍ଣ ବାଲୁକା ଶେଯ, ଅଗଭୀର ସମୁଦ୍ରର ମାଳ ମାଳ ଲହରୀ ନାଲି କଙ୍କଡାଙ୍କ ସମାବେଶ, ଶାନ୍ତ ପରିବେଶ ଆଜି ପ୍ରାକୃତିକ ବିଭବରେ ଅନନ୍ୟ ଓ ଅତୁଳନୀୟ, ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବିକାଶ ଶିଥିଳ ବୋଲି ଶୁକ୍ରବାର ୨୨ତମ ଡଗରା ବେଳାଭୂମି ମହୋତ୍ସବରେ ଦିତୀୟ ସନ୍ଧ୍ୟାରେ ଅତିଥି ମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଉତ୍ସବ କମିଟି ଓ ପ୍ରେସ କ୍ଲବର ର ମିଳିତ ସହଯୋଗ ବେଳାଭୂମି ମସୋତ୍ସବ ଅନୁଷ୍ଠିତ



ହୋଇଆସୁଛି। ସମ୍ପାଦକ ସୁବଳ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବାଲେଶ୍ୱରର ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ଉଦଘାଟକ, ନିଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ବସ୍ତା ଏସଡିପିଓ ମାନସ ଦେଓ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ବାବାଜୀ ଦେହୁରୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଗିରି, ବାଲିଆପାଳ ସ୍ୱାଭିମାନୀ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ଯୁବ ନେତା ବିକ୍ରମ କୁମାର ପଣ୍ଡା, ଅଁଳାଡିହା ସରପଞ୍ଚ ମମତା ରାଣୀ କୁଲାରି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସଦସ୍ୟ ଖବରଦାତା ପ୍ରଭାତ କୁମାର ଦାସ ଓ ରମିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ ପାତ୍ର ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବନ ସୁରକ୍ଷା କମିଟିର ସଭାପତି ଗଣପତି ଜେନା ଧନ୍ୟବାଦ୍ ଦେଇଥିଲେ।






# ଶଶାଙ୍କାସନ ଦ୍ୱାରା ପିଠି ଦରଜରୁ ମୁକ୍ତି ପାଇପାରିବେ

ଶଶାଙ୍କାସନ ଆସନଦ୍ୱାରା ପିଠି ମାଂସପେଶୀ ପ୍ରସାରିତ ହୁଏ। ପ୍ରତ୍ୟେକ କଶେରୁକ ଅନ୍ୟ କଶେରୁକଠାରୁ ଛାଡ଼ି ରହିବାରୁ ଚକ୍ରିକା ଉପରେ ଚାପ ପଡ଼େ ନାହିଁ। ପ୍ରାୟତଃ ମେରୁଦଣ୍ଡରୁ ବାହାରିଥିବା ସ୍ନାୟୁ ଚକ୍ରିକା ଦ୍ୱାରା ଚାପି ହୋଇ ବିଭିନ୍ନ ପ୍ରକାର ପିଠି ଦରଜ ସୃଷ୍ଟି ହୋଇଥାଏ। ଆସନଦ୍ୱାରା ଏହି ରୋଗରୁ ଉପକାର ମିଳେ, ଚକ୍ରିକାଗୁଡ଼ିକ ନିଜ ଜାଗାରେ ଠିକ୍ ରହେ। ଆଡ୍ରିନାଲ୍ ଗ୍ରନ୍ଥିର କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଶ୍ରୋଣୀ ମାଂସପେଶୀ, ସାଇଟିକା ସ୍ନାୟୁ ମଧ କାର୍ଯ୍ୟକ୍ଷମ ହୁଏ। ସ୍ତ୍ରୀ ଲୋକଙ୍କ ଶ୍ରୋଣୀର ଆକାରରେ ଉନ୍ନତି ହୁଏ। ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ପ୍ରଜନନ ଅଙ୍ଗଗୁଡ଼ିକ ସୁଧୁରିଯାଏ। ଆସନର ପ୍ରତ୍ୟେହ ଅଭ୍ୟାସ ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ। ଆସନର ଶେଷସ୍ଥିତିରେ ଉଜ୍ଜୟୀ ପ୍ରାଣାୟମ ସହ ଅଭ୍ୟାସ କଲେ କ୍ରୋଧ ପ୍ରସମିତ ହୁଏ ଏବଂ ମସ୍ତିଷ୍କ ଥଣ୍ଡା ରହେ ବୋଲି କହିଛନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର। ଏହି ଆସନ କରିବା ପାଇଁ ହାତ ଜଙ୍ଘ ଉପରେ ରଖି ବଜ୍ରାସନରେ ବସନ୍ତୁ। ଆଖି ବନ୍ଦ କରନ୍ତୁ, ଦେହ ଢ଼ିଲା ରଖନ୍ତୁ। ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିବ। ନିଶ୍ୱାସ ନେଇ ହାତ ମୁଣ୍ଡ ଉପରକୁ ଉଠାନ୍ତୁ, ହାତ ସିଧା ରହିବ କାନ୍ଧ ଛଡ଼ାରେ। ନିଶ୍ୱାସ ଛାଡ଼ିଲାବେଳେ ସାମନାକୁ ଅଣ୍ଟା ଭାଙ୍ଗନ୍ତୁ। ମୁଣ୍ଡ ଓ ହାତ ଆଗକୁ ଅଣ୍ଟା ସିଧାରେ ରହିବ। ଆସନର ଶେଷ ସ୍ଥିତିରେ ହାତ ଓ କପାଳ ଆଣ୍ଠୁ ସାମନାରେ ଭୂଇଁ ଉପରେ ରହିବ। ସମ୍ଭବ ହେଲେ କପାଳ ଓ ହାତ ଭୂଇଁକୁ ଏକା ସଙ୍ଗେ ଛୁଇଁବ। ହାତ ସାମାନ୍ୟ ଭାଙ୍ଗ ଯେମିତି ପୂରା ଢ଼ିଲା ରହେ, କହୁଣୀ ଭୂଇଁରେ ଲାଗିବ। ଆସନର ଏହି ଶେଷ ସ୍ଥିତିରେ ନିଶ୍ୱାସକୁ ଛାଡ଼ି ୫ ସେକେଣ୍ଡ ରହିବ। ତା'ପରେ ଏକାସଙ୍ଗେ ନିଶ୍ୱାସ ନେବେ ଏବଂ ହାତ ଓ ଦେହ ଉପରକୁ ଟେକିବ। ହାତ, ମୁଣ୍ଡ ଓ ଦେହ ସିଧା ରହିବ। ନିଶ୍ୱାସ ଛାଡ଼ନ୍ତୁ, ହାତ ତଳକୁ ଆଣି ଆଣ୍ଠୁ ଉପରେ ରଖନ୍ତୁ। ଏହାକୁ ୩ରୁ ୫ ଥର ଅଭ୍ୟାସ କରନ୍ତୁ। ଆରମ୍ଭରୁ ଧୀରେ ଅଭ୍ୟାସ ସମୟ ବଢ଼ାଇବେ। ଶେଷରେ ଖୁବ୍ କମ୍‌ରେ ଅତି ୩ ମିନିଟ୍ ପାଇଁ ଆରାମରେ ବସିହେବ।

# କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ

ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ। କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ।

କଦଳୀ ପତ୍ରରେ ମଧ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ। କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନ୍ଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ଭଳି କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ।

ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।





# ଖାଲି ପେଟରେ ଖାଆନ୍ତୁ ଭିଜା ଚଣା

ଅନେକ ଖାଦ୍ୟ ଅଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ସେହି ହେଲଦି ଖାଇବା ମଧ୍ୟରେ କଳାଚଣା ହେଉଛି ଅନ୍ୟତମ। ଯାହା ଆମ ସ୍ୱାସ୍ଥ୍ୟ ଉପଯୋଗୀ ବୋଲି ବିବେଚନା କରାଯାଏ। କଳାଚଣା ଅପେକ୍ଷା ଭିଜା ଚଣା ଆମ ଶରୀରକୁ ଦ୍ୱିଗୁଣିତ ଫାଇଦା ଦେଇଥାଏ। ଭିଜା ଚଣାରେ କାର୍ବୋହାଇଡ୍ରେଟ୍, ଚର୍ବି, ଫାଇବର, କ୍ୟାଲସିୟମ୍, ଲୌହ ଏବଂ ଭିଟାମିନ୍ ଥାଏ। ଯାହା ଖାଇବା ଦ୍ୱାରା ଚମତ୍କାର ଲାଭ ମିଳିପାରିବ। ତେଣୁ ଖାଲି ପେଟରେ ଭିଜା ଚଣା ଖାଇବାକୁ ଡ଼ାକ୍ତରମାନେ ପରାମର୍ଶ ଦେଇଥାଆନ୍ତି। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା।

**ପାଚନକ୍ରିୟାରେ ଉନ୍ନତି:** ଭିଜା ଚଣାରେ ଫାଇବରର ମାତ୍ରା ଥାଏ। ଯାହା ଖାଇବା ଦ୍ୱାରା ଭଲ ପରିଣାମ ମିଳିଥାଏ। ଏହା ସହଜରେ ଅପଚୟ ଦୂର କରିଥାଏ। କୋଷ୍ଠକାଠିନ୍ୟକୁ ରୋକିବା ସହିତ ବଦହଜମୀକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ବିଷାକ୍ତ ପଦାର୍ଥକୁ ବାହାର କରି ଆପଣଙ୍କ ଶରୀରକୁ ସଫା କରେ।

**ରୋଗପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରେ:** ଭିଜା ଚଣା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରେ। ତେଣୁ ଆପଣ ଆପଣଙ୍କ ଦୈନନ୍ଦୀନ ଖାଇବା ଲିଷ୍ଟରେ ଭିଜା ଚଣା ସାମିଲ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଯାହା ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣେ।

**ହାର୍ଟ ପାଇଁ ଲାଭଦାୟକ:** ଭିଜା କଳା ଚଣା ହାର୍ଟ ପାଇଁ ବେଷ୍ଟ ହୋଇଥାଏ। ଯାହା ରକ୍ତ ପ୍ରବାହକୁ ଉନ୍ନତ କରି ଏବଂ ଧମନୀରେ ଅବରୋଧ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟକୁ ସମର୍ଥନ କରେ। ଏହା ପ୍ଲାକ୍ ଜମାଟ ବାନ୍ଧିବା ଏବଂ ରକ୍ତ ଜମାଟ ବାନ୍ଧିବା ରୋକିବାକୁ ସାହାଯ୍ୟ କରେ। ଏହାକୁ ନିୟମିତ ଭାବରେ ଖାଇବା ଦ୍ୱାରା ଆପଣଙ୍କୁ ଶକ୍ତିଶାଳୀ ଏବଂ ସୁସ୍ଥ ହାର୍ଟ ସୁସ୍ଥରଖିବାକୁ ସହାୟକ କରେ। ଏଥିସହ ଏହା ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଥିବା ଆଣ୍ଟି ଇନଫ୍ଲେମେଣ୍ଟାରୀ ଗୁଣ ହାର୍ଟ ସମ୍ବନ୍ଧୀୟ ରୋଗର ଆଶଙ୍କାକୁ ହ୍ରାସ କରିଥାଏ।

**ଓଜନ ନିୟନ୍ତ୍ରଣ କରେ:** ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି କି ? ଯଦି ହଁ ତେବେ ଏପରି ଅଭ୍ୟାସ କରନ୍ତୁ। ଭିଜା କଳା ଚଣା ଆପଣଙ୍କୁ ପେଟକୁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ପୂରାଇ ରଖେ। ତେଣୁ ଖାଦ୍ୟ ଖାଇବା ଏବଂ ଅତ୍ୟଧିକ ଖାଇବାକୁ ନିୟନ୍ତ୍ରଣ କରେ। ଓଜନ ହ୍ରାସ ପାଇଁ ଭିଜା ଚଣା ସର୍ବୋତ୍ତମ। ଏହା ଆପଣଙ୍କ ମେଟାବୋଲିଜିମକୁ ତ୍ୱରାନ୍ୱିତ କରି ଚର୍ବି ନଷ୍ଟ କରିବାରେ ମଧ ସାହାଯ୍ୟ କରେ।

**କେଶ ପାଇଁ ଉପକାରୀ:** କଳା ଚଣାରେ ପ୍ରୋଟିନ୍, ଜିଙ୍କ୍ ଏବଂ ଭିଟାମିନ୍ ବି୬ର ଏକ ପ୍ରଚୁର ମାତ୍ରାରେ ରହିଛି। ଯାହା କେଶ ବୃଦ୍ଧି ପାଇଁ ଅତ୍ୟନ୍ତ ଜରୁରୀ। ଏହା କେଶ ଝଡ଼ିବା ଭଳି ସମସ୍ୟାରୁ ରକ୍ଷା କରିଥାଏ। ଏଥିସହ କେଶକୁ ଘନ କରିଥାଏ। ଏଥିରେ ଥିବା ମାଙ୍ଗାନିଜ୍ କେଶକୁ ଧଳା ହେବାରୁ ରୋକିଥାଏ। ଯଦି ଆପଣଙ୍କର ଏହି ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଖାଲିପେଟରେ କଳା ଚଣା ଖାଆନ୍ତୁ। ନିୟମିତ ଖାଇବା ଦ୍ୱାରା ଆପଣ ସକରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

# ଚନ୍ଦନ ପ୍ୟାକ ଓ ଆଲୋଭେରା ଦୂରକରେ ଷ୍ଟ୍ରେଚ୍‌ମାର୍କ

ଷ୍ଟ୍ରେଚ୍‌ମାର୍କ ସାଧାରଣଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧମରେ ମଧ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...

**ଚନ୍ଦନ ପ୍ୟାକ୍:** ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟୋ ରସ ଓ ମହୁ ମଧ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।

**ଆଲୋଭେରା:** ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।





# ଠିଆହୋଇ ପାଣି ପିଉଥିଲେ ସାବଧାନ!

ପାଣି ଆମ ଶରୀର ପାଇଁ ପ୍ରକୃତିର ସବୁଠାରୁ ବଡ଼ ଉପହାର। କିନ୍ତୁ ଏହାକୁ ଭୁଲ୍ ଉପାୟରେ ପିଇବା ଶରୀରକୁ କ୍ଷତି ପହଞ୍ଚାଇପାରେ। କାରଣ ପ୍ରାୟ ଲୋକ ଠିଆ ହୋଇ ତରତର ଭାବେ ପାଣି ପିଇଥାନ୍ତି, ଯାହା ଶରୀର ପାଇଁ ଆଦୌ ଠିକ୍ ନୁହେଁ। ପାଣି ପିଇବା ଶରୀର ପାଇଁ ଅନେକ ଫାଇଦା ଆଣିଥାଏ। ବିଶେଷଜ୍ଞଙ୍କ ମତରେ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଶରୀରରେ ଜଳଶୁଷ୍କତା ଦେଖା ଦେଇ ନଥାଏ। ଫଳରେ ଅନେକ ରୋଗରଠାରୁ ଦୂରେଇ ରହିବା ସହଜ ହୋଇଥାଏ। କିନ୍ତୁ ଏଥିପାଇଁ ପାଣିକୁ ଠିକ୍ ଉପାୟରେ ପିଇବା ଜରୁରି। ଠିଆ ହୋଇ ପାଣି ପିଇବା ଆଦୌ ଠିକ୍ ନୁହେଁ। ବରଂ ବସିବା ସହ ଧୀରେ ଧୀରେ ପାଣି ପିଇବା ଶରୀର ପାଇଁ ହିତକର। ଠିଆ ହୋଇ ପାଣି ପିଇବା ଦ୍ୱାରା ଶରୀରକୁ ବହୁ କ୍ଷତି ପହଞ୍ଚିଥାଏ।

**କିଡ୍‌ନୀ ସମସ୍ୟା:** ଠିଆ ହୋଇ ପାଣି ପିଇବା ଦ୍ୱାରା ବିନା ଫିଲ୍ଟରେସନ୍ରେ ଅଧିକ ଚାପ ଯୋଗୁ ପାଣି ପେଟର ନିମ୍ନ ଭାଗକୁ ଚାଲିଯାଇଥାଏ, ତେଣୁ କିଡ୍ନୀ ସମସ୍ୟାର ଆଶଙ୍କା ବଢ଼ିଯାଇପାରେ। ଏହା ପରିବର୍ତ୍ତେ ବସି ପାଣି ପିଇବା ଦ୍ୱାରା ପାଣିକୁ ଶରୀର ଧୀରେ ଧୀରେ ଅବଶୋଷଣ କରିଥାଏ। ଫଳରେ କିଡ୍ନୀ ଉପରେ ଅଧିକ ଚାପ ପଡି ନଥାଏ।

**ପାଚନ ତନ୍ତ୍ର ଧୀମା ହୋଇଚାଲେ:** ଠିଆ ହୋଇ ପାଣି ପିଇବା ଦ୍ୱାରା ଖାଦ୍ୟ ହଜମ ହେବା ପ୍ରକ୍ରିୟା ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଫଳରେ ହଜମ ପ୍ରକ୍ରିୟା ଧୀମା ହୋଇପଡେ। ତା' ସହିତ ଗ୍ୟାସ କିମ୍ବା ବଦ୍‌ହଜମୀ ସମସ୍ୟା ଉପୁଜିପାରେ।

**ମାଂସପେଶୀ ଓ ଗଣ୍ଠି ଉପରେ କୁପ୍ରଭାବ:** ଠିଆ ହୋଇ ପାଣି ପିଇବା ଦ୍ୱାରା ସ୍ନାୟୁ ଉପରେ କୁପ୍ରଭାବ ପଡିଥାଏ। ଫଳରେ ଶରୀରରେ ବିଷାକ୍ତ ପଦାର୍ଥର ମାତ୍ରା ବଢିଚାଲେ, ଯାହାର ପ୍ରଭାବ ଅଣ୍ଟା, ମେରୁଦଣ୍ଡ ହାଡ଼ ଯନ୍ତ୍ରଣା ଓ ଗଣ୍ଠି ଧରିବା ପରି ସମସ୍ୟା ସୃଷ୍ଟି କରିଥାଏ।

**ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚେ:** ଠିଆ ହୋଇ ପାଣି ପିଇବା ଦ୍ୱାରା କେବଳ ପାଚନ କ୍ରିୟା ନୁହେଁ, ବରଂ ଫୁସ୍‌ଫୁସ୍‌କୁ ମଧ କ୍ଷତି ପହଞ୍ଚିଥାଏ। ଏହାଦ୍ୱାରା ଜରୁରି ପୋଷକ ତତ୍ତ୍ୱ ଏବଂ ଭିଟାମିନ୍ସ ଲିଭର୍ ଓ ପାଚନ ତନ୍ତ୍ର ପର୍ଯ୍ୟନ୍ତ ପହଞ୍ଚିପାରି ନଥାଏ। ଫଳରେ ହୃଦୟ ଓ ଫୁସ୍‌ଫୁସ୍‌ର ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚିଥାଏ। ଏହା ସହିତ ଅମ୍ଳଜାନ ସ୍ତର ଉପରେ ମଧ ଖରାପ ପ୍ରଭାବ ପକାଇଥାଏ।

**ପାଣି ପିଇବାର ଉପଯୁକ୍ତ ଶୈଳୀ:** ପାଣି ପିଇବା ସମୟରେ ବସିବା ସହ ପିଠିକୁ ସିଧା ରଖିବା ଜରୁରି। ଏପରି କରିବା ଦ୍ୱାରା ପୋଷକ ତତ୍ତ୍ୱ ମସ୍ତିଷ୍କ ଯାଏ ପହଞ୍ଚିଥାଏ। ଫଳରେ ମସ୍ତିଷ୍କ ଠିକ୍ ଭାବେ କାମ କରିଥାଏ। କେବଳ ସେତିକି ନୁହେଁ, ପାଚନ ତନ୍ତ୍ର ମଧ ଠିକ୍ ଭାବେ କାମ କରିବା ସହ ବ୍ଲୋଟିଂ ସମସ୍ୟା ଦୂର ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ଦିନକୁ ୭/୮ ଗ୍ଲାସ୍ ପାଣି ପିଇବା ଆବଶ୍ୟକ।

## ବାଲି ଉତ୍ତୋଳନକାରୀଙ୍କ କ୍ୟାମ୍ପରେ ନିଆଁ ଲଗାଇ ଜେସିବି ଓ ଟ୍ରାକ୍ଟରକୁ ଅଟକ ରଖିଲେ ଗ୍ରାମବାସୀ



**ବାଲିଆପାଳ,୧୬।୧(ସଂଚାର ବ୍ୟୁରୋ):** ଗ୍ରାମ ନିକଟରେ ନଦୀରୁ ବାଲି ଉତ୍ତୋଳନକୁ ବିରୋଧ କରି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ତହସିଲ ଅଧୀନସ୍ଥ ଚଡ଼ ପାଳପଡ଼ା ଗ୍ରାମର ବାସିନ୍ଦାମାନେ ଉଗ୍ର ବିକ୍ଷୋଭ କରିଛନ୍ତି। ଗୋଟିଏ ଜେସିବି ଯନ୍ତ୍ର ଏବଂ ଚାରୋଟି ବାଲି ବୋଝେଇ ଟ୍ରାକ୍ଟରକୁ ଗାଁ ମଝିରେ ଅଟକାଇ ରଖିବା ସହ ବାଲି ଘାଟରେ ଥିବା କ୍ୟାମ୍ପରେ ନିଆଁ ଲଗାଇଦେଇଛନ୍ତି। ଘଟଣାର ବିବରଣୀ ଅନୁସାରେ, ସୁବର୍ଣ୍ଣରେଖା ନଦୀରେ ଚଡ଼ ପାଳପଡ଼ା ଅଞ୍ଚଳର ବାଲି ଘାଟକୁ ସରକାରୀ ଭାବେ ନିଲାମ ଦିଆଯାଇଥିଲା। ଲିଜ୍ ଧାରୀ ଏକ ଗ୍ରୁପ୍ କୁ ସନ୍ଧ୍ୟାରେ ଗାଁ ପାଖରେ ଯନ୍ତ୍ର ଲଗାଇ ରାସ୍ତା କରୁଥିବା ବେଳେ ବାଲି ଉତ୍ତୋଳନ ଆରମ୍ଭ କଲେ। ଗ୍ରାମବାସୀଙ୍କ ମତରେ, ଏହାଦ୍ୱାରା ଗାଁ ପ୍ରତି ବିପଦ ସୃଷ୍ଟି ହେବ। ଏହି ଦାବି ଉପରେ ରୋଷ ହୋଇ ଗ୍ରାମବାସୀମାନେ ଯନ୍ତ୍ର ଓ ଟ୍ରାକ୍ଟରଗୁଡ଼ିକୁ ଅଟକାଇ ଦେଇଛନ୍ତି।ଏଥିସହ ସେମାନେ ବାଲି ଘାଟରେ ଥିବା କ୍ୟାମ୍ପକୁ ପୋଡ଼ି ଦେଇଛନ୍ତି ସେଠାରୁ ଲାପଟପ୍ କମ୍ପ୍ୟୁଟର ଓ ଅନ୍ୟାନ୍ୟ କାଗଜପତ୍ର ନେଇ ଯାଇଛନ୍ତି।। ଖବର ପାଇବା ପରେ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଅଧିକାରୀମାନେ ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ନିୟନ୍ତ୍ରଣରେ ଲାଗି ପଡ଼ିଛନ୍ତି ଏବଂ ଆଗକୁ କୌଣସି ଉପଦ୍ରବ ନ ହେବା ଦିଗରେ ନଜର ରଖିଛନ୍ତି।

## ରାଜ୍ୟ ସାମ୍ବାଦିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ




**ବାଲିକୁଦା ୧୬।୧ (ସଂଚାର ବ୍ୟୁରୋ):** ରାଜ୍ୟ ସାମ୍ବାଦିକ ସଂଘ ଓଡିଶା, ଜଗତସିଂହପୁର ଜ଼ିଲ୍ଲା ଶାଖା ପକ୍ଷରୁ ରଘୁନାଥପୁର ସ୍ଥିତ ଧର୍ତ୍ତଗଂଡ଼ ଠାରେ ଏସ ୟୁ ଜେ ର ସାଙ୍ଗଠନିକ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜ଼ିଲ୍ଲା ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱ ରେ ଜ଼ିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ଜଗତସିଂହପୁର ଜ଼ିଲ୍ଲା ରେ ଏସ ୟୁ ଜେ ସଂଗଠନ ର ଅଭିବୃଦ୍ଧି ନିମନ୍ତେ ପ୍ରତିମାସ ରେ ସମସ୍ତ ବ୍ଲକ କମିଟି ର ସଭାପତି, ସମ୍ପାଦକମାନେ ସାଙ୍ଗଠନିକ ବୈଠକ ର ଆୟୋଜନ କରିବା ସହିତ ବିଭିନ୍ନ ବ୍ଲକ ରେ ଉପୁଜୁଥିବା ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ। ଜ଼ିଲ୍ଲା ଶାଖା କମିଟିକୁ ଖୁବ ଶୀଘ୍ର ପଞ୍ଜିକରଣ କରାଯାଇ ସଭ୍ୟ ସଂଖ୍ୟା ବୃଦ୍ଧି କରାଯିବ। ଆସନ୍ତା ମାର୍ଚ୍ଚ ମାସରେ ଜ଼ିଲ୍ଲା ସଦର ମହକୁମାରେ ଏସ ୟୁ ଜେ ର କାର୍ଯ୍ୟାଳୟ ଉଦଘାଟନ କରାଯିବା ସହିତ ସଂଗଠନ ର ବରିଷ୍ଠ ସଦସ୍ୟ ମାନଙ୍କୁ ନେଇ କଲ୍ୟାଣ ପାଣ୍ଠି ଗଠନ କରାଯିବାକୁ ବୈଠକ ରେ ସ୍ଥିର କରାଗଲା। ଚଳିତ ବର୍ଷ ରେ ଏସ ୟୁ ଜେ କୁ ଜ଼ିଲ୍ଲା ରେ ଏକ ବୃହତ ସଂଗଠନ ଭାବେ ଗଢି ତୋଳିବାକୁ ଜ଼ିଲ୍ଲା କାର୍ଯ୍ୟକାରୀ ସଭାପତି ତପନ ରାଉତରାୟ ଏବଂ ଜ଼ିଲ୍ଲା ସଂଗଠନ ସମ୍ପାଦକ ଜମେଶ ଚନ୍ଦ୍ର ଗଛାୟତ ଉପସ୍ଥିତ ସଭ୍ୟମାନେ ଉଦ୍ୟମ ଜାରିରଖିବେ ବୋଲି ଶପଥ ନେଇଥିଲେ।

## ମକର ସଂକ୍ରାନ୍ତି ଉପଲକ୍ଷେ ମା' ବଡ଼କାଳିଆ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଉତ୍ସବ



**ନୀଳଗିରି,୧୬।୧(ସଂଚାର ବ୍ୟୁରୋ):** ମକର ସଂକ୍ରାନ୍ତି ଉପଲକ୍ଷେ ନୀଳଗିରି ବ୍ଲକ ମହିଷାପଟ୍ଟା ପଂଚାୟତ ସଠିଲୋ ବଲବଲିଆ ଗ୍ରାମରେ ରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମା ବଡକାଳିଆ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଉତ୍ସବ ଧୁମ ଧାମ ରେ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ସକାଳ ୯ ଘଟିକା ସମୟରେ ମାଙ୍କ ପିଠ ସ୍ଥଳୀଙ୍କୁ ସଫା ସୁତୁରା କରି ମାଙ୍କୁ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ ପରେ ପୁଷ୍ପ, ସିନ୍ଦୁର, ଧୂପ, ଦୀପ, ନୈବେଦ୍ୟ, ଚନ୍ଦନ ଦେଇ ମାଙ୍କୁ ସୁସଜ୍ଜିତ କରି ପାରମ୍ପରିକ ରୀତି ନୀତିରେ ଘଣ୍ଟ, କୀର୍ତ୍ତନ, ମନ୍ତ୍ର, ବେଦ ପାଠ କରି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଘାଘରା ନଈ ରୁ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ମହିଳା, ପୁରୁଷ ଜଳାଭିଷେକ କରି ମା ବଡ଼କାଳିଆ ଠାକୁରାଣୀ ଙ୍କ ପୀଠ ସ୍ଥଳୀରେ ପହଞ୍ଚିବା ପରେ ସେଠାରେ ମାଙ୍କୁ ଆବାହନ କରାଯାଇଥିଲା। ପ୍ରଥା ଓ ପରମ୍ପରା ଅନୁସାରେ ମକର ସଂକ୍ରାନ୍ତି ରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମାଙ୍କ ଠାରେ ଚାରି ପ୍ରହର ପୂଜା କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗ୍ରାମବାସୀ ଏକାଠି ହୋଇ ଉକ୍ତ କାର୍ଯ୍ୟକ୍ରଣ କୁ ମନଭରୀ ଉପଭୋଗ କରିଥିବା ବେଳେ ଏକ ଭାଇଚାରା ର ବାତାବରଣ ସୃଷ୍ଟି ହୋଇଥିଲା। ତିନି ଦିନ ବ୍ୟାପି କାର୍ଯ୍ୟକ୍ରମ ରେ ଗାଁ ର ଝିଅ ଜ୍ୱାଇଁ ମାନେ ଆସିଥାନ୍ତି ଏବଂ ସମସ୍ତ ଙ୍କ ଘରେ ପିଠା ପଣାର ଆସର ଜମିଥାଏ। ଏହି ଅବସରରେ ପଞ୍ଚାୟତ ର ବିଭିନ୍ନ ଗାଁ ରୁ ଶ୍ରଦ୍ଧାଳୁ ମାଙ୍କୁ ଦର୍ଶନ ପାଇଁ ଆସିଥାନ୍ତି। ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବି ଗଙ୍ଗାଧର ମିଶ୍ର, ମଦନ ମୋହନ ମାଝୀ, ଶରତ ନାୟକ, ହରିହର ଗିରି, ପୂଜା କମିଟିର ସଭାପତି କରୁଣାକର ଗିରି, ସମ୍ପାଦକ ଅନନ୍ତ ସାମଲ, ସଦସ୍ୟ ସନ୍ତୋଷ କୁମାର ନାୟକ, ରତ୍ନାକର ଗିରି, ବିରଞ୍ଚି ଗିରି, ରମାକାନ୍ତ ଗିରି, ଜ୍ୟୋତିକାନ୍ତ ରଣସିଂ, ପ୍ରଭାକର ପୁହାଣ, ମାୟାଧର ନାୟକ, ପଦ୍ମଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଙ୍କ ସହଯୋଗରେ ଅପରାଧ ନିୟନ୍ତ୍ରଣ ସହଜ

- ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଲାଇଫ ଜ୍ୟାକେଟ ବଣ୍ଟନ
- ସାମୁଦ୍ରିକ ଥାନାରେ କମ୍ୟୁନିଟି ପୁଲିସିଂ




**କାକଟପୁର/ଅସ୍ତରଙ୍ଗ,୧୬।୧ (ସଂଚାର ବ୍ୟୁରୋ):** ସାମୁଦ୍ରିକ ପଥ ଦେଇ ତଟବର୍ତ୍ତୀ ଅଂଚଳରେ ଅନୁପ୍ରବେଶ ଉପରେ ନିୟନ୍ତ୍ରଣ ବାହ୍ୟଶକ୍ତିକୁ ପ୍ରତିହତ କରିବା ସହିତ ବେଆଇନି କାର୍ଯ୍ୟକଳାପ ଓ ନିଶାଜାତ ଦ୍ରବ୍ୟ ଚାଲାଣ ଆଦି ରୋକିବା ଉପରେ ତଟରକ୍ଷୀ ପୁଲିସ ବାହିନୀ ଏବେ ଗୁରୁତ୍ୱ ଦେଇଛି। ଶୁକ୍ରବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ପରିସରରେ ସ୍ଥାନୀୟ ଅଂଚଳର ମତ୍ସ୍ୟଜୀବି, ସାଧାରଣ ଜନତା ଓ ପୋଲିସ ମଧ୍ୟରେ ପରସ୍ପର ସୁସମ୍ପର୍କ ସହ କିପରି ଅଧିକ ନିକଟତର ହୋଇ ଜନ ସାଧାରଣ ଙ୍କ ବିଶ୍ୱାସ ଭାଜନ ହେବ ତାହା ଏହି ଅଭିଯାନର ମୁଖ୍ୟ ଉଦେଶ୍ୟ ବୋଲି ମୁଖ୍ୟଅତିଥି ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ମତ ଦେଇଛନ୍ତି। ଏଥିଲାଗି ତୃଣମୂଳ ସ୍ତରରୁ ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ସାମୁଦ୍ରିକ ଥାନା ତଟବର୍ତ୍ତୀ ଅଂଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଛି। ନୂଆଗଡ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ମୁଖ୍ୟ ବକ୍ତା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ସଂମ୍ମାନିତ ଅତିଥି ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବି ସଙ୍ଘ ସଭାପତି ପ୍ରସନ୍ନ ବେହେରା, ନୂଆଗଡ ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ଝାଡ଼ଲିଙ୍ଗ ସମିତି ସଭ୍ୟ ଶିବ ପ୍ରସାଦ ପରିଡା,ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା କାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସମୁଦ୍ର ତଟବର୍ତ୍ତୀ ଅଂଚଳରେ ଅଜଣା ଲୋକଙ୍କ ଆଶ୍ରୟ ନ ଦେବା, କାହାର ଗତିବିଧି ଉପରେ ସନ୍ଦେହ ଆସିଲେ ସାମୁଦ୍ରିକ ଥାନା ପୁଲିସ କୁ ଜଣାଇବା, ମାଛ ଧରିବାକୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବି ଦୀର୍ଘ ଦିନ ଧରି ନ ଫେରିଲେ ପୁଲିସ କୁ ଜଣାଇବାକୁ ଲୋକଙ୍କୁ କୁହାଯାଇଛି। ସମୁଦ୍ର ପଥରେ ରାଜ୍ୟକୁ ଆସୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ଙ୍କ ନିୟନ୍ତ୍ରଣ କରିବାକୁ ଏହା ସହାୟକ ହେଉଛି। କମ୍ୟୁନିଟି ପୁଲିସିଂ ହେଉଛି ସାଧାରଣ ଜନତା ଓ ପୁଲିସଙ୍କ ମଧ୍ୟରେ ଏକ ବିଶ୍ୱାସର ସେତୁ। ଏହାଦ୍ୱାରା ତଟବର୍ତ୍ତୀ ଅଂଚଳରେ ପୁଲିସ ଲୋକଙ୍କ ବିଶ୍ୱାସ ଭାଜନ ହେବା ସହ ଧନ ଜୀବନ ସୁରକ୍ଷାରେ ସହାୟକ ହୋଇପାରିବ ବୋଲି ପୋଲିସ ଆଶା ବ୍ୟକ୍ତ କରିଛନ୍ତି।

## କୃଷି ଯନ୍ତ୍ରପାତି ମେଳାର ଶୁଭାରମ୍ଭ

**ଜୟପୁର,୧୬।୧(ସଂଚାର ବ୍ୟୁରୋ):** ଜୟପୁର ଦଶହରା ପଡ଼ିଆରେ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଶୁଭାରମ୍ଭ ହୋଇଛି। ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ରଘୁ ରାମ ମାଛ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ବ୍ଲକ ଅଧ୍ୟକ୍ଷ ତିଳୋତମା ମୁଦୁଲି, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ଶ୍ରଦ୍ଧା ପଟ୍ଟନାୟକ, ରଶ୍ମି ରଥ, ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ଦଳ ବେହେରା, କୃଷି ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, କୃଷି ଜିଲା ଅଧିକାରୀ ହେମନ୍ତ କୁମାର ପାଣିଗ୍ରାହୀ, ଲଲାଟେନ୍ଦୁ ମହାପାତ୍ର ଯୋଗ ଦେଇଥିଲେ। ଏଠାରେ ୪ ଜଣ ଚାଷିଙ୍କୁ ସମ୍ମାନିତ କରାଯାଇଛି। ମୃତିକା ସଂରକ୍ଷଣ ଉପରେ ବୋରିଗୁମ୍ମା ବ୍ଲକ କାମରା ଗ୍ରାମର ଶୁକ୍ରୁ ଗାଦବା, ପ୍ରାଣୀ ସମ୍ପଦ ବିଭାଗରେ ବୋରିଗୁମ୍ମା ବ୍ଲକ କାମତା ଗ୍ରାମର ଜଗଦୀଶ ଚନ୍ଦ୍ର ମଣ୍ଡଳ, କୃଷି ବିଭାଗରେ ବାଣ୍ଡୁଗୁଡା ଗ୍ରାମର ରତ୍ନାକର ଗାଦବା ଓ ଜୟପୁର ବ୍ଲକ ଛତିଲା ଗ୍ରାମର ମନଧର ପେଣ୍ଟିଆଙ୍କୁ ସମ୍ମାନିତ କରାଯାଇଛି। ଏଠାରେ ଜୟପୁର ଉପଖଣ୍ଡର ବୋରିଗୁମ୍ମା, କୋଟପାଡ, ଜୟପୁର, କୁନ୍ଦୁରା, ବୈପାରିଗୁଡା ବ୍ଲକର ଚାଷି ମାନେ ଉପସ୍ଥିତ ଥିଲେ। ଏହି ମେଳା ଆଜି ଠାରୁ ୩ ଦିନ ଧରି ଚାଲିବାକୁ ଥିବାବେଳେ ଆଜି ଉଦଘାଟନ ହୋଇଛି। ୩୫୦ରୁ ଉର୍ଦ୍ଧ୍ୱ ଚାଷି ଯୋଗ ଦେଇଥିଲେ। ଏହି ଅବସରରେ ୨୦ଟି ଷ୍ଟଲ କରାଯାଇଥିଲା। ସେଥି ମଧ୍ୟରୁ ୧୩ଟି ଷ୍ଟଲରେ ଆଧୁନିକ କୃଷି ଯାନ୍ତ୍ରୀକୀକରଣ ପ୍ରଦର୍ଶିତ ହୋଇଥିଲା। ଏଠାରେ ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ, ଇଫକୋ ଭାଇ ନେଇଥିଲେ। ୫ ଗୋଟି ଚାଷି ଉତ୍ପାଦକ ସଂସ୍ଥାକୁ ସଂସ୍ଥା ପ୍ରତି ୫ ଲକ୍ଷ ଟଙ୍କାର ଯନ୍ତ୍ରପାତି ଉପକରଣ ପ୍ରଦାନ କରାଯାଇଥିଲା। ୩ ଦିନ ଏଠାରେ ଚାଷି ମାନଙ୍କୁ ତାଲିମ ପ୍ରଦାନ କରାଯିବ।

## ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

**ନୂଆପଡ଼ା,୧୬।୧(ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲା ସଦର ମହକୁମାରେ ଥିବା ସଦଭାବନା ସଭା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାବଳୀର ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରୋଫାଇଲ ଅପଡେଟେସନ, ବ୍ଲକ ଭିତ୍ତିକ ଆର୍ôଥକ ସମାବେସନ, ବ୍ୟକ୍ତିଗତ ଉଦ୍ୟୋଗ ଫର୍ମ ସ୍ଥିତି, ବ୍ୟାଙ୍କ ଲିଙ୍କେଜ ସ୍ଥିତି ଏବଂ ପ୍ରବାସୀ ଶ୍ରମିକଙ୍କ ପ୍ରତ୍ୟାବର୍ତ୍ତନ ସ୍ଥିତିର ସମୀକ୍ଷା କରାଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ବିଡିଓ ପ୍ରତି ପନ୍ଦର ଦିନରେ ଗୋଟିଏ ଥର ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମର ସମୀକ୍ଷା କରିବେ ଏବଂ ମାସ ଶେଷରେ ଆଭାସି ବୈଠକ କରିବେ। ସମୀକ୍ଷା ସଭାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ସଫଳତା କାହାଣୀ ପ୍ରଦର୍ଶନ କରାଯାଇଥିଲା। ଯୋଉଥିରେ କୁକୁଡ଼ା ଚାଷ, ଛତୁ ଚାଷ, ଦୁଗ୍ଧ କ୍ଷୁଦ୍ର, ଟେରାକୋଟା ସାମଗ୍ରୀ ନିର୍ମାଣ ଏବଂ ଡାଲି ୟୁନିଟ ସ୍ଥାପନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା।ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏଲଡିଏମ ହରିଶଙ୍କର ନିଆଲ, ଆର୍ ସେଟି ଡାଇରେକ୍ଟର ଜଗନ୍ନାଥ ସାହୁ, ପୂର୍ବତନ ଏଲଡିଏମ ସୀତାରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଡିପିଏମ ସୁନିଲ କୁମାର ମଲ୍ଲିକ ସମୀକ୍ଷା ସଭାର ପରିଚାଳନା କରିଥିଲେ।

## ରାଇଘର କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




**ନବରଙ୍ଗପୁର/ରାଇଘର,୧୬।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ତପନ କଲ୍ୟାଣ ମଣ୍ଡପ ଠାରେ ଆଜି କଂଗ୍ରେସର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ପୂର୍ବତନ ଜିଲ୍ଲାସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଉମରକୋଟ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥି ସନରାଜ ଗଣ୍ଡ ସହ ବ୍ଲକ କଂଗ୍ରେସ କମିଟି ଉପସ୍ଥିତ ଥିଲେ। କଂଗ୍ରେସ ଅଭିଯୋଗ କରିଛି ଯେ ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକ ଠାରେ ଶିଶୁ ବିକାଶ ପ୍ରକଳ୍ପ (ସିଡ଼ିପିଓ) କାର୍ଯ୍ୟାଳୟ ଅଧୀନରେ ଛତୁଆ ବଣ୍ଟନ ନିମନ୍ତେ ଗୋଟିଏ ସ୍ୱଂୟ ସହାୟକ ଗୋଷ୍ଠୀ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରିଛନ୍ତି। ମୋଟ ୩୧୩ ଅଙ୍ଗନବାଡି କେନ୍ଦ୍ରକୁ ଗୋଟିଏ ମାତ୍ର ସ୍ୱଂୟ ସହାୟକ ଗୋଷ୍ଠୀ ବଣ୍ଟନ କରୁଛନ୍ତି। ଗର୍ଭବତୀ, ପ୍ରସୂତି ଓ ଅପପୃଷ୍ଟିର ଶିକାର ହୋଇଥିବା ମହିଳା ଏବଂ ଶିଶୁ ମାନଙ୍କ ପାଇଁ ସରକାର ଛତୁଆ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ କ୍ରମାଗତ ବଣ୍ଟନ ବ୍ୟବସ୍ଥା ଓ ନିମ୍ନ ମାନର ସାମଗ୍ରୀ ସମସ୍ୟାକୁ ନେଇ ମହିଳା ସଂଗଠନ, ଲୋକ ପ୍ରତିନିଧିଗଣ ଅଭିଯୋଗ କରି ଆସୁଥିବା ଆଜି ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉ ନାହିଁ ଫଳରେ ଜାତୀୟ କଂଗ୍ରେସ ଏହାକୁ ଗୁରୁତ୍ୱ ଦେଇ ଆନ୍ଦୋଳନ ଜୋରଦାର କରିବ ବୋଲି କଂଗ୍ରେସ ଲମ୍ବା ଅଭିଯୋଗ କରିଛି। ଗୋଟିଏ ସଂସ୍ଥା ବିନା ଟେଣ୍ଡର ଦ୍ୱାରା ଆଜି ପର୍ଯ୍ୟନ୍ତ ନିମ୍ନ ମାନର ସାମଗ୍ରୀ ବଣ୍ଟନ କରୁଛି।

## ବାଲ୍ୟ ବିବାହ ମୁକ୍ତ ଯୋଜନା ସଚେତନତା କାର୍ଯ୍ୟକ୍ରମ



**ଭଞ୍ଜନଗର,୧୬।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ସିଡ଼ିପିଓ କାର୍ଯ୍ୟାଳୟ ଏବଂ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ଓ ୨ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ବାଲ୍ୟ ବିବାହ ଏବଂ ମହିଳା ଓ ଶିଶୁ ନିର୍ଯାତନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭଞ୍ଜନଗର ସିଡିପିଓ ମିଲୀମା କୁମାରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଉପରେ କହିଥିଲେ। ଗତ ନଭେମ୍ବର ମାସ ୨୭ରୁ ଏହି ସଚେତନତା କାର୍ଯ୍ୟକ୍ରମ ସମଗ୍ର ଦେଶରେ ଚାଲିଛି। ଏହା ଆସନ୍ତା ମାର୍ଚ୍ଚ ମାସ ୮ ତାରିଖ ବିଶ୍ୱ ମହିଳା ଦିବସ ପର୍ଯ୍ୟନ୍ତ ୧୦୦ ଦିନ ଧରି ଚାଲିବ। ବାଲ୍ୟ ବିବାହ ରୋକିବା ଲକ୍ଷ୍ୟ ନେଇ ସମସ୍ତ କିଶୋର କିଶୋରୀମାନଙ୍କୁ ଏନେଇ ସଚେତନତା କରାଯାଉଛି । ମାର୍ଚ୍ଚ ୮ ତାରିଖ ସୁଦ୍ଧା ଦେଶରୁ ବାଲ୍ୟ ବିବାହ ମୁକ୍ତ କରିବା ଯୋଜନା ଲକ୍ଷ୍ୟ ରଖାଯାଇଛି। ଏହାକୁ ଆଖି ଆଗରେ ରଖି ଯୋଜନା ହାତକୁ ନିଆଯାଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ସଚେତନତା କାର୍ଯ୍ୟକ୍ରମ ଚାଲିଛି ବୋଲି ସିଡିପିଓ ପଣ୍ଡା କହିଥିଲେ। ଏହି ଅବସରରେ ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ନିକଟରେ ଖୋଲିଥିବା ସଖି କେନ୍ଦ୍ରର ପରାମର୍ଶଦାତା ପ୍ରତିଭା ରାଣୀ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସଖି କେନ୍ଦ୍ର ମହିଳାମାନଙ୍କ ପାଇଁ କିଭଳି କାମରେ ଆସୁଛି ସେନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅନେକ ମହିଳା ଓ ଶିଶୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଛନ୍ତି। କିନ୍ତୁ ବେଳେବେଳେ ସେମାନଙ୍କୁ ଆଇନର ସହାୟତା ପାଇଁ ଉପଯୁକ୍ତ ପରାମର୍ଶ ଓ ଥଇଥାନ ସୁବିଧା ମିଳିନଥାଏ। ଫଳରେ ସେମାନେ ଉକ୍ତ ସମୟରେ ମାନସିକ ଅସ୍ଥିରତା ମଧ୍ୟରେ ଥାଆନ୍ତି। ସମସ୍ତ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ପାଇଁ ଉକ୍ତ କେନ୍ଦ୍ର ଖୋଲିଛି।

## ରୁଷିଆ କଲୋନୀ ଘରଭଙ୍ଗାକୁ ବିରୋଧ

**ଜୟପୁର,୧୬।୧(ସଂଚାର ବ୍ୟୁରୋ):** ଜୟପୁର ସହରର ଉପକଣ୍ଠରେ ଥିବା ରୁଷିଆ କଲୋନୀରେ ୧୦ଟି ଘର ଭଙ୍ଗାଯାଇଥିବା କୁ ବିରୋଧ କରିଛି ପରଜା ସମାଜ। ପରଜା ସମାଜର ସଭାପତି ବାସୁ ନାୟକ କହିଛନ୍ତି ପ୍ରଶାସନ ନୋଟିସ ନକରି ଶୀତକାକରରେ ଘର ନଥିବା ଲୋକେ କିପରି ଚଳିବେ ଏବ? କେଉଁଠି ରହିବେ ବୋଲି ପ୍ରଶ୍ନ କରିଛନ୍ତି। ପରଜା ସମାଜ କର୍ମକର୍ତ୍ତା ମାନେ ରୁଷିଆ କଲୋନୀକୁ ଯାଇ ସେଠାରେ ବାସହିନ ଲୋକଙ୍କ ସହ ମିଶି ସେମାନଙ୍କ ଭଲ ମନ୍ଦ ବୁଝିଥିଲେ। ଦୀର୍ଘବର୍ଷ ଧରି ଏଠାରେ ଗରିବ ପରିବାର ରହୁଥିଲେ। ସମସ୍ତେ ଦିନ ମଜୁରିଆ। ସରକାରୀ ଜାଗା ଭାବି ଘର ନିର୍ମାଣ କରିଥିଲେ।

## ଏଣିକି ନିଜ ଲଢ଼େଇ ଲଢିବେ ଝିଅ




**କେସିଙ୍ଗା,୧୬।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେସିଙ୍ଗା ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ୯ ତାରିଖରୁ ୧୬ ତାରିଖ ଦୀର୍ଘ ୮ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଥିବାବେଳେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିବା ଉକ୍ତ ଉଦ୍‌ଯାପନୀ ଉତ୍ସବରେ ଅନେକ ଛାତ୍ରୀ, ଅଧାପକ, ଅଧାପିକା ଉପସ୍ଥିତ ଥିବାବେଳେ ଅଧକ୍ଷ ପାଢ଼ୀ ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ମୁକାବିଲା କରିବା, ତାଲିମ ନେଇଥିବା କୌଶଳର ଅପବ୍ୟବହାର ନ କରିବା ଭଳି ଉପଦେଶାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ । ଉକ୍ତ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିରର ଭାରପ୍ରାପ୍ତ ସଂଯୋଜିକା ଅଧାପିକା ଗୀତାଞ୍ଜଳି ଦୋରା ଦାୟିତ୍ୱ ତୁଲାଇଥିବାବେଳେ, ମାଷ୍ଟର ଟ୍ରେନର ତପସ୍ୱିନୀ ମାଝୀ ଓ ନେପୁରା ମାଝୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତକାର୍ଯ୍ୟକ୍ରମରେ ପ୍ରାଧାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଶ୍ୱିନୀ ପାଇକରାୟ ଉପସ୍ଥିତ ଥିବାବେଳେ, ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ଦୁର୍ଗାପୁରରେ 'ଭାବନୈବେଦ୍ୟ' ସାଂସ୍କୃତିକ କାର୍ଯ୍ୟକ୍ରମ



**ନୀଳଗିରି,୧୬।୧ (ସଂଚାର ବ୍ୟୁରୋ):** ନୀଳଗିରି ଆଞ୍ଚଳିକ ଚେତନା ପରିଷଦର ଆନୁକୂଲ୍ୟ ରେ 'ଭାବ ନୈବେଦ୍ୟ '୨୦୨୬, ଶ୍ରୀଜଗନ୍ନାଥ ଙ୍କ ୩୨ ବେଶ, ଦଶାବତାର, ବିଶ୍ୱ ଶାନ୍ତି ମହାଯଜ୍ଞ, ବାଣିଜ୍ୟ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ଭାବଗମ୍ଭୀର ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତନୁ ଦାସ ସଭାପତିତ୍ୱ କରିଥିବା ବେଳେ ଗଙ୍ଗାଧର ବିଶ୍ୱାଳ, ସୁଭାଶିଷ ଆଚାର୍ଯ୍ୟ, ଗୋପଲକ୍ଷ୍ମୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ଙ୍କ ନେତୃତ୍ୱରେ ୫ଶହ ରୁ ଅଧିକ ମହିଳା ମାନେ ନଗର ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟାରେ ବରିଷ୍ଠ ଆଇନଜୀବି ହରେକୃଷ୍ଣ ଦାସ, ପୂର୍ବତନ ଏବିଓ ବିକର୍ତ୍ତନ ନାୟକ, ପଣ୍ଡିତ ମନ୍ମଥ ବିଶ୍ୱାଳ ସମ୍ବର୍ଦ୍ଧିତ ପ୍ରତିଭା ଓ ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ଓ ବେଶ ଉପରେ ଆଲୋକପାତ କରିଥିଲେ।

## ମା' ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ

**ଲାଞ୍ଜିଗଡ଼,୧୬।୧(ସଂଚାର ବ୍ୟୁର):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରବନ୍ଧ ପଞ୍ଚାୟତ ସ୍ଥିତ ବକଟପୁର ମାଁ ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବର୍ଷ ମାଁ ହିରାନୀଳାଙ୍କ ଝାମୁଯାତ୍ରାକୁ ସୁପରିଚଳନା କରିବା ପାଇଁ ଏକ କମିଟି ଗଠିତ କରାଯାଇଥିଲା। ଏଥିରେ ସର୍ବ ସମ୍ମତିକ୍ରମେ ରମେଶ ଚନ୍ଦ୍ର ସାହୁଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଭବାନୀ ଶଙ୍କର ବାଣୁଆ,ଉପସଭାପତି କର୍ଣ୍ଣ ମାଝୀ, ପବିତ୍ର ବିଭାର,ସାଧାରଣ ସମ୍ପାଦକ ବିକ୍ରମାଦିତ୍ୟ ବାରିକ,ସହ ସମ୍ପାଦକ ସଂକୀର୍ତ୍ତନ ବେହେରା,କୋଷାଧକ୍ଷ ସୁଧାଂଶୁ ଶେଖର ବାରିକ,ସହ କୋଷାଧକ୍ଷ ମୁକେଶ ବେହେରା, ପରାମର୍ଶଦାତା ସନାତନ ବିଶି, କୁଳମଣି ବାଣୁଆ, ଆବାହକ ପିତାମ୍ବର ବିଶି, ଯାତ୍ରା ପରିଚାଳନାରେ ଶଙ୍କର ପ୍ରଧାନୀ, ଦେବାନନ୍ଦ ସାହୁ,ଭଗବାନ ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ପରିଭ୍ରମଣ



**ବୋରିଗୁମ୍ମା,୧୬।୧(ସଂଚାର ବ୍ୟୁର):** ଗୋଷ୍ଠୀ ସମ୍ବଳ ଶିକ୍ଷକ ଜଗଦୀଶ ମେହେର ଏବଂ କୁମାରୀ ନନ୍ଦିନୀ ବଡ଼ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଆବଶ୍ୟକ ଥିବା ୫୦ ଜଣ ଛାତ୍ର, ଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଅନ୍ତର୍ନିବେଶୀ ଶିକ୍ଷା ତରଫରୁ ବ୍ଲକ୍ ର ଗୋଟିଏ କ୍ଲଷ୍ଟର ରୁ ପାପଡାହାଣ୍ଡି ମୃଗ ବିହାର ଏବଂ ଆଶା କିରଣ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ କୁ ପରିଦର୍ଶନ କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ମାଝୀ ପତାକା ଦେଖାଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ର ସହ- ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ପଣ୍ଡା, ଏନ୍.କାମେଶ୍ୱର ରାଓ, ମୁନୁ ସାହୁ,ଶିବ ଗାଦବା, ରାଜେନ୍ଦ୍ର ଶିରା, ସୁତମ ବିଷୋୟୀ, ପଦମ ଭତରା, ଜୟକୃଷ୍ଣ ତ୍ରିପାଠୀ, ପବିତ୍ର ଭୋଇ, ରମାକାନ୍ତ ବେହେରା, ହରି ଅମନତ, ଆଲୋକ ନାଗ, ପ୍ରଫୁଲ୍ଲ ନାୟକ, ତୃପ୍ତି ରଥ, ରୁଚି ସାହୁ, ରାଜେନ୍ଦ୍ର ଶିରା, ଗାୟତ୍ରୀ ଗୁମାନ ସିଂ, ରୁକ୍ମିଣୀ ଝଙ୍କାର, ରୁକ୍ମିଣୀ ନାୟକ, ଭାରତୀ ପ୍ରଧାନ, ମୀନତି ରାଣୀ ତ୍ରିପାଠୀ, ତ୍ରିନାଥ ମୁଦୁଲି, ସୁଷମା ରାୟ, ସସ୍ମିତା ସିଂ ପ୍ରମୁଖ ଯୋଗଦାନ କରିଥିଲେ।

## ଆଳିପିଙ୍ଗଳ ଧାନ ମଣ୍ଡି ଉଦ୍‌ଘାଟିତ

**ଜଗତସିଂହପୁର,୧୬।୧(ସଂଚାର ବ୍ୟୁର):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଆଳିପିଙ୍ଗଳ ଠାରେ ଥିବା ଗୋପାଳ ଜୀଉ ଧାନ ମଣ୍ଡିରେ ଧାନ ମଣ୍ଡି ଶୁଭ ଉଦଘାଟନ ହୋଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଜିତ୍ରାୟ



ଚରଣ ଟୁଡୁ, ଡିଆରସିଏସ ଶ୍ରୀ ପ୍ରଭାସ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ବିନା କଟନୀ ଛଟନୀ ରେ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ରେ ପାକ୍ସ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ସୋମନାଥଙ୍କ ଅମର ଆତ୍ମାର ସଦଗତି କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା



**କାକଟପୁର/ଅସ୍ତରଙ୍ଗ,୧୬।୧ (ସଂଚାର ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଯୋଦ୍ଧା, ଲବଣ ସତ୍ୟାଗ୍ରହ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା, ପ୍ରଗତିଶୀଳ ସାହିତ୍ୟିକ, ଅଣବନ୍ଧୀ ତଥା ବାନର ସେନାରେ ଯୋଗଦାନ, ଶିକ୍ଷା ବିକାଶର ବିନ୍ଧାଣୀ ସ୍ୱର୍ଗତଃ ସୋମନାଥ ପାତ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା 'ତରଫରୁ ଶୁକ୍ରବାର ସନ୍ଧ୍ୟାରେ ସବୁଜ ଶାଖା କ୍ଲବ ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଲୋକ ସମେତ ବହୁ ଶୁଭେଚ୍ଛୁମାନେ ମହମବତୀ ଜାଳି ଶୋଭାଯାତ୍ରା କରିଥିଲେ ଏବଂ ସ୍ୱର୍ଗତଃ ସୋମନାଥ ପାତ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ। ଏହି ଶୋଭାଯାତ୍ରା ରେ ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ, କେଳୁଚରଣ ଓଝା, ରମାକାନ୍ତ ବସ୍ତିଆ, ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର



**ବାରିପଦା,୧୬।୧ (ସଂଚାର ବ୍ୟୁରୋ):** ସମଗ୍ର ଦେଶରେ ଜାନୁଆରୀ ପହିଲାରୁ ଜାନୁଆରୀ ୨୦ ପର୍ଯ୍ୟନ୍ତ ଶୂନ ଦୁର୍ଘଟଣା ସଡ଼କ ସୁରକ୍ଷାସଚେତନତା କାର୍ଯ୍ୟକ୍ରମ ଜୋରଦାର ଚାଲୁଥିବା ବେଳେ ଅମାନିଆ ଚାଳକ ସରକାରଙ୍କ ସମସ୍ତ ନିୟମକୁ ଫୁ କରି ଦେଇଛନ୍ତି। ଦୁର୍ଘଟଣା କମିବା ପରିବର୍ତ୍ତେ ଦୁର୍ଘଟଣା ହୁ ହୁ ହୋଇ ବୃଦ୍ଧି ପାଉଛି । ନବ ବର୍ଷ ଏକ ପକ୍ଷ ମଧ୍ୟରେ ବାମନଘାଟୀ ଉପଖଣ୍ଡରେ ୫ ରୁ ଉର୍ଦ୍ଧ୍ୱ ମୁଣ୍ଡ ସଡ଼କ ଦୁର୍ଘଟଣାରେ ପଡ଼ିଲାଣି । ଯାହାକୁ ନେଇ ପ୍ରଶାସନ ଚିନ୍ତିତ। ସୂଚନାଯୋଗ୍ୟ ଜାତୀୟ ରାଜପଥ ୨୨୦ ନମ୍ବର ରାଇରଙ୍ଗପୁର ରୁ ଟାଟାନଗର ଆଡ଼କୁ ଯାଉଥିବା ଏକ ଟାଟା ମେଜିକ ଗାଡ଼ି ସହିତ ତିରିଂ ଥାନା ଅନ୍ତର୍ଗତ ସାନଡାଳିମା ଛକ ପାଖରେ ତିରିଂରୁ ରାଇରଙ୍ଗପୁର ଆଡ଼କୁ ଆସୁଥିବା ଏକ ବୁଲେଟ (ଓଡି ୧୧ ଏହି ୫୮୦୮) ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ବାଦାମ ପାହାଡ଼ ଥାନା ଅନ୍ତର୍ଗତ ଡୋଭା ଗ୍ରାମର ରୁଦ୍ର ପ୍ରସାଦ ଗିରି (୨୬) ଏବଂ ଗୁରୁତର ହେଲେ ବାଙ୍ଗିରିପୋଷୀ ଥାନା ଅଞ୍ଚଳର ସୁନିଲ ଗିରି (୨୫)ଏବଂ ତପନ ବେହେରା(୨୩) । ଖବର ପାଇ ତିରିଂ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ବହଳଦା ଡାକ୍ତରଖାନାକୁ ମୃତ ଓ ଗୁରୁତରଙ୍କୁ ପଠାଇଥିଲେ । ପରେ ପରିସ୍ଥିତି ଗୁରୁତର ଯୋଗୁଁ ଉଭୟଙ୍କୁ ବାରିପଦା ଜିଲ୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।

## ୪ ଜୁଆଡ଼ି ଗିରଫ, ୩୪ ହଜାର ଟଙ୍କା ଜବତ

**ଗଞ୍ଜାମ,୧୬।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଥାନାର ଆଙ୍କୋରଡା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢଉ କରି ୪ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩୪ ହଜାର ନଗଦ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ଚାରି ଜଣ ଜୁଆଡିଙ୍କୁ କୋର୍ଟଚାଲାଣ କରାଯାଇଛି।